R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୭
ତିଥି: ତ୍ରୟୋଦଶୀ
୦୮ ଅକ୍ଟୋବର ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
08 October 2026, Thursday

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

### ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ସଙ୍କେତ

## ୧୦-୧୨ ସୁଦ୍ଧା ସ୍ପଷ୍ଟ ହେବ ଚିତ୍ର

ଭୁବନେଶ୍ୱର, ୭ ।୧୦ (ସବ୍ୟୁ) : ଅକ୍ଟୋବରରେ ଆମେରିକାର ନ୍ୟାଶନାଲ ଓସିଏନିକ ଆଟମୋସଫିୟରିକ ଆଡମିନିଷ୍ଟ୍ରେସନ (ଏନଓଏଏ) ୧୪-୨୦ ଅକେଫାବର ମଧ୍ୟରେ ଉତ୍ତର ଭାରତ ମହାସାଗରରେ ଘୂର୍ଣ୍ଣିବାତ୍ୟା ଗଠନର ସମ୍ଭାବନା ୨୦-୪୦% ବୋଲି ସଙ୍କେତ ଦେଇଛି। ଏହା ଅକ୍ଟୋବର ମଧ୍ୟଭାଗରେ ସିଷ୍ଟମ୍ ଗଠନର ସଙ୍କେତକୁ ଅଧିକ ସମର୍ଥନ କରୁଛି ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ।

ଶ୍ରୀ ପଶୁପାଳକ କହିଥିଲେ, ଏଥିପାଇଁ ଦୁଇଟି ବଡ଼ କାରଣ ଅନୁକୂଳ ହୋଇପାରେ। ବଙ୍ଗୋପସାଗର ଉପରେ ମୌସୁମୀ ବାୟୁ ଦୁର୍ବଳ ହୋଇ ପବନର ଢାଞ୍ଚା ବଦଳୁଛି। ଭାରତ ମହାସାଗର ଉପରେ ମାଡେନ-ଜୁଲିଆନ ଓସ୍କିଲେସନ(ଏମଜେଓ) ଅଧିକ ଅନୁକୂଳ ହୋଇପାରେ। ଇସିଏମଡବ୍ଲ୍ୟୁଏଫ ଓ ଜିଇଏଫଏସ୍ ମିଶ୍ରିତ ମଡେଲଗୁଡ଼ିକ ଘୂର୍ଣ୍ଣିବାତ୍ୟା ନିଶ୍ଚିତ ଗଠନ ହେବ ବୋଲି ନୁହେଁ, ବରଂ ସିଷ୍ଟମ୍ ଗଠନ ପାଇଁ ପରିବେଶ ଅନୁକୂଳ ହେବା ଉପରେ ଅଧିକ ସହମତ । ଦୁଇଟି ମଡେଲରେ ଭାରତ ମହାସାଗର ଉପରେ ଏମଜେଓ ସକ୍ରିୟ ହେବାର ସଙ୍କେତ ରହିଛି । ତେବେ ଜିଇଏଫ୍ଏସ୍‌ରେ ଅନିଶ୍ଚିତତା ଅଧିକ ରହିଛି ।

ଅନୁକୂଳ ପରିବେଶ ପାଇଁ ସଙ୍କେତ ବଢୁଛି । ବଙ୍ଗୋପସାଗରରେ ସିଷ୍ଟମ୍ ସମ୍ଭାବନା ବଢୁଥିବା ବେଳେ ଘୂର୍ଣ୍ଣିବାତ୍ୟା ଗଠନ ଏପର୍ଯ୍ୟନ୍ତ ନିଶ୍ଚିତ ନୁହେଁ। ପୂର୍ବରୁ ଦିଆଯାଇଥିବା ଦୀର୍ଘମିଆଦି ସଙ୍କେତ ଏବେ ମଧ୍ୟ ମୋଟାମୋଟି ରହିଛି । ୧୨ ଅକ୍ଟୋବର ପାଖାପାଖି ଉତ୍ତର ଆଣ୍ଡାମାନ ସାଗରରେ ଘୂର୍ଣ୍ଣି ପ୍ରବାହ ରହିବ । ତା'ପରେ ଆଣ୍ଡାମାନ ସାଗରରେ ଲଘୁଚାପ କ୍ଷେତ୍ର ଗଠନ ହୋଇପାରେ । ଏହା ପରେ ସିଷ୍ଟମ୍ କେତେ ଶକ୍ତିଶାଳୀ ହେବ ଓ କେଉଁ ଦିଗକୁ ଯିବ, ତାହା ଏବେ ଅନିଶ୍ଚିତ ।

ଘୂର୍ଣ୍ଣି ପ୍ରବାହ ବା ଲଘୁଚାପ ଗଠନ ହେଲେ ଦୁଇଟି ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ହେବ । ଲଘୁଚାପ କେଉଁଠାରେ ଗଠିତ ହେବ? ଯଦି ଏହା ଅଧିକ ଉତ୍ତରକୁ ସରି ପୂର୍ବ-ମଧ୍ୟ ବଙ୍ଗୋପସାଗରରେ ସଂଗଠିତ ହୁଏ, ତେବେ ଓଡ଼ିଶା ପାଇଁ ଏହାର ଗୁରୁତ୍ୱ ବଢ଼ିବ । ୧୦-୧୨ ଅକେଫାବର ପାଖାପାଖି ଚିତ୍ର ଅଧିକ ସ୍ପଷ୍ଟ ହୋଇପାରେ । ବର୍ତ୍ତମାନ ଓଡ଼ିଶା ପାଇଁ ସିଧାସଳଖ ବିପଦର କୌଣସି ବିଶ୍ୱସନୀୟ ସଙ୍କେତ ନାହିଁ। ସିଷ୍ଟମ୍ ଉପରେ ନଜର ରଖିବା ଦରକାର, କିନ୍ତୁ ଏବେ ଭୟଭୀତ ହେବାର କାରଣ ନାହିଁ । (୯ ପୃଷ୍ଠାରେ)

### ସାଧାରଣ ଜୀବନରେ ମୋଦୀଙ୍କ ୨୫ ବର୍ଷ

## ୨୦୪୭ ସୁଦ୍ଧା ବିକଶିତ ଭାରତ



ନୂଆଦିଲ୍ଲୀ, ୭ ।୧୦ : ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଦେଶବାସୀଙ୍କୁ 'ଆମେ କରିବୁ' ମନ୍ତ୍ରରେ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବୁଧବାର ସର୍ବସାଧାରଣ ଜୀବନରେ ୨୫ ବର୍ଷ ପୂରଣ ଅବସରରେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ସଭା'ରେ ମୋଦୀ କହିଛନ୍ତି ଯେ ଭାରତକୁ ୨୦୪୭ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି, ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଏବଂ ବଜାର ନେତୃତ୍ୱ ଦେଶରେ ପରିଣତ କରିବା ଲକ୍ଷ୍ୟ ରହିବା ଉଚିତ।

ସେ କହିଛନ୍ତି, ଯେଉଁ ଦେଶ ଯୁଦ୍ଧ, ଆକ୍ରମଣ ଓ ବିଦେଶୀ ଶାସନରେ ଦୁର୍ବଳ ହୋଇଥିଲା, ସେହି ଦେଶର ଲୋକେ ତ୍ୟାଗ କରି ସ୍ୱାଧୀନତା ହାସଲ କରିଥିଲେ। ଏବେ ବିକଶିତ ଭାରତ ଗଠନ ପାଇଁ ଦେଶବାସୀଙ୍କୁ ଦେଶ ପାଇଁ କାମ କରିବାକୁ ପଡ଼ିବ।

କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମହାକାଶ ପ୍ରଯୁକ୍ତି ଓ ଜଳବାୟୁ ସଙ୍କଟର ମୁକାବିଲା କ୍ଷେତ୍ରରେ ଭାରତକୁ ନେତୃତ୍ୱ (୯ ପୃଷ୍ଠାରେ)

## ଏସ୍ଇବିସିଙ୍କ ଲାଗି ଗଠନ ହେଲା କମିଶନ

ଭୁବନେଶ୍ୱର, ୭ ।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ (ପଞ୍ଚାୟତ ଓ ପୌରାଞ୍ଚଳ) ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗର (ଏସ୍ଇବିସି) ଲୋକଙ୍କ ସଂଖ୍ୟା, ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ସବୁ ସଂସ୍ଥାରେ ସେମାନେ ରାଜନୈତିକ ଭାବେ କେତେ ପଛୁଆ ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଶନ ଗଠନ କରାଯାଇଛି।

ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ଏହି କମିଶନର ଅଧ୍ୟକ୍ଷ ଅଛନ୍ତି । ଏଥିସହିତ ଅବସରପ୍ରାପ୍ତ ଆଇଏଏସ୍ ବିଜୟ କୁମାର ପୃଷ୍ଟି ଏହି କମିଶନର ସଦସ୍ୟ ଭାବେ କାର୍ଯ୍ୟ କରିବେ । ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସୁଜାତା ମିଶ୍ର କମିଶନର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ । ଏହି କମିଶନ ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଥିବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ, ସେ ଅଞ୍ଚଳର ସମୁଦାୟ ଲୋକସଂଖ୍ୟା ତୁଳନାରେ ଏସ୍ଇବିସି ମାନଙ୍କର ସଂଖ୍ୟାର ଅନୁପାତ ସମ୍ପର୍କରେ ଅନୁଧ୍ୟାନ କରିବ । ଏହା ସହିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକରେ ସେମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏବଂ ସେହି ତୁଳନାରେ ସେମାନେ ରାଜନୈତିକ ଦୃଷ୍ଟିକୋଣରୁ କେତେ (୯ ପୃଷ୍ଠାରେ)

### ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଇଣ୍ଡିଆ ବ୍ଲକ୍‌ର ବିକ୍ଷୋଭ

## ରାହୁଲ ଅଟକ, ପ୍ରିୟଙ୍କାଙ୍କୁ ଘୋଷାଡ଼ିଲା ପୋଲିସ



ନୂଆଦିଲ୍ଲୀ, ୭ ।୧୦ : ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ପ୍ରତିବାଦ ବଢୁଛି। ଗତକାଲି ଇଣ୍ଡିଆ ବ୍ଲକ୍‌ର ୩୦୦ ସାଂସଦ ଶୋଭାଯାତ୍ରା କରି ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଯାଇଥିବାବେଳେ ଆଜି ମଧ୍ୟ ବିରୋଧୀ ସାଂସଦ ଏହାର ପ୍ରତିବାଦ କରିଛନ୍ତି। ଯନ୍ତରମନ୍ତରକୁ ଆନ୍ଦୋଳନ ପାଇଁ ବିରୋଧୀ ସାଂସଦମାନେ ପ୍ରସ୍ତୁତ ହୋଇଥିବାବେଳେ ପୋଲିସ ତାଙ୍କୁ ଅଧା ରାସ୍ତାରେ ଅଟକାଇଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ପୋଲିସ ସେଠାରୁ ଉଠାଇ ନେଇ ଅଟକ ରଖିଛି। ତେବେ ସୂଚନା ଅନୁଯାୟୀ ଦୁଇଘଣ୍ଟା ପରେ ରାହୁଲଙ୍କୁ ପୋଲିସ ଛାଡ଼ିଛି। ତେବେ ପ୍ରିୟଙ୍କା ଗାନ୍ଧି ଅଭିଯୋଗ କରିଛନ୍ତି ଯେ ପୋଲିସ ତାଙ୍କୁ ରାସ୍ତାରେ ପକାଇ ଘୋଷାଡ଼ିଛି।

ଆଶ୍ଚର୍ଯ୍ୟଜନକ ଭାବେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଏଭଳି ଆନ୍ଦୋଳନ ଡାକରା ଦିଆଯାଇଥିଲା। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ ଆଜି ମଧ୍ୟାହ୍ନ ଭୋଜନରେ ବିରୋଧୀ ସାଂସଦମାନଙ୍କୁ ଜନପଥ ଠାରେ ଆପ୍ୟାୟିତ କରିଥିଲେ। ଏହାପରେ ବିରୋଧୀ ସାଂସଦମାନେ ଭୋଟ୍ ଚୋରୀ ପ୍ରସଙ୍ଗ ଓ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଯନ୍ତର ମନ୍ତର ଆଡକୁ (୯ ପୃଷ୍ଠାରେ)

## ଆଜି ଇଣ୍ଡିଆ ବ୍ଲକର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୭ ।୧୦ (ସବ୍ୟୁ) : ଓଡ଼ିଶାର ଗଣତାନ୍ତ୍ରିକ ଅଧିକାର ଓ ସ୍ୱାର୍ଥ, ଲୋକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଇଣ୍ଡିଆ ବ୍ଲକ ଗୁରୁବାର ୧୨ ଘଣ୍ଟିଆ ବନ୍ଦ ଆହ୍ୱାନ କରାଯାଇଛି। ଏହାସହ ଏମଏମଡ଼ିଆର୍ ସଂଶୋଧନ ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବରଖାସ୍ତ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତ ସମସ୍ତ ଲୋକଙ୍କୁ ତୁରନ୍ତ ରିଲିଫ ଓ ପୁନର୍ବାସ ସହାୟତା ଯୋଗାଇବା ପାଇଁ ବନ୍ଦ ପାଳନରେ ଦାବି କରାଯିବ ।

ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ବନ୍ଦପାଳନ କରିବା ଲାଗି "ଇଣ୍ଡିଆ ବ୍ଲକ ପକ୍ଷରୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦିଆଯାଇଛି । ବନ୍ଦ ସମୟରେ ବସ, ଟ୍ରକ, ସାଧାରଣ (୯ ପୃଷ୍ଠାରେ)

### ସାମିଲ ହେବନି ବିଜେଡି

ଭୁବନେଶ୍ୱର, ୭ ।୧୦ (ସବ୍ୟୁ) : ଆସନ୍ତା ଇଣ୍ଡିଆ ବ୍ଲକ୍ ପକ୍ଷରୁହ୍ୱୋକୁ ଥିବା ଓଡ଼ିଶା ବନ୍ଦ ଡାକରାରେ ବିଜୁ ଜନତା ଦଳ ସାମିଲ ହେବନାହିଁ ବୋଲି ସ୍ପଷ୍ଟ କରିଛି । ପ୍ରଥମେ ବନ୍ଦକୁ ସମର୍ଥନ କରୁଛନ୍ତି ବୋଲି ବିଜେଡି ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ। ଏହାର କିଛି ସମୟ ପରେ ବନ୍ଦରେ ବିଜେଡି ସାମିଲ ହେବନାହିଁ ବୋଲି ସ୍ପଷ୍ଟ କରିଛି । (୯ ପୃଷ୍ଠାରେ)

### ରାଜଧାନୀ ଜଗିବେ ୧୮ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୭ ।୧୦ (ସବ୍ୟୁ) : ଇଣ୍ଡି ମେଣ୍ଟ ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ ଗୁରୁବାର ୧୮ ପ୍ଲାଟୁନ ଫୋର୍ସ ରାଜଧାନୀ ଜଗିବେ ବୋଲି ଡିସିପି ସର୍ବଣା ବିବେକ ଏମ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଫୋର୍ସଙ୍କୁ ମନିଟରିଂ କରିବା ପାଇଁ ୧୦୦ ଅଫିସର ନିୟୋଜିତ ହେବେ । ଗୁରୁବାର ରାଜ୍ୟର ବିଭିନ୍ନ ସହରରେ ବନ୍ଦ ପାଳନ ହେବାକୁ ଥିବାବେଳେ ରାଜଧାନୀରେ ବନ୍ଦ ପାଳନକୁ (୯ ପୃଷ୍ଠାରେ)









## ବାୟୁସେନା ଦିବସ

୧୯୩୨ ମସିହା ଅକ୍ଟୋବର ୮ ତାରିଖରେ ଭାରତୀୟ ବାୟୁସେନା ବିଭାଗ ପ୍ରତିଷ୍ଠା କରାଯାଇଥିଲା । ଯାହାଫଳରେ ପ୍ରତିବର୍ଷ ଅକ୍ଟୋବର ୮ ତାରିଖକୁ ଭାରତୀୟ ବାୟୁସେନା ଦିବସ ରୂପେ ପାଳନ କରାଯାଇଥାଏ । ଏହି ଅବସରରେ ଦେଶରେ ପ୍ୟାରେଡ୍ ଠାରୁ ଆରମ୍ଭ କରି ଅନେକ ଏୟାର୍ ସୋ' ଆୟୋଜନ କରାଯାଏ । ଚଳିତବର୍ଷ ବାୟୁସେନା ପକ୍ଷରୁ ୯୧ତମ ବାୟୁସେନା ଦିବସ ପାଳନ କରାଯିବ । ଉଭୟ ସରକାରୀ ତଥା ସର୍ବସାଧାରଣରେ ଭାରତୀୟ ବାୟୁସେନାର ସଚେତନତାକୁ ବୃଦ୍ଧି କରିବା ଲାଗି ଏହି ଦିବସ ପାଳନ କରାଯାଉଛି । ଏହି ଦିନରେ ବାୟୁସେନା ଅଧିକାରୀଙ୍କ ଦ୍ୱାରା ଡ୍ରିଲ୍ ମଧ୍ୟ କରାଯାଇଥାଏ । ଆମେରିକା, ଚୀନ୍ ଓ ରୁଷ୍ ପରେ ଭାରତୀୟ ବାୟୁସେନା ହେଉଛି ବିଶ୍ୱର ଚତୁର୍ଥ ସର୍ବବୃହତ୍ ବାୟୁସେନା ।

## ଲାଲ୍ ଓଠ ଥିବା ମାଛ

ଗଭୀର ସମୁଦ୍ରର ଅଦ୍ଭୁତ ତଥା ରହସ୍ୟମୟ ଜୀବମାନଙ୍କ ମଧ୍ୟରେ 'ରେଡ୍-ଲିପ୍ଡ ବ୍ୟାଟ୍‌ଫିସ୍' ନାମକ ଏକ ବିଶେଷ ପ୍ରଜାତିର ମାଛ ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ମାଛଟିର ଓଠ ଗୁଡ଼ିକ ଏତେ ଗାଢ଼ ଲାଲ୍ ରଙ୍ଗର ହୋଇଥାଏ ଯେ ସେଥିରେ ଲିପ୍‌ଷ୍ଟିକ୍ ଲଗାଯାଇଥିବା ଭଳି ଦେଖିବାକୁ ମିଳିଥାଏ । ତେବେ କେବଳ ଏହାର ନାଲି ଓଠ ନୁହେଁ, ବରଂ ଏହାର ଚାଲିଚଳନ ଏବଂ ଶାରୀରିକ ଗଠନ ମଧ୍ୟ ସାଧାରଣ ମାଛମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାଧାରଣତଃ ମାଛମାନେ ସମୁଦ୍ର ଜଳରେ ପହଁରିଥାନ୍ତି, କିନ୍ତୁ ଏହି ବ୍ୟାଟ୍‌ଫିସ୍ ସନ୍ତରଣ କରିବା ବଦଳରେ ନିଜର ପେକ୍ଟୋରାଲ୍ ଏବଂ ପେଲଭିକ୍ , ଫିନ୍ ବା ଡେଣା ଗୁଡ଼ିକୁ ଗୋଡ଼ ଭଳି ବ୍ୟବହାର କରି ସମୁଦ୍ର ତଳଦେଶରେ ଚାଲି ଚାଲି ଯାଇଥାଏ । ଚଉଡ଼ା ଓ ଚେପ୍‌ଟା ମୁଣ୍ଡ ବିଶିଷ୍ଟ ଏହି ମାଛ ଗୁଡ଼ିକ ମୁଖ୍ୟତଃ ଗାଲାପାଗୋସ୍ ଦ୍ୱୀପପୁଞ୍ଜ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରର ୨୦ ରୁ ୪୦ ମିଟର ଗଭୀରତାରେ ଦେଖିବାକୁ ମିଳିଥାନ୍ତି । ଏହି ମାଛ ଶିକାର କରିବା ପାଇଁ ଏକ ନିଆରା କୌଶଳ ଆପଣାଇଥାଏ । ଏହାର ମୁଣ୍ଡ ଆଗରେ ଏକ ଛୋଟ ଅଙ୍ଗ ଥାଏ ଯାହା ବଡ଼ଶୀର ଆମିଷ କାଟି ଭଳି କାମ କରେ । ଏହାକୁ ହଲାଇ ସେ ଛୋଟ ମାଛ ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ସହ ସେମାନେ ପାଖକୁ ଆସିବା କ୍ଷଣି ଶିକାର କରିଥାଏ । ନିକଟରେ କିଛି ସ୍କୁବା ଡାଇଭର ଏବଂ ଅଣ୍ଡରୱାଟର ଭିଡିଓଗ୍ରାଫରଙ୍କ ଦ୍ୱାରା ଉତ୍ତୋଳିତ ଏହି ସାମୁଦ୍ରିକ ଜୀବର କିଛି ଅଦ୍ଭୁତ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯାହାପରେ ଏହି ପ୍ରଜାତିଟି ପୁଣିଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି ।



## ସୋସିଆଲ କୋଟ୍ସ



ଯେପରି ବହିର ଶେଷ ପେଜ୍ ବନ୍ଦ କରିବାକୁ ଇଚ୍ଛା ହୋଇନଥାଏ । ସେହିଭଳି ସୁଟିଂର ଲାଷ୍ଟ ଦିନ ମଧ୍ୟ କଷ୍ଟ ଦେଇଥାଏ । ମୋ ସହିତ ଏହା ସବୁ ସେଟ୍‌ରେ ହୋଇଥାଏ ।

ନିମ୍ରିତ କୌର, ଅଭିନେତ୍ରୀ



ଯେଉଁମାନଙ୍କର ପରିବାର ସେମାନଙ୍କୁ ସପୋର୍ଟ କରନ୍ତି ସେମାନେ ଭାଗ୍ୟଶାଳୀ ହୋଇଥାଆନ୍ତି । ଜୀବନରେ ଏଭଳି ସମସ୍ୟା ଆସେ ଯେଉଁଠି ପରିବାର ହିଁ ଆପଣଙ୍କୁ ସହାୟତା କରିଥାଏ ।

ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ



ଯଦିଓ ମୋର ସୁଶାନ୍ତଙ୍କ ସହ କାଇ ପୋଛେ ସିନେମାରେ ଗୋଟିଏ ସିନ୍ ଥିଲା, କିନ୍ତୁ ତାଙ୍କର ମୋର ବହୁତ ଅଧିକ ମଜା କରିଛୁ । ମୁଁ ସବୁବେଳେ ତାଙ୍କ ହୋଟେଲ ରୁମରେ ହିଁ ଥାଏ । ସେ ଜଣେ ବହୁତ ଭଲ ଲୋକ ଥିଲେ ।

ମାନବ କୌଲ, ଅଭିନେତା

## ବ୍ୟସ୍ତ ଅଛନ୍ତି ରିଷଭ



'କାନ୍ତାରା' ଷ୍ଟାର ରିଷଭ ସେଟ୍ଟୀ ଏବଂ 'ମଞ୍ଜୁମ୍ମେଲ ବଏଜ୍' ନିର୍ଦ୍ଦେଶକ ଚିଦାମ୍ବରମ୍ ଏକ ନୂତନ କନ୍ନଡ଼ ସ୍ପୋର୍ଟସ ଡ୍ରାମା ପାଇଁ ହାତ ମିଳାଇଛନ୍ତି । ଆଗାମୀ ବର୍ଷରୁ ଏହି ବହୁପ୍ରତୀକ୍ଷିତ ସିନେମାର ସୁଟିଂ ଆରମ୍ଭ ହେବାକୁ ଥିବାବେଳେ ପ୍ରଯୋଜକ ଶିବୁ ଥାମିନ୍ସଙ୍କ ଦ୍ୱାରା ଏହାର ପ୍ରି-ପ୍ରଡକ୍ସନ୍ କାର୍ଯ୍ୟ ଜାରି ରହିଛି । ଆଞ୍ଚଳିକ ତଥା ଭାବପୂର୍ଣ୍ଣ କାହାଣୀ ପାଇଁ ଜଣାଶୁଣା ଏହି ଦୁଇ କଳାକାର ଦୁଇଟି ଚଳଚ୍ଚିତ୍ରରେ ଆଗକୁ ନଜର ଆସୁଥିବା ସୂଚନା ରହିଛି । 'ଜୟ ହନୁମାନ' ଏବଂ 'କାନ୍ତାରା'ର ପରବର୍ତ୍ତୀ ଭାଗ ସହିତ ଏହି କ୍ରୀଡ଼ା ଭିତ୍ତିକ ସିନେମା ରିଷଭଙ୍କ କ୍ୟାରିୟର ପାଇଁ ଏକ ଭିନ୍ନ ମୋଡ ସାବ୍ୟସ୍ତ ହେବ ବୋଲି ଚର୍ଚ୍ଚା ହେଉଛି । ତେବେ କାହାଣୀ, ଅନ୍ୟାନ୍ୟ କଳାକାର ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ଖୁବଶୀଘ୍ର ଏହାର ଆନୁଷ୍ଠାନିକ ଘୋଷଣା କରାଯିବବୋଲି ଜଣା ପଡିଛି ।

## ଗଭୀର ନିଦରେ ଶୋଇବାକୁ ପୁରସ୍କାର

ଜାପାନର ମ୍ୟାଟ୍ରେସ କମ୍ପାନୀ 'କୋଆଲା ସ୍ଲିପ୍ ' ଦ୍ୱାରା ଆୟୋଜିତ "ମ୍ୟାଟ୍ ରେସ୍" ପ୍ରତିଯୋଗିତାରେ ସବୁଠାରୁ ଗଭୀର ନିଦ୍ରାରେ ଶୋଇ ଜଣେ ମହିଳା ବିଜେତା ହୋଇଛନ୍ତି । ସୁଇମି ନାମ୍ନୀ ଉକ୍ତ ମହିଳା ୧୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଛନ୍ତି । ୯୦ ମିନିଟର ଏହି ପ୍ରତିଯୋଗିତାରେ ନିଦ୍ରା-ଟ୍ରାକିଂ ଉପକରଣ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କ ଗଭୀର ନିଦ୍ରାକୁ ମାପ କରାଯାଇଥିଲା । ଏହି ମାପ ପରେ ସୁଇମି ସବୁଠାରୁ ଶୀଘ୍ର ଏବଂ ଗଭୀର ନିଦ୍ରା ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡିଥିଲା । ଜାପାନରେ ନିଦ୍ରାହୀନତା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବାରୁ ଏଭଳି ପ୍ରତିଯୋଗିତାର ଆୟୋଜନ ହେଉଥିବା ଜଣାପଡିଛି । ସୋସିଆଲ ମିଡିଆରେ ଉକ୍ତ ପ୍ରତିଯୋଗିତାଟି ଖୁବ ଭାଇରାଲ ହେବାରେ ଲାଗିଛି ।



## ଇତିହାସ



ପ୍ରେମଚାନ୍ଦ

୧୯୩୧- ଭାରତୀୟ ରାଜନୀତିଜ୍ଞ ପଦ୍ମନାଭ ବାଳକୃଷ୍ଣ ଆଚାର୍ଯ୍ୟଙ୍କ ଜନ୍ମ ।

୧୯୩୬- ପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ପ୍ରେମଚାନ୍ଦଙ୍କ ମୃତ୍ୟୁ ।

୧୯୯୮- ଫ୍ଲାଇଙ୍ଗ୍ ସେଫ୍‌ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା ଭାରତ ।

୧୯୯୮- ଭାରତୀୟ ମହିଳା ରେସଲର ଦିବ୍ୟା କାକରନ୍‌ଙ୍କ ଜନ୍ମ ।

୨୦୦୨- ପାକିସ୍ତାନ ତରଫରୁ ସାହୀନ ମିସାଇଲ୍‌ର ପୁନଃ ପରୀକ୍ଷଣ ।

୨୦୦୩- ଇରାନର ଓକିଲ ତଥା ଲେଖିକା ଶିରୀନ ଇବାଦୀଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା ।

୨୦୦୪- ଶାନ୍ତି ପାଇଁ କେନ୍ୟା ପରିବେଶବିତ୍ ୱାଙ୍ଗରୀ ମାଥାଇଙ୍କୁ ନୋବେଲ ପୁରସ୍କାର ପାଇଁ ଘୋଷଣା ।

## ସନ୍ତାନଙ୍କ ଭବିଷ୍ୟତ ପାଇଁ ସଂଘର୍ଷ

ଝାଡ଼ଖଣ୍ଡର କବିତା କୁମାରୀ ନାମ୍ନୀ ଜଣେ ମହିଳା ଜୋତା କିମ୍ବା ଟ୍ରାକସୁଟ୍ କିଣିବାକୁ ଅସମର୍ଥ ହୋଇ ଶାଢ଼ୀ ପିନ୍ଧି ଓ ଖାଲି ପାଦରେ ହୋମ୍ ଗାର୍ଡ ନିଯୁକ୍ତି ଦୌଡ଼ରେ ଭାଗ ନେଇ ପ୍ରଶଂସିତ ହୋଇଛନ୍ତି । ସନ୍ତାନମାନଙ୍କ ଭବିଷ୍ୟତ ପାଇଁ ତାଙ୍କର ଏହି ସଂଘର୍ଷ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ଅକ୍ଟୋବର ୪ରେ ଏକ ବେସରକାରୀ ଏକାଡେମୀର ଟ୍ରାଏଲ୍‌ରେ ୧,୬୦୦ ମିଟର ଦୌଡ଼ ପାଇଁ ୧୦ ମିନିଟ୍ ସମୟ ଧାର୍ଯ୍ୟ ଥିବାବେଳେ, ସେ ଏହାକୁ ମାତ୍ର ୬ ମିନିଟ୍‌ରେ ସମ୍ପୂର୍ଣ୍ଣ କରିଥିଲେ । ସ୍ୱାମୀଙ୍କ ଦେହାନ୍ତ ପରେ ନିଜର ଦୁଇ ସନ୍ତାନଙ୍କ ଭବିଷ୍ୟତ ଓ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ରାମଗଡ଼ରେ ବାହାରିଥିବା ୨୮୪ଟି ହୋମ୍ ଗାର୍ଡ ପଦବୀ ପାଇଁ ସେ ନିୟମିତ ପ୍ରଶିକ୍ଷଣ ନେଉଛନ୍ତି । ଏହି ଦୌଡ଼ର ଭିଡିଓ ଭାଇରାଲ ହେବା ପରେ ବିଧାୟକ ଜୟରାମ ମାହାତୋ ତାଙ୍କୁ ଜୋତା ଓ ଟି-ସାର୍ଟ ପ୍ରଦାନ କରିଛନ୍ତି । ସେହିଭଳି ସୋସିଆଲ ମିଡିଆରେ ମଧ୍ୟ ତାଙ୍କର ଏହି ପରିଶ୍ରମକୁ ଲୋକମାନେ ଖୁବ ପ୍ରଶଂସା କରୁଛନ୍ତି ।



## ଓଡ଼ିଆ ରୁଚି

### ଛେନାଗଜା



**ସାମଗ୍ରୀ-** ଛେନା ୫୦୦ ଗ୍ରାମ, ସୁଜି ୪ ଚାମଚ, ଚିନି ଚାରିକପ, ଗୁଜୁରାତି ଗୁଣ୍ଡ ୩ ଚାମଚ, ।

**ପ୍ରଣାଳୀ-** ଛେନାରୁ ପାଣି ନିଗାରି ସୁଜି ମିଶାଇ ଛେନାକୁ ବାଟିଦିଅନ୍ତୁ । ଏହି ବଟା ଛେନାରେ ଗୁଜୁରାତି ଗୁଣ୍ଡ ମିଶାଇ ଗଜାପରି ଗଢ଼ନ୍ତୁ । ଏଥର ଚିନିସିରା ପ୍ରସ୍ତୁତ କରନ୍ତୁ । ସିରା ଫୁଟୁଥି ବା ଅବସ୍ଥାରେ ପୂର୍ବତିଆରି ଗଜାକୁ ପକାନ୍ତୁ । ସିରା ଅଠା ହୋଇ ଆସିଲେ ଗଜାଗୁଡ଼ିକୁ ବାହାରକୁ କାଢ଼ିନିଅନ୍ତୁ । ପ୍ରସ୍ତୁତ ହୋଇଯିବ ଛେନାଗଜା ।



**ମେଷ:** ଦ୍ରବ୍ୟଲାଭ, ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ପାରିବାରିକ ଖୁସି, ନୂତନ ନିଯୁକ୍ତି, ବନ୍ଧୁ ସାହାଯ୍ୟ, ଶତ୍ରୁ ପରାଜିତ, ଦ୍ୟବସାୟରେ ଲାଭ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** ବନ୍ଧୁ ସହଯୋଗ, ନୂତନ ଆୟ, ମାନସିକ ଶାନ୍ତି, କର୍ମକ୍ଷେତ୍ରେ ପରିଶ୍ରମ, ଦାମ୍ପତ୍ୟଖୁସି, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ବିଦେଶ ଭ୍ରମଣଯୋଗ, ଭୂସମ୍ପତ୍ତିଲାଭ। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ବିଷ୍ଣୁ ଭଗବାନ ।

**ମିଥୁନ:** ଚିଡ଼ିଚିଡ଼ା ସ୍ୱଭାବ, ହେବାକାର୍ଯ୍ୟ ବିଳମ୍ବ, ବ୍ୟବସାୟରେ ଶତ୍ରୁବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁଲାଭ, ଗୁରୁଜନଙ୍କ ଆଶିର୍ବାଦ, ଅର୍ଥଚିନ୍ତା, ଦାମ୍ପତ୍ୟ କଳହ, ଭ୍ରାତୃସ୍ନେହ । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଶରୀର ଅସୁସ୍ଥ, ହଠାତ୍ ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁସାହାଯ୍ୟ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ପଦବୀଲାଭ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ଶତ୍ରୁ ପରାଜିତ, ଦାମ୍ପତ୍ୟସୁଖ। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୫, ଆରାଧନା-ମା' ଗୌରୀ ।

**ସିଂହ:** ନୂତନ କର୍ମଆରମ୍ଭ, ବ୍ୟବସାୟରେ ଉନ୍ନତି, ପାରିବାରିକ ସୁଖ, ଅଯଥା ଖର୍ଚ୍ଚ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସହଯୋଗ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**କନ୍ୟା:** ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସାହାଯ୍ୟ, ନୂତନ ବନ୍ଧୁଲାଭ, ମାନସିକ ଶାନ୍ତି, ଯାତ୍ରା ସଫଳ, ଅନୁଷ୍ଠାନର ଲାଭ, ଶତ୍ରୁସମସ୍ୟା, ହେବାକାର୍ଯ୍ୟ ବିଳମ୍ବ। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ତୁଳା:** ଶୁଭଖବର, କର୍ମକ୍ଷେତ୍ରେ ସମସ୍ୟା, ଦାମ୍ପତ୍ୟସୁଖ, ଅନୁଷ୍ଠାନରୁ ଲାଭ, ସମ୍ମାନ ପ୍ରାପ୍ତି, ସୁମିଷ୍ଟ ଭୋଜନ, ଦ୍ରବ୍ୟଲାଭ, ବନ୍ଧୁସାହାଯ୍ୟ, ଅର୍ଥଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବ୍ୟୟବୃଦ୍ଧି, ମାନସିକ ଅବସାଦ, ବ୍ୟବସାୟିକ କଷ୍ଟ, ସନ୍ତାନଲାଭ, ମେଡ଼ିକାଲ ସମସ୍ୟା, ଲୋକସମ୍ପର୍କରେ ଉନ୍ନତି, ତୀର୍ଥଯାତ୍ରା ସଫଳ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଯାତ୍ରା ଶୁଭ, ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, ଅର୍ଥଲାଭ, ଦୂରଯାତ୍ରାରେ କଷ୍ଟ, ବ୍ୟବସାୟରେ ଲାଭ, ଉତ୍ତମବ୍ୟକ୍ତି ସାହାଯ୍ୟ, ଦେବକାର୍ଯ୍ୟରେ ସଫଳ, ସ୍ୱାଦିଷ୍ଟ ଭୋଜନ। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ ।

**ମକର:** ସମ୍ମାନଲାଭ, ବନ୍ଧୁସାହାଯ୍ୟ, ପାରିବାରିକ ଖୁସି, ଅର୍ଥଲାଭ, ଦେବକାର୍ଯ୍ୟରେ ସଫଳ, ଉତ୍ସବକୁ ନେଇ ଦୂରଯାତ୍ରା, ଶତ୍ରୁ ପରାଜିତ, ମାନସିକ ଶାନ୍ତି, ଗୃହେ ଶୁଭ ଆଲୋଚନା। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମା' ମାଣିକେଶ୍ୱରୀ ।

**କୁମ୍ଭ:** ଶୁଭଖବର, ଦ୍ରବ୍ୟଲାଭ, ସମ୍ପତ୍ତିସୁଖ, ଶୁଭ ଆଲୋଚନା, ବନ୍ଧୁଲାଭ, ପାରିବାରିକ ଶାନ୍ତି, ଦୂରଯାତ୍ରା ସଫଳ, ସ୍ୱାସ୍ଥ୍ୟଲାଭ, ଲୋକସମ୍ପର୍କରେ ଉନ୍ନତି, ସ୍ୱାଦିଷ୍ଟ ଭୋଜନ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା- ମା' ଦକ୍ଷିଣକାଳୀ ।

**ମୀନ:** ଶାରୀରିକ କଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ଯାତ୍ରାରେ ସତର୍କ, ବନ୍ଧୁସହଯୋଗ, ପାରିବାରିକ ବିବାଦ, ତୀର୍ଥାଟନ, ଦେବଦର୍ଶନ, ଦ୍ରବ୍ୟନଷ୍ଟ, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ,ସଂଖ୍ୟା-୫, ଆରାଧନା- ମା' ଗୌରୀ ।

ଆଶ୍ୱିନ କୃଷ୍ଣ ପକ୍ଷ ତ୍ରୟୋଦଶୀ
୮.୧୦.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ ମୁଖ୍ୟ ଭାବେ ୨୫ ବର୍ଷ ପୂର୍ତ୍ତି ଅବସରରେ

# 'ବିକଶିତ ଭାରତ ସଂକଳ୍ପ ସଭା' ଏବଂ 'ସେବା ଜ୍ୟୋତି ଯାତ୍ରା'

ଭୁବନେଶ୍ୱର,(ସବ୍ୟୁ) : ରାଷ୍ଟ୍ର ନିର୍ମାଣ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବା, ସୁଶାସନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାଠାରୁ ଆରମ୍ଭ କରି ଦେଶର ପ୍ରଧାନମନ୍ତ୍ରୀ ଭାବେ ଜନସେବା କରିବା ପର୍ଯ୍ୟନ୍ତ - ଶାସନ ମୁଖ୍ୟ ଭାବେ ତାଙ୍କର ୨୫ ବର୍ଷର ସଫଳ ଓ ନିରବଚ୍ଛିନ୍ନ ଯାତ୍ରା ଭାରତର ବିକାଶ ଇତିହାସରେ ଏକ ନୂତନ ଯୁଗର ସୂତ୍ରପାତ କରିଛି । ଏହି ଐତିହାସିକ ମୁହୂର୍ତ୍ତ ଅବସରରେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ସଭା' ଏବଂ 'ସେବା ଜ୍ୟୋତି ଯାତ୍ରା' ଭାରତର ସାମର୍ଥ୍ୟ, ଗରୀବ କଲ୍ୟାଣ ଏବଂ ଜନ-ସେବାର ଭାବନାକୁ ଆହୁରି ସୁଦୃଢ଼ କରିଛି । ଏହି ବିଶେଷ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନମୂଳକ ଓ ପ୍ରେରଣାଦାୟୀ ଅଭିଭାଷଣ ସମଗ୍ର ଦେଶବାସୀଙ୍କ ମନରେ ବିକଶିତ ଭାରତ ୨୦୪୭ ସଂକଳ୍ପକୁ ପୂରଣ କରିବା ପାଇଁ ନୂତନ ଉତ୍ସାହ ଓ ଶକ୍ତି ଓଡ଼ିଶାରେ ୩୦ ଟି ରାଜସ୍ୱ ଜିଲ୍ଲା ସହ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ



## ମୋଦିଜୀଙ୍କ ନେତୃତ୍ୱରେ ବିକଶିତ ଭାରତର ସ୍ୱପ୍ନ ସାକାର ହେବ : ମନମୋହନ

ଭରିଦେଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଅବସରରେ ଲୋକଙ୍କ ସହ କଥା ହୋଇଛନ୍ତି ମୋଦିଜୀ । ଭୁବନେଶ୍ୱରର କାରଗିଲ ପଡିଆଠାରେ ଅନୁଷ୍ଠିତ "ବିକଶିତ ଭାରତ ସଂକଳ୍ପ ସଭା"ରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ବିଗତ ୨୫ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଶାସନର ମୂଳମନ୍ତ୍ର ରହିଛି । ସେବା, ସୁଶାସନ ଏବଂ ଗରୀବ କଲ୍ୟାଣ ।ତାଙ୍କ ନେତୃତ୍ୱରେ ଦେଶର ଶେଷ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିଙ୍କ ପାଖରେ ମଧ୍ୟ ବିକାଶର ସୁଫଳ ପହଞ୍ଚିପାରିଛି । ଅନ୍ତ୍ୟୋଦୟରୁ ବିକଶିତ ଭାରତ ଗଠନ ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତା ନିଶ୍ଚିତ ଭାବେ ସଫଳ ହେବ । ତାଙ୍କର ନିରନ୍ତର ମାର୍ଗଦର୍ଶନରେ ଭାରତ ବିକାଶର ନୂତନ ଶିଖର ଛୁଇଁବ ଏବଂ ବିକଶିତ ଭାରତର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ସେବା ଜ୍ୟୋତି ଯାତ୍ରାରେ ଯୋଗ ଦେଇ ରାଜ୍ୟସଭାପତି ଶ୍ରୀ ସାମଲ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ସହ ପୋଖରୀପୁଟ ଡିଏଭି ସ୍କୁଲନିକଟସ୍ଥ ଛକରେ ସେବା ଜ୍ୟୋତି ସ୍ଥାପନା କରିଥିଲେ । 'ସେବା ଜ୍ୟୋତି ଯାତ୍ରା' ଏବଂ'ବିକଶିତ ଭାରତ ସଂକଳ୍ପ ସଭା'ର ସ୍ମାରକୀ ସ୍ୱରୂପ 'ସେବା ଜ୍ୟୋତି ଛକ' ସ୍ଥାପନକରାଯାଇଛି । ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବିମ୍ବାଧର କୁଅଁର, ସାଂସଦ ପ୍ରଦୀପ ପାଣିଗ୍ରାହୀ, ବିଧାୟକ ବାବୁ ସିଂ, ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସଂପାଦକ ସରୋଜ କର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ସଙ୍ଗୀତା ଦାଶ ଓ ରଶ୍ମୀ ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ଗଣମାଧ୍ୟ ସଂଯୋଜକ ସୁଜିତ ଦାସ ଏବଂ ବିଏମସିରକର୍ପୋରେଟରମାନେ ଉପସ୍ଥିତ ଥିଲେ ।

### ଆଇଏଏସ୍ ସ୍ତରରେ ଅଦଳବଦଳ

# ମହେଶ୍ୱର ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ

ଭୁବନେଶ୍ୱର, ୭ ।୧୦ (ସବ୍ୟୁ) : ଆଇଏଏସ୍ ସ୍ତରରେ ରାଜ୍ୟ ସରକାର ଅଦଳ ବଦଳ କରିଛନ୍ତି । ନବରଙ୍ଗପୁର ଜିଲ୍ଲାପାଳ ଥିବା ମହେଶ୍ୱର ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସେହିଭଳି ଅତିରିକ୍ତ ରିଭିଜନାଲ୍ କୋର୍ଟ ଭୁବନେଶ୍ୱରର ଅତିରିକ୍ତ କମିଶନର ପ୍ରଦୀପ କୁମାର ନାୟକଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବାବେଳେ



ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ସାଧାରଣ ଓ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉପସଚିବ ଅନ୍ୟା ଦାସଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ ବଦଳି କାରାଯାଇଥିବାବେଳେ ଶ୍ରୀମତୀ ମଧୁସ୍ମିତାଙ୍କୁ ନୂଆପଡ଼ା ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି । ଅସ୍ମି ଏଏଲ୍‌ଙ୍କୁ ଭବାନୀପାଟଣା ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଥିବାବେଳେ ଭୁବନେଶ୍ୱର ଉପଜିଲ୍ଲାପାଳ କସ୍ତୁରି ଶାହାଙ୍କୁ ସାଧାରଣ ପ୍ରଶାସନ ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି ।

# ପ୍ଲାଷ୍ଟିକ୍ କପ୍‌ରେ ଚା ନ ପିଇବାକୁ ସଚେତନତା

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ ଛତୁ ଫୁଟିଲା ଭଳିଆ ପ୍ରତ୍ୟେକ ୫୦ ଫୁଟ ଦୂରରେ ଗୋଟିଏ ଦୁଇଟା ଚା ଦୋକାନ ଖୋଲାଯାଇଛି । ଏହି ଚା ଦୋକାନୀମାନେ ପ୍ଲାଷ୍ଟିକ୍ କପ୍ ଓ କେମିକାଲ୍ ଲାଗିଥିବା କାଗଜ କପ୍‌ରେ ଚା ଦେଉଥିବାରୁ ଏହା କ୍ୟାନ୍ସର ଭଳି ମାରାତ୍ମିକ ରୋଗ ହେବାର ଆଶଙ୍କା ରହିଛି । ଏହି ଦୋକାନୀମାନଙ୍କ ପ୍ରତି କେନ୍ଦ୍ରାପଡା ପୌରସଂସ୍ଥା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଚା ଦୋକାନୀ ମନ ମୁତାବିକ ପ୍ଲାଷ୍ଟିକ୍ ଓ କାଗଜ କପ୍ ବ୍ୟବହାର କରୁଛନ୍ତି । ଏ ନେଇ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭିନ୍ନ ଭିନ୍ନ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରୁଛି ।

### କଲେଜରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ

# ବାଜିଲା ବିଗୁଲ, ସରଗରମ କଲେଜ କ୍ୟାମ୍ପସ

- ୧୩ ବିଶ୍ୱବିଦ୍ୟାଳୟ, ୩୨୮ ମହାବିଦ୍ୟାଳୟରେ ନିର୍ବାଚନ
- ୩ ବିଶ୍ୱବିଦ୍ୟାଳୟ,୨୦୨ ମହାବିଦ୍ୟାଳୟ ଚୟନ ପଦ୍ଧତିରେ ବାଛିବେ ଛାତ୍ରନେତା
- ୯ ତାରିଖରେ ପ୍ରାର୍ଥୀମାନେ ଭରିବେ ନାମାଙ୍କନ
- ୧୫ରେ ନିର୍ବାଚନ, ୧୬ରେ ଶପଥ ଗ୍ରହଣ

ଭୁବନେଶ୍ୱର(ସବ୍ୟୁ): କ୍ୟାମ୍ପସରେ ପୁଣି ଜମୁଛି ପଲିଟିକ୍ସ । ବଦଳିଛି ପରିବେଶ, ବଢ଼ିଛି ଛାତ୍ରଛାତ୍ରୀଙ୍କ ଉତ୍କଣ୍ଠା ।ଦୀର୍ଘଦିନ ପରେଫେରିଥିବା କଲେଜ ନିର୍ବାଚନକୁ ନେଇ ଚାଲିଛି ଚର୍ଚ୍ଚା । ଯେଉଁଠି ଦିନେ ଶୁଣାଯାଏ କ୍ଲାସରୁମର ଘଣ୍ଟି, ଚାଲେ ପାଠପଢ଼ା । ହେଲେ ଏବେ ସେହି କ୍ୟାମ୍ପସରେ ଶୁଣାଯାଉଛି ନିର୍ବାଚନୀ ନାରା । ଚା' ଖଟିଠୁ କ୍ୟାଣ୍ଟିନ୍, ହଷ୍ଟେଲଠୁ ହଷ୍ଟେଲ୍ ଗେଟ୍ ସବୁଠି ଚାଲିଛି ପଲିଟିକାଲ ଚର୍ଚ୍ଚା । ଦୀର୍ଘଦିନ ପରେ କଲେଜ କ୍ୟାମ୍ପସରେ ନିର୍ବାଚନୀ ବିଗୁଲ ବାଜିବା ପରେ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢ଼ିଛି ରାଜନୈତିକ ଉତ୍ସାହ । କିଏ ଜିତିବ, କିଏ ହାରିବ, କିଏ ହେବ କଲେଜର ନୂଆ ଚେହେରା ଏନେଇ ଚାଲିଛି ଆଲୋଚନା । ପ୍ରାର୍ଥୀମାନେ ମଧ୍ୟ ଛାତ୍ରଙ୍କ ସମର୍ଥନ ପାଇଁ ଆରମ୍ଭ କରିଛନ୍ତି ପ୍ରଚାର ପ୍ରସାର । ଏନେଇ ଆଜି(ବୁଧବାର) କଲେଜମାନଙ୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ବୁଧବାର ରାତି ୮ ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ୩୨୮ଟି ମହାବିଦ୍ୟାଳୟ ଓ ୧୩ ଟି ବିଶ୍ୱ ବିଦ୍ୟାଳୟ, ସର୍ବମୋଟ ୩୪୧ଟି ଉଚ୍ଚ ଶିକ୍ଷାନୁଷ୍ଠାନ ଛାତ୍ରନେତା ବାଛିବା ପାଇଁ ନିର୍ବାଚନ କରିବେ । ସେହିପରି ଭାବେ ୨୦୨ଟି ମହାବିଦ୍ୟାଳୟ ଓ ୩ଟି ବିଶ୍ୱ ବିଦ୍ୟାଳୟ, ସର୍ବମୋଟ ୨୦୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ଚୟନ ପଦ୍ଧତିରେ ଛାତ୍ରନେତା ବାଛିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ୩ଟି ବିଶ୍ୱ ବିଦ୍ୟାଳୟ ଯଥା ଓଡ଼ିଆ ବିଶ୍ୱ ବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଛାତ୍ରନେତା ଚୟନ କରିବେ । ଅନ୍ୟ ୧୩ ଟି ବିଶ୍ୱ ବିଦ୍ୟାଳୟ ନିର୍ବାଚନ କରି ଛାତ୍ରନେତା ବାଛିବେ । ବୁଧବାର ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶିତ ହେବା ପରେ ନିର୍ବାଚନ ପାଇଁ ଅକ୍ଟୋବର ୯ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଆଗ୍ରହୀ ପ୍ରାର୍ଥୀମାନେ ନୋମିନେସନ୍ ଦାଖଲ କରିପାରିବେ । ଅକ୍ଟୋବର ୯ ତାରିଖ ଅପରାହ୍ନ ୨ଟାରୁ ୪ ଟା ପର୍ଯ୍ୟନ୍ତ ନୋମିନେସନ୍ ଯାଞ୍ଚ କରାଯିବ । ଅକ୍ଟୋବର ୯ ତାରିଖ ସନ୍ଧ୍ୟା ୫ ଘଟିକା ସମୟରେ ଉଚ୍ଚଶିକ୍ଷାନୁଷ୍ଠାନ ତରଫରୁ ବୈଧ ନୋମିନେସନ୍ ତାଲିକା ପ୍ରକାଶିତ ହେବ ।

ଅକ୍ଟୋବର ୧୦ ତାରିଖ ସକାଳ ୧୦ ଟାରୁ ଦିନ ୧ଟା ମଧ୍ୟରେ ଯେଉଁ ପ୍ରାର୍ଥୀ ନିଜର ନୋମିନେସନ୍ ପ୍ରତ୍ୟାହାର କରିବାକୁ ଚାହୁଁଥିବେ, ସେ ତାହାକୁ ପ୍ରତ୍ୟାହାର କରିପାରିବେ । ଅକ୍ଟୋବର ୧୦ ତାରିଖ ଅପରାହ୍ନ ୩ ଘଟିକାରେ ଉଚ୍ଚଶିକ୍ଷାନୁଷ୍ଠାନ ତରଫରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ । ଅକ୍ଟୋବର ୧୪ ତାରିଖରେ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଙ୍ଗ ଅନୁଷ୍ଠିତ ହେବ । ଅକ୍ଟୋବର ୧୫ ତାରିଖ ସକାଳ ୮ ଘଟିକାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ଭୋଟିଙ୍ଗ ହେବ । ଭୋଟିଙ୍ଗ ପରେ ଅକ୍ଟୋବର ୧୫ ତାରିଖ ଦିନ ହିଁ ଭୋଟ ଗଣତି ହେବା ସହ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ଅକ୍ଟୋବର ୧୬ ତାରିଖ ଦିନ ବିଜୟୀ ଛାତ୍ରନେତାଙ୍କ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

### ରାସାୟନିକ ଦୁର୍ଘଟଣା ମୁକାବିଲା ପ୍ରସ୍ତୁତି ସମୀକ୍ଷା

# ପୂର୍ବ ପ୍ରସ୍ତୁତି ସହ ଜନସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା : ମୁଖ୍ୟ ସଚିବ

ଭୁବନେଶ୍ୱର(ସବ୍ୟୁ) : ରାଜ୍ୟରେ ଶିଳ୍ପାନୁଷ୍ଠାନଗୁଡ଼ିକରେ ରାସାୟନିକ ଦୁର୍ଘଟଣାର ପ୍ରତିରୋଧ, ପ୍ରସ୍ତୁତି, ତ୍ୱରିତ ମୁକାବିଲା ଓ ଦୁର୍ଘଟଣା ପରବର୍ତ୍ତୀ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ନେଇ ଲୋକସେବା ଭବନଠାରେ ରାଜ୍ୟ ସଙ୍କଟ ଗୋଷ୍ଠୀ (ଷ୍ଟେଟ କ୍ରାଇସେସ ଗ୍ରୁପ୍) ର ବୈଠକ ଅନୁଷ୍ଠିତ ହୋଇଯାଇଛି । ରାସାୟନିକ ଦୁର୍ଘଟଣା ସମୟରେ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୂର୍ବ ପ୍ରସ୍ତୁତି, ତ୍ୱରିତ ପ୍ରତିକ୍ରିୟା ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି ।

ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ କହିଥିଲେ, ଶିଳ୍ପ ବିକାଶ ସହିତ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ସମାନ ଗୁରୁତ୍ୱ ରହିଛି । ସମ୍ଭାବ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ଜିଲ୍ଲା ଓ ସ୍ଥାନୀୟସ୍ତରର ଜରୁରୀକାଳୀନ ଯୋଜନା, ନିୟମିତ ମକ୍ ଡ୍ରିଲ୍, ସୁରକ୍ଷା ଅଡିଟ୍ ଓ ତଥ୍ୟଭିତ୍ତିକ ଆକଳନକୁ ଅଧିକ ପ୍ରଭାବଶାଳୀ କରାଯିବା ଆବଶ୍ୟକ ଛ ବିଭିନ୍ନ



ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ରଖି ଜରୁରୀ ପରିସ୍ଥିତିରେ ତ୍ୱରିତ ଓ ସଫଳ ମୁକାବିଲା କରିବାକୁ ସେ ପରାମର୍ଶ ଦେଇଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ବିଭାଗୀୟ ଓ ଜିଲ୍ଲାସ୍ତରୀୟ ପ୍ରସ୍ତୁତିକୁ ଏକ ସମନ୍ୱିତ ବ୍ୟବସ୍ଥା ଅଧୀନରେ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ । ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ରାସାୟନିକ ଦୁର୍ଘଟଣା ସମୟରେ ତ୍ୱରିତ ପ୍ରତିକ୍ରିୟା ପାଇଁ ପ୍ରଶିକ୍ଷିତ ମାନବ ସମ୍ବଳ, ଆବଶ୍ୟକ ଉପକରଣ ଓ ବିଶେଷ ଜରୁରୀକାଳୀନ ଯାନର ଉପଲବ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ । ଭାରି ଯାନ, ଜରୁରୀ କାଳୀନ ସେବା ଯାନ, ନିୟମିତ ମକ୍ ଡ୍ରିଲ୍, ଉଦ୍ଧାର ଓ ନିରାପଦ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ସହ ଅଗ୍ନିଶମ ସେବା, ଜିଲ୍ଲା ପ୍ରଶାସନ, ଶିଳ୍ପ ସଂସ୍ଥା ଓ ଅନ୍ୟାନ୍ୟ ଜରୁରୀକାଳୀନ ସଂସ୍ଥା ମଧ୍ୟରେ ଯୁଗ୍ମ ଅଭ୍ୟାସ ଓ ସମନ୍ୱୟ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ରାସାୟନିକ ଦୁର୍ଘଟଣା ସମ୍ପର୍କିତ ତଥ୍ୟଭଣ୍ଡାର ସୁଦୃଢ଼ୀକରଣ, ମେଡିକାଲ୍ ପ୍ରସ୍ତୁତି, ଜନସଚେତନତା, ସୁରକ୍ଷା ଅଡିଟ୍, ସେଫଟି ରିପୋର୍ଟ ଏବଂ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷର କ୍ଷମତା ବୃଦ୍ଧି ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବୈଠକରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସଚିବ, ଶ୍ରମ ଆୟୁକ୍ତ, ଓଡ଼ିଶା ଏବଂ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

# ଯୁବତୀଙ୍କୁ ନିର୍ମମ ହତ୍ୟା, ପୋଲିସର ଛାନ୍‌ଭିନ୍

କଟକ, (ସବ୍ୟୁ): କାଠଯୋଡ଼ି ନଦୀକୂଳରେ ଜଣେ ଯୁବତୀଙ୍କୁ ଅତି ଅମାନବୀୟ ଭାବେ ହତ୍ୟା କରାଯାଇଛି । ହତ୍ୟା ପରେ ପରିଚୟ ଲୁଚାଇବା ପାଇଁ ଦୁର୍ବୃତ୍ତମାନେ ଯୁବତୀଙ୍କ ଆଖି ଦୁଇଟି ତାଡ଼ି ଦେବା ସହ ପଥରରେ ମୁହଁକୁ ବିକୃତ କରିଦେଇଛନ୍ତି । ଏପରିକି ମୁଣ୍ଡରେ ଥିବା ଚୁଟିକୁ ମଧ୍ୟ ଅଧା କାଟି ଦିଆଯାଇଛି । ବାଦାମବାଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ମୃତ ଯୁବତୀଙ୍କ ପରିଚୟ ଜାଣିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି । ଖାନନଗର ମଲାଚଣ୍ଡିଆ ଛକରୁ ସିଟି କଲେଜ ଯିବା ରାସ୍ତାର ବାମପଟେ ଜଳେଶ୍ୱର ଗଡ଼ା ରହିଛି । ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ କିଛି ନଦୀକୂଳରେ ଥିବା ଜଙ୍ଗଲିଆ ସ୍ଥାନରେ ଜଣେ ଯୁବତୀଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ । ଖବର ପାଇ ବାଦାମବାଡ଼ି ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ବେଳେ ଯୁବତୀଙ୍କୁ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା । ପରିଚୟ ଲୁଚାଇବା ପାଇଁ ଯୁବତୀଙ୍କ ମୁହଁକୁ ପଥରରେ ଛେଚି ସମ୍ପୂର୍ଣ୍ଣ ବିକୃତ କରାଯାଇଛି । ତଣ୍ଟି ଏବଂ ଜଙ୍ଘ ତଳକୁ ଗଭୀର କଟାଦାଗ ରହିଛି । ପ୍ରାୟ ୫୦ ମିଟର ଦୂରରେ ଯୁବତୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଘୋଷାଡ଼ି ଆଣି ନଦୀକୂଳରେ ଫିଙ୍ଗି ଦିଆଯାଇଥିବା ଚିହ୍ନ ମିଳିଛି । ଘଟଣାସ୍ଥଳରୁ ଏକ ପ୍ଲାଷ୍ଟିକ୍ ମସିଣା, ଏକ କଢ଼େଇ, ଖାଇବା ପ୍ଲେଟ୍ ଏବଂ ଏକ ପଲିଥିନ୍ ବ୍ୟାଗ୍ ମିଳିଛି । ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରୁ ବିଭିନ୍ନ ନମୁନା ଓ ତଥ୍ୟ ସଂଗ୍ରହ କରିଛି । ଘଟଣାସ୍ଥଳରେ ସନ୍ଧାନୀ କୁକୁର ମଧ୍ୟ ଯାଞ୍ଚ କରିଥିଲା ।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ଏକଦଫା ଦାବି ନେଇ ଶ୍ରୀକ୍ଷେତ୍ର ପୁରୀରୁ ଏକାମ୍ରକ୍ଷେତ୍ର ଅଭିମୁଖେ ବାହାରିଥିବା ପଦଯାତ୍ରା ୨୬ ତାରିଖରେ ଏକାମ୍ର କ୍ଷେତ୍ରରେ ପ୍ରବେଶ କରି ଲୋୟର ପିଏମଜିରେ ପହଁଞ୍ଚିଥିଲେ । ପରେ ଏକାମ୍ର ବିଧାୟକ ବାବୁ ସିଂ,ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏବଂ ମହାକାଳପଡାର ବିଧାୟକ ଦୁର୍ଗା



ପ୍ରସନ୍ନ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମାନେ ସଂଘର ସମାବେଶ ସ୍ଥଳକୁ ଆସି ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସାନ୍ତ୍ୱନା ଦେଇଥିଲେ । ପରବର୍ତ୍ତୀ ସମୟରେ ମାନନୀୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ କଳିଙ୍ଗ ଷ୍ଟାଡିୟମସ୍ଥିତ ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବାବୁ ସିଂ, ସରୋଜ କୁମାର ପ୍ରଧାନ, ଦୁର୍ଗା ପ୍ରସନ୍ନ ନାୟକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା କରିଥିଲେ ଏବଂ ସନ୍ତୁଷ୍ଟି ମୂଳକ ଆଲୋଚନା ପରେ ୨୦୦୮-୨୦୧୮ ଅନୁଦାନ ନିମନ୍ତେ ପଥ ପରିଷ୍କୃତ ହୋଇଥିଲା ତେଣୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା । ଏହି ଭବ୍ୟ ପଦଯାତ୍ରାରେ ଯେଉଁ ମହାନୁଭବ ମାନେ ଯବନିକା ଟାଣିଥିଲେ ସେମାନଙ୍କୁ ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ବର୍ଦ୍ଧନା ପର୍ବ ଅବସରରେ ସଙ୍ଘର ଆବାହକ ନିଲୁ ନାୟକ, ନୟାଗଡ଼ ଜିଲ୍ଲାର ଜିଲ୍ଲା ସଂଯୋଜକ ଦେବାଶିଷ ମହାପାତ୍ର,କଟକର ବ୍ୟବସ୍ଥା ପ୍ରମୁଖ ଲିତାରାଣୀ ପ୍ରଧାନ, ହେମନ୍ତ କୁମାର ବାରିକ, ଜାହ୍ନବୀ ପଟ୍ଟନାୟକ,ରୂପାଲି ପଟ୍ଟନାୟକ ଏବଂ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂଘର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଅନୁଗୋଳଠାରେ 'ସେବା ଜ୍ୟୋତି ଯାତ୍ରାରେ ସାମିଲ ହେଲେ ସାଂସଦ

### 'ସେବା ଜ୍ୟୋତି ପ୍ରଜ୍ୱଳନ' କରିବା ସହ 'ସେବା ଜ୍ୟୋତି ସ୍ଥାପନା ପଦଯାତ୍ରାରେ ହେଲେ ସାମିଲ

ଭୁବନେଶ୍ୱର/ଅନୁଗୋଳ, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନିରନ୍ତର ୨୫ ବର୍ଷର ନିଷ୍ଠାପର ଜନସେବା, ସୁଶାସନ ଓ ବିକାଶ ପୂର୍ତ୍ତି ଅବସରରେ ଅନୁଗୋଳ ଠାରେ 'ସେବା ଜ୍ୟୋତି ଯାତ୍ରା' ଓ 'ସେବା ସଙ୍କଳ୍ପ ଅଭିଯାନ' ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ 'ସେବା ଜ୍ୟୋତି ସ୍ଥାପନା' ଉଦ୍ଦେଶ୍ୟରେ ଆୟୋଜିତ ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ । କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ସମଗ୍ର ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ସମ୍ବୋଧନକୁ ଶୁଣିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୦୦୧ ମସିହା ଅକ୍ଟୋବର ୭ ତାରିଖରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ମୋଦୀଜୀ ଯେଉଁ 'ସେବା ଯାତ୍ରା' ଆରମ୍ଭ



କରିଥିଲେ, ତାହା ଆଜି ସାରା ଦେଶକୁ ବିକାଶର ଏକ ନୂଆ ଦିଶା ଦେଖାଇଛି । ଦେଶବାସୀଙ୍କ ବିଶ୍ୱାସ ଓ ନିଷ୍ଠା ହିଁ ପ୍ରଧାନମନ୍ତ୍ରୀଙ୍କ ସବୁଠାରୁ ବଡ଼ ଶକ୍ତି । କେବଳ ବ୍ୟକ୍ତିଗତ ପଦବୀ ନୁହେଁ, ବରଂ 'ରାଷ୍ଟ୍ର ପ୍ରଥମ' ଓ ମିଶନ ଭାବନାକୁ ନେଇ କାର୍ଯ୍ୟ କରିବା ଦ୍ୱାରା ହିଁ ଆଜି ଭାରତ ବିଶ୍ୱ ଦରବାରରେ ଏକ ଆତ୍ମନିର୍ଭର ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହୋଇପାରିଛି । ପ୍ରଧାନମନ୍ତ୍ରୀଙ୍କ 'ସେବା ମନ୍ତ୍ର ଓ 'ସ୍ୱଦେଶୀ' ଭାବନାକୁ ଆପଣେଇ ଆମକୁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବାକୁ ହେବ । ଏହି ଯାତ୍ରାର ଏକ ମୁଖ୍ୟ ଅଂଶ ଭାବେ ଅନୁଗୋଳ ଠାରେ ଆୟୋଜିତ 'ସେବା ଜ୍ୟୋତି ପ୍ରଜ୍ୱଳନ' ଏବଂ 'ସେବା ଜ୍ୟୋତି ସ୍ଥାପନା' ପଦଯାତ୍ରାରେ ଶ୍ରୀ ପ୍ରଧାନ ଶ୍ରଦ୍ଧା ଓ ଉତ୍ସାହର ସହ ସାମିଲ ହୋଇଥିଲେ । 'ସେବା ସଙ୍କଳ୍ପ ଅଭିଯାନ' ଅନ୍ତର୍ଗତ ଶ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲା ତୁରଙ୍ଗ ସ୍ଥିତ ଅଙ୍ଗନୱାଡ଼ି(ଖ) କେନ୍ଦ୍ର ପରିଦର୍ଶନ କରିବା ସହ ଶିଶୁ, ଅଙ୍ଗନୱାଡ଼ି, ଆଶା କର୍ମୀ ଏବଂ ହିତାଧିକାରୀଙ୍କ ସହ ସମୟ ଅତିବାହିତ କରିଥିଲେ । ସେଠାରେ ଶିଶୁ ସୁରକ୍ଷା, ମାତୃ କଲ୍ୟାଣ, ସ୍ୱଚ୍ଛତା ଓ ନିଶା ନିବାରଣ ପାଇଁ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା ।

### ବିଏମ୍‌ସିର ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ

# ମିୟାୱାକି ପଦ୍ଧତିରେ ବରମୁଣ୍ଡା ନିକଟରେ ଆଉ ଏକ ଜଙ୍ଗଲ ସୃଷ୍ଟି

ଭୁବନେଶ୍ୱର(ସବ୍ୟୁ) : ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ ବନ ବିଭାଗ ସହଯୋଗରେ ବ୍ୟାପକ ବୃକ୍ଷରୋପଣ, ସହରାଞ୍ଚଳ ଜଙ୍ଗଲ, ମିୟାୱାକି ଜଙ୍ଗଲ, ଆଭେନ୍ୟୁ ବୃକ୍ଷରୋପଣ ଏବଂ ମିଡିଆନ ସବୁଜୀକରଣ ମାଧ୍ୟମରେ ରାଜଧାନୀର ସବୁଜ ଆଚ୍ଛାଦନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରିଆସୁଅଛ । ବୁଧବାର ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଜମିରେ ମିୟାୱାକି ପଦ୍ଧତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତି ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇଥିଲେ । ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ଗ୍ରୀଭାନ୍ସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ବିନୟିନୀ ଜେନା, ଅତିରିକ୍ତ




ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର କମିଶନର କୈଳାସ ଚନ୍ଦ୍ର ଦାସ, ପୂର୍ବତନ କର୍ପୋରେଟର ତଥା ସମାଜସେବୀ ଅଶ୍ୱିନୀକୁମାର ସାମନ୍ତରାୟ, ଦକ୍ଷିଣ-ପଶ୍ଚିମ ଜେଡିସି ରାକେଶ କୁମାର ପାତ୍ର, ସହକାରୀ କମିଶନର ଲୋକନାଥ ବେଜ୍, ପରିବେଶ ଅଧିକାରୀ ଶ୍ରୀମତୀ ହିମାନୀ ନାୟକ, ବନବିଭାଗ ଅଧିକାରୀ ପୁହାଣ ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସିର ବହୁ ଅଧିକାରୀ ଓ କର୍ମଚାଲୀଙ୍କ ସହ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେହୀ ସଂଗଠନର କର୍ମକର୍ତ୍ତା, ସ୍ଥାନୀୟ ଅଧିବାସୀ ପ୍ରମୁଖ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏଠାରେ ୮ ହଜାର ବୃକ୍ଷ ରୋପଣ କରାଯାଇଛି ।

# ରଘୁନାଥଜୀଉ ମହାବିଦ୍ୟାଳୟ ମୁଖ୍ୟ ଫାଟକ ଉଦ୍‌ଘାଟନ କଲେ ବିଧାୟିକା

କଟକ, (ସ୍ୱପ୍ର): ରଘୁନାଥଜୀଉ ମହାବିଦ୍ୟାଳୟର ନୂତନ ମୁଖ୍ୟ ଫାଟକକୁ ଉଦଘାଟନ କରିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ । କଲେଜ ପରିସରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି କଲେଜ କର୍ତ୍ତୃପକ୍ଷ ତଥା ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହି କାର୍ଯ୍ୟ ପାଇଁ ବିଧାୟିକାଙ୍କୁ ଅନୁରୋଧ କରାଯାଇଥିଲା । ଅନୁରୋଧ ରକ୍ଷା କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଇ ସମୟ ଭିତରେ ଶେଷ କରାଇଥିଲେ । ବିଧାୟିକା ସୋଫିଆ ମୁଖ୍ୟ ଫାଟକକୁ ଲୋକାର୍ପିତ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ବିଧାୟିକା କହିଥିଲେ ଯେ, ଛାତ୍ରଛାତ୍ରୀମାନେ ହିଁ ଦେଶ ଓ ସମାଜର ଭବିଷ୍ୟତ । ଏକ ଉନ୍ନତ ଓ ଶୃଙ୍ଖଳିତ ଶିକ୍ଷା ପରିବେଶ ସୃଷ୍ଟି କରିବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ଏବଂ ସୁରକ୍ଷା



ପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେବାକୁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ । ବିଧାୟିକାଙ୍କ ଏହି ତ୍ୱରିତ ପଦକ୍ଷେପ ଓ ଆନ୍ତରିକ ସହଯୋଗ ପାଇଁ କଲେଜ କର୍ତ୍ତୃପକ୍ଷ, କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କ ପକ୍ଷରୁ ତାଙ୍କୁ କୃତଜ୍ଞତା ଓ ସାଧୁବାଦ ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କଲେଜ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସ୍ୱାଇଁ, ଯୁକ୍ତ ୨ ଅଧ୍ୟକ୍ଷ ଡକଫର ସ୍ନେହଲତା ମିଶ୍ର, କଲେଜ ପ୍ରତିଷ୍ଠାତା ନୃସିଂହ ଚରଣ ପାତ୍ର, ସୁଷମା ଦାସ, ଦିଲ୍ଲୀପ କୁମାର ମହାନ୍ତି, ଶୋନୁ ସ୍ୱାଇଁ, ଅବଦୁଲ ବାସିଦ ପ୍ରମୁଖ ଉପସ୍ଥିତ ଥିଲେ ।

## ନୟାପଲ୍ଲୀ ଦୁଷ୍କର୍ମ ମାମଲା

# ସ୍ପେଶାଲ ଜେଲ୍‌ରେ ହେଲା ଟିଆଇ ପ୍ୟାରେଡ୍

ଭୁବନେଶ୍ୱର, (ସବ୍ୟୁ) : ନୟାପଲ୍ଲୀ ଦୁଷ୍କର୍ମ ମାମଲାର ଅଭିଯୁକ୍ତକୁ ଚିହ୍ନଟ କରିବା ପାଇଁ ଝାରପଡା ସ୍ପେଶାଲ ଜେଲ୍‌ରେ ବୁଧବାର ଟିଆଇ ପ୍ୟାରେଡ୍ ହୋଇଥିଲା । ଅଭିଯୁକ୍ତ ଶ୍ରୀଧର ପଣ୍ଡାଙ୍କୁ ପୀଡିତା ଜେଲ୍‌କୁ ଯାଇ ଚିହ୍ନଟ କରିଥିଲେ । ଏହି ଟିଆଇ ପ୍ୟାରେଡ୍ ତଦନ୍ତକାରୀ ଟିମ୍ କରାଇଥିଲା । ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ୍‌ଙ୍କ କହିବାନୁଯାୟୀ ୧୫ଦିନ ମଧ୍ୟରେ ଚାର୍ଜସିଟ୍ କରାଯିବ । ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର କରାଯିବା ପାଇଁ ପୋଲିସ ଆବେଦନ କରିବ ବୋଲି ସେ ସୂଚନା ଦେଇଛନ୍ତି । ନୟାପଲ୍ଲୀ ଥାନା ଅଞ୍ଚଳରେ ବଡଭଉଣୀ ସହ ଭଡାରେ ରହୁଥିବା ଜଣେ ୨୬ବର୍ଷୀୟା ଯୁବତୀଙ୍କୁ ଘରେ ଏକୁଟିଆ ପାଇ ଅଭିଯୁକ୍ତ ଶ୍ରୀଧର ପଣ୍ଡା ଦୁଷ୍କର୍ମ କରିଥିଲା । ପୋଲିସ କହିବାନୁଯାୟୀ ଶ୍ରୀଧର ପଣ୍ଡା ଜଣେ ପେସାଦାର ଲୁଟେରା । ସେ ଲୁଟ୍ ଉଦ୍ଦେଶ୍ୟରେ ଖେଳଣା ବନ୍ଧୁକ ଧରି ଘର ଭିତରେ ପଶିଥିଲା । ଯୁବତୀଙ୍କୁ ଏକଲା ଦେଖି ଦୁଷ୍କର୍ମ କରିଥିଲା । ପୋଲିସ ଅଭିଯୁକ୍ତ ଶ୍ରୀଧରକୁ ଗିରଫ କରିବା ସମୟରେ ଏନ୍‌କାଉଣ୍ଟର କରିଥିଲା । ବୁଧବାର ଝାରପଡା ସ୍ପେଶାଲ ଜେଲ୍‌ରେ ପୋଲିସ ପୀଡିତାଙ୍କୁ ସାଙ୍ଗରେ ନେଇ ଟିଆଇ ପ୍ୟାରେଡ୍‌ରେ ଅଭିଯୁକ୍ତ ଶ୍ରୀଧରକୁ ଚିହ୍ନଟ କରାଇଛି । ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ହେଲେ ଖୁବ୍‌ଶୀଘ୍ର ଦୋଷୀକୁ ଦଣ୍ଡ ମିଳିବ ବୋଲି ପୋଲିସ କହିଛି ।

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

# ବିଏମ୍‌ସି ଅଞ୍ଚଳରେ ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା ଆୟୋଜନ ପାଇଁ ଗ୍ରାଉଣ୍ଡ ରେଣ୍ଟ ଛାଡ଼ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଚଳିତ ପାର୍ବଣ ଋତୁରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଦୂର୍ଗାପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, ରାବଣପୋଡ଼ି, ଭସାଣି ଉତ୍ସବ ଓ ଏଥି ସମ୍ପୃକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପୂଜା କମିଟି ଗୁଡିକର ଗ୍ରାଉଣ୍ଡ ରେଣ୍ଟ ଛାଡ଼ କରିଛନ୍ତି । ପାର୍ବଣ ଋତୁରେ ଏହି ପର୍ବ ଗୁଡ଼ିକର ସାମାଜିକ ଓ ସାଂସ୍କୃତିକ ମହତ୍ୱ ଓ ଜନସାଧାରଣଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ସୂଚନାଯୋଗ୍ୟ ଯେ, ଏହି ଅବଧି ଚଳିତ ଅକ୍ଟୋବର ୧୭ ତାରିଖରୁ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଇଛି । ଏଥିସହିତ ପୂଜା କମିଟି ଗୁଡିକୁ ଶାନ୍ତି ଶୃଙ୍ଖଳା ଓ ପରିବେଶ ଅନୁକୂଳ ଭାବେ ପୂଜା ଆୟୋଜନ କରିବାପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

# ନୀଳଗିରି କଲେଜରେ ବ୍ୟାନର ଚିରାକୁ ନେଇ ଉତ୍ତେଜନା

ନୀଳଗିରି, (ସବ୍ୟୁ):ରାଜ୍ୟସରକାର କଲେଜ ନିର୍ବାଚନ ଘୋଷଣା କରିବା ପରେ ବିଭିନ୍ନ କଲେଜରେ ଭିନ୍ନ ଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ପାର୍ଥୀ ଚୟନ, ବ୍ୟାନର ପୋଷ୍ଟର ଲଗାଉ ଥିବାବେଳେ ନୀଳଗିରି କଲେଜରେ ଦିନରେ ଲାଗିଲା ବ୍ୟାନର ହେଲେ ରାତିରେ ଚିରି ଦେଲେ ବ୍ୟାନର । ଅଭିଯୋଗଅନୁଯାୟୀ ଦୁଇ ଦିନ ପୂର୍ବରୁ ଏନ୍ ଏସୟୁ ଆଇ ସଂଗଠନ ପକ୍ଷରୁ ସଫଳତା ଓ ଗ୍ରହଣୀୟତା ଉପରେ ଏକ ବ୍ୟାନର ଜେଲ୍ ରାସ୍ତାରେ ଲଗା ଯାଇଥିଲା । ମାତ୍ର ମଙ୍ଗଳବାର ରାତିରେ ଏହି ବ୍ୟାନର କୁ ଚିରି ଦେଇଥିଲେ । ଏହି ଘଟଣାକୁ ଛାତ୍ର କଂଗ୍ରେସ ସଂଗଠନ ପକ୍ଷରୁ ନିନ୍ଦା କରିବା ସହ ଏହା ହୀନ ମାନସିକତା ବୋଲି ପ୍ରକାଶ କରିବା ସହ ନୂତନ ବ୍ୟାନର ଲଗାଇଛନ୍ତି । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି ।

# ପୋଖରୀରେ ବୁଡ଼ି ଦୁଇ ସାଙ୍ଗଙ୍କ ମୃତ୍ୟୁ

ରାୟଗଡ଼ା, (ସବ୍ୟୁ): ପୋଖରୀରେ ବୁଡ଼ି ଦୁଇ ନାବାଳିକା ସାଙ୍ଗଙ୍କ ମୃତ୍ୟୁ ଘଟିଛି । ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶାନ୍ତିନଗର ଅଞ୍ଚଳରେ ଘଟିଛି ଏହି ଦୁଃଖଦ ଘଟଣା । ମୃତ ଦୁଇ ନାବାଳିକା ହେଲେ ପୂଜାରୀଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବଡ଼ନାୟକଗୁଡ଼ା ଗାଁର ୧୨ ବର୍ଷୀୟ ନିଲୁ କାଡ୍ରାକା ଓ ୧୨ ବର୍ଷୀୟ କାମି ତିଆକା । ସୂଚନା ଅନୁସାରେ, ଦୁଇ ସାଙ୍ଗ ସକାଳୁ ସ୍କୁଲ ଯିବା ପୂର୍ବରୁ ଶାନ୍ତିନଗରସ୍ଥିତ ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ଗାଧୋଇବା ସମୟରେ ଅସାବଧାନତାବଶତଃ ଉଭୟେ ପୋଖରୀର ଗଭୀର ପାଣିରେ ବୁଡ଼ି ଯାଇଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଗ୍ରାମବାସୀ ତୁରନ୍ତ ପୋଖରୀରେ ଖୋଜାଖୋଜି କରି ଦୁଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ପରେ ସେମାନଙ୍କୁ ବଡ଼ନାୟକଗୁଡ଼ା ଗାଁକୁ ନିଆଯାଇଥିଲା । ତେବେ ସେତେବେଳକୁ ଉଭୟଙ୍କର ମୃତ୍ୟୁ ଘଟି ସାରିଥିଲା । ମୃତ ଦୁଇ ନାବାଳିକାଙ୍କ ମଧ୍ୟରୁ ଜଣେ ବଡ଼ନାୟକଗୁଡ଼ା ବିଦ୍ୟାଳୟ ଏବଂ ଅନ୍ୟଜଣେ ମାଝିଗୁଡ଼ା ବିଦ୍ୟାଳୟରେ ୭ମ ଶ୍ରେଣୀରେ ପଢୁଥିଲେ ବୋଲି ଜଣାପଡ଼ିଛି । ଖବର ପାଇ କଲ୍ୟାଣସିଂହପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଦୁଇ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି । ଏହି ଦୁଃଖଦ ଘଟଣା ପରେ କଲ୍ୟାଣସିଂହପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଦୁଇ ସାଙ୍ଗଙ୍କ ଅକାଳ ମୃତ୍ୟୁରେ ପରିବାରବର୍ଗ, ସମ୍ପର୍କୀୟ ଓ ଗ୍ରାମବାସୀ ମର୍ମାହତ ହୋଇପଡ଼ିଛନ୍ତି ।

# ସୁରକ୍ଷିତ ଗର୍ଭ ସମାପନ ସେବା ନେଇ ସହଯୋଗ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ଅନ୍ତର୍ଜାତୀୟ ସୁରକ୍ଷିତ ଗର୍ଭ ସମାପନ ଦିବସ ଅବସରରେ, ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସହଯୋଗ' ଏବଂ ଜାତୀୟ ସଂଗଠନ 'କମନହେଲଥ'ର ମିଳିତ ଆନୁକୂଲ୍ୟରେ ନିରାକାରପୁର ସେକ୍ଟରର ସମ୍ମୁଖ ଧାଡ଼ିର ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଇଁ ଏକ ଦିନିକିଆ ଦକ୍ଷତା ବୃଦ୍ଧି କର୍ମଶାଳା ଆୟୋଜିତ ହୋଇଯାଇଛି । "ସୁରକ୍ଷିତ ଗର୍ଭ ସମାପନ ସେବାରେ ସମୁଦାୟ ଓ ଯତ୍ନ: ସମ୍ମୁଖ ଯୋଦ୍ଧାଙ୍କ ସ୍ୱୀକୃତି, ସମ୍ବଳ ଏବଂ ସଶକ୍ତିକରଣ" ଶୀର୍ଷକ ଜାତୀୟ ଅଭିଯାନ ଆଧାରରେ ଆୟୋଜିତ ଏହି କର୍ମଶାଳାରେ ଆଶା ), ଏଏନ୍‌ଏମ୍ , ଅଙ୍ଗନବାଡ଼ି କର୍ମୀ ଏବଂ ସ୍ଥାନୀୟ ଡାକ୍ତରଖାନାର କର୍ମଚାରୀଙ୍କୁ ମିଶାଇ ମୋଟ ୮୦ ଜଣ ପ୍ରତିନିଧି ଯୋଗଦେଇଥିଲେ । ଏହି ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ଆଶା, ଏଏନ୍‌ଏମ୍ ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ତ୍ରି-ସ୍ତରୀୟ ସମନ୍ୱୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା, ଯାହାଦ୍ୱାରା କ୍ଷେତ୍ର ସ୍ତରରେ ଏକ ସୁଦୃଢ଼ ସ୍ୱାସ୍ଥ୍ୟସେବା ଯୋଗାଇ



ଦିଆଯାଇପାରିବ । ଅଙ୍ଗନବାଡ଼ି କର୍ମୀମାନେ ପୋଷଣ ଓ କିଶୋରୀ ସ୍ୱାସ୍ଥ୍ୟସେବା ସମୟରେ ମହିଳାମାନଙ୍କ ସହ ପ୍ରଥମେ ସମ୍ପର୍କରେ ଆସୁଥିବା ବେଳେ, ଆଶା ଓ ଏଏନ୍‌ଏମ୍‌ମାନେ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ମୁଖ୍ୟ ମାଧ୍ୟମ ଭାବେ କାର୍ଯ୍ୟ କରିଥାନ୍ତି । ତେଣୁ ଗ୍ରାମାଞ୍ଚଳର ମହିଳାମାନଙ୍କ ନିକଟରେ ସୁରକ୍ଷିତ ପ୍ରଜନନ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଏହି ତିନି କ୍ୟାଡରଙ୍କ ସମନ୍ୱୟ ଅତ୍ୟନ୍ତ ଜରୁରୀ । ଏହି କର୍ମଶାଳାରେ ପ୍ରାରମ୍ଭିକ ଗର୍ଭଧାରଣ ପରୀକ୍ଷା, ବିନା ବିଳମ୍ବରେ ଗର୍ଭ ସମାପନକୁ ଏକ ଆଇନଗତ ଓ ସୁରକ୍ଷିତ ସ୍ୱାସ୍ଥ୍ୟସେବା ଭାବେ ସୂଚିତ କରିବା ଏବଂ ଅଧିକାର-ଭିତ୍ତିକ ପରାମର୍ଶ ଦେବା ନେଇ କର୍ମୀମାନଙ୍କୁ ତାଲିମ ଦିଆଯାଇଥିଲା । ଏହାସହ ଏମଟିପି ଆଇନ ଅଧୀନରେ ଅବିବାହିତ ମହିଳା ଓ କିଶୋରୀମାନଙ୍କର ଗୋପନୀୟତା ସହ ସେବା ପାଇବାର ସମ୍ପୂର୍ଣ୍ଣ ଆଇନଗତ ଅଧିକାର ବିଷୟରେ ବୁଝାଯିବା ସହ ଅନୁମୋଦିତ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଏକ ସ୍ପଷ୍ଟ ସୁପାରିଶ ପଥ ପ୍ରସ୍ତୁତ କରାଯାଇଥିଲା । ଏହି ଆଲୋଚନରେ ନିରାକାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଶ୍ୱିନୀ ସ୍ୱାଇଁ, ଏବଂ 'ସହଯୋଗ'ର ସମ୍ପାଦିକା ବିଜୟଲକ୍ଷ୍ମୀ ରାଉତରାୟ ସମ୍ପାଦକ ଭାବେ ଯୋଗଦେଇଥିଲେ । ସାମାଜିକ କଳଙ୍କ ଦୂର କରିବା, ଗୋପନୀୟତା ରକ୍ଷା କରିବା ଏବଂ ସଠିକ୍ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ପଠାଇବାରେ ସମ୍ମୁଖ ଯୋଦ୍ଧାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କ୍ଷେତ୍ରାଞ୍ଚଳରେ ସଚେତନତା ସୃଷ୍ଟି ପାଇଁ ସଂଶୋଧିତ ଏମଟିପି ଆଇନ ୨୦୨୧ ଏବଂ ଆଇନ ସମ୍ବଳିତ ସୂଚନାପତ୍ର ଓ ପୋଷ୍ଟର ଉନ୍ମୋଚିତ ହୋଇଥିଲା ।

# ମା' ଷୋଳପୁଅ ମଣ୍ଡପ ପରିଦର୍ଶନ କଲେ ବିଧାୟିକା

କଟକ, (ସ୍ୱପ୍ର): ପାର୍ବଣ ଋତୁ ଉପଲକ୍ଷେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ



ବୁଧବାର କଟକ ସହରର ବିଭିନ୍ନ ସ୍ଥାନରେ ଥିବା ମା' ଷୋଳପୁଅ ମଣ୍ଡପ ପରିଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି । ଭାଇଚାରା ଓ ଐତିହ୍ୟର ସହର କଟକରେ ସମସ୍ତ ପର୍ବପର୍ବାଣୀ ଅତ୍ୟନ୍ତ ଧୂମଧାମ, ଉତ୍ସାହ ଓ ଶାନ୍ତିଶୃଙ୍ଖଳାର ସହପାଳନ କରାଯାଏ । ମା'ଙ୍କ ନିକଟରେ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିବା ସହ ଉପସ୍ଥିତ ସ୍ଥାନୀୟ ବାସିନ୍ଦା ତଥା କାର୍ଯ୍ୟକର୍ତ୍ତାମାନଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ । ଏହି ଗସ୍ତ ସମୟରେ ପୂଜା କମିଟିର କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ ଓ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ସହର ସଭାପତି ଗିରିବାଳା ବେହେରା, ଓଜେସି ନେତା ବିରେନ୍ଦ୍ର ଦାସ, ମଜୀଦ ଖାନ, ଇର୍ଷାଦ ଖାନ, ଲକ୍ଷ୍ମଣ ରାଓ, ଜି ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ବିକଶିତ ଭାରତ ସଂକଳ୍ପ ସଭା ଓ ସେବାଜ୍ୟୋତି କାର୍ଯ୍ୟକ୍ରମ

କଟକ, (ସବ୍ୟୁ) : ବିକଶିତ ଭାରତ ସଂକଳ୍ପ ସଭା ଓ ସେବାଜ୍ୟୋତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସେବା ଜ୍ୟୋତି ମଙ୍ଗଳାବାଗ ଛକରେ ସ୍ଥାପନ କରାଯାଇଛି । ଜିଲ୍ଲାର ବିଭିନ ନିର୍ବାଚନ ମଣ୍ଡଳୀରୁ ସ୍ଥାନୀୟ ବିଜେପି ନେତାଙ୍କ ନେତୃତ୍ୱରେ ବିରାଟ ଶୋଭାଯାତ୍ରାରେ ଆସି ସମସ୍ତ କାର୍ଯ୍ୟକର୍ତ୍ତା କଟକ ଇନ କଟକ ସଭାସ୍ଥଳରେ ବିକଶିତ ଭାରତ ସଂକଳ୍ପ ସଭାରେ ଯୋଗଦେଇଥିଲେ । ଉପସ୍ଥିତ ନେତୃବୃନ୍ଦ ଦ୍ୱୀପ ପ୍ରଜ୍ୱଳନ କରିବା ପରେ ସିଧା ପ୍ରସାରଣରେ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଓ ପରେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଭରା ଉଦବୋଧନ ସମସ୍ତେ ଶୁଣିଥିଲେ । ଏହା ପରେ ୨୦୪୭ସୁଦ୍ଧା ବିକଶିତ ଭାରତ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ପଣ୍ଡିତ ପ୍ରଦୀପ କୁମାର ମହାପାତ୍ର ସଂକଳ୍ପ ପତ୍ର ପାଠ କରାଇଥିଲେ । କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ଓ ଗ୍ରାମୀଣ ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତି ଙ୍କ ଆୟୋଜନରେ ହୋଇଥିବା ଏହି ସଭା ପରିଚାଳନା କରିଥିଲେ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ବଡୁ । ଏହି ଅବସରରେ କଟକର ବିଶିଷ୍ଟ ନାଗରିକ ପ୍ରହ୍ଲାଦ ଖଣ୍ଡେଲୱାଲ, ବିହାରୀ ସମାଜ ନେତା ଶୈଳେଶ ବର୍ମା, ସମାଜସେବୀ ସଞ୍ଜୟ ମହାକୁଡ଼, ଅଲେଖ ସାଧୁ ସୁକାନ୍ତ ବେହେରା , ସମାଜସେବୀ ସୁକାନ୍ତ ମହାନ୍ତି ପ୍ରମୁଖଙ୍କୁ ଜିଲ୍ଲା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜେପି ରାଷ୍ଟ୍ରୀୟ ମନ୍ତ୍ରୀ ତଥା ଓଡିଶା ବିଜେପିର ସହ ପ୍ରଭାରୀ ଡ଼ଃ ସ୍ୱଦେଶ ସିଂ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଜିଲ୍ଲା ପ୍ରଭାରୀ ଜ୍ଞାନଦେବ ବେଉରା, ନିଆଳି ବିଧାୟକ ଛବି ମଲ୍ଲିକ, କଟକ ସଦର ବିଧାୟକ ଇଂ ପ୍ରକାଶ ସେଠି, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବଡମ୍ବା ନରସିଂହପୁର



ବିଧାୟକ ବିଜୟ କୁମାର ଦଳ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ରାଜ୍ୟ ମୁଖ ପାତ୍ର ଦିଲ୍ଲୀପ ମଲ୍ଲିକ, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ସେବାଜ୍ୟୋତି ମଶାଲ ଜାଳି ବାଲିଯାତ୍ରା ତଳ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ କ୍ୟାଣ୍ଟନ ମେଣ୍ଟ ବାଟ ଦେଇ ମଙ୍ଗଳା ବାଗ ଛକରେ ସେବାଜ୍ୟୋତି ସ୍ଥାପନ କରିଥିଲେ ।

# ସୁରକ୍ଷାକୁ ଦୃଷ୍ଟିରେ ରଖି ୧୯୫ ମେଢକୁ ତିନି ଭାଗରେ ବିଭକ୍ତ କରାଯାଇଛି

ଭୁବନେଶ୍ୱର, (ସବ୍ୟୁ) : ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜଧାନୀରେ ଆୟୋଜିତ ୧୯୫ ଦୁର୍ଗା ମେଢକୁ ତିନି ଭାଗରେ ବିଭକ୍ତ କରାଯାଇଥିବା ଡିସିପି ସର୍ବଣା ବିବେକ ଏମ୍ କହିଛନ୍ତି । ସବୁ ପୂଜା କମିଟିର ସଦସ୍ୟଙ୍କୁ ମଣ୍ଡପରେ ପର୍ଯ୍ୟାପ୍ତ ପରିମାଣର ସିସି କ୍ୟାମେରା

## ମଣ୍ଡପରେ ଲଗାଅ ସିସି କ୍ୟାମେରା : ଡିସିପି

ଲଗାଇବାକୁ ପରାମର୍ଶ ଦିଆଯାଇଛି । ସେମାନେ ମଧ୍ୟ ଡିସିପିଙ୍କ ପରାମର୍ଶକୁ ଗ୍ରହଣ କରିଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜଧାନୀରେ ଆୟୋଜିତ ୧୯୫ ପୂଜା ମଣ୍ଡପରେ ସିସି କ୍ୟାମେରା ଲଗାଯିବା ସହ ସାଧା ପୋଷାକରେ ମହିଳା ଓ ପୁରୁଷ ପୋଲିସ ଉପସ୍ଥିତ ରହିବେ । ନିୟୋଜିତ ଫୋର୍ସ ମଣ୍ଡପ ପାଖରେ ଆୟୋଜିତ ମିନାବଜାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ନଜର ରଖିବେ । ଏଥିସହ ଟ୍ରାଫିକ୍ ବ୍ୟବସ୍ଥା ସ୍ୱତନ୍ତ୍ର ଭାବେ ଆୟୋଜନ କରାଯିବ ବୋଲି ଡିସିପି କହିଛନ୍ତି । ପୂଜାମଣ୍ଡପକୁ ତିନି ଭାଗରେ ବିଭକ୍ତ କରାଯିବାର ଅର୍ଥ ଗହଳିକୁ ଦୃଷ୍ଟିରେ ରଖି ଏ, ବି, ସି କାଟାଗୋରୀ କରାଯିବ । କାରଣ ସେହି ଅନୁସାରେ ସୁରକ୍ଷା ବ୍ୟବସ୍ଥାର ଆୟୋଜନ ହେବ ଓ ସାଧା ପୋଷାକରେ ପୋଲିସ ମୁତୟନ ରହିବେ । ସୁରକ୍ଷା ସମ୍ପର୍କରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କମିଟି ସଦସ୍ୟଙ୍କୁ ଡାକି ବୈଠକ କରାଇଥିଲେ । ହେଲେ ଡିସିପି ସେମାନଙ୍କ ସହ ସିସି କ୍ୟାମେରା ଓ ଆୟୋଜନ ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା କରିଛନ୍ତି ।

# ଝାରସୁଗୁଡ଼ାରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍‌ର ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ

## ୨୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ହେବେ ଉପକୃତ

ଭୁବନେଶ୍ୱର, (ସବ୍ୟୁ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ, ଉତ୍ସୁକତା ଓ ପ୍ରାୟୋଗିକ ଶିକ୍ଷାକୁ ବଢ଼ାଇବା ଲକ୍ଷ୍ୟରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଜେଏସଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲର ସିଏସ୍‌ଆର୍ ୱିଙ୍ଗ ଭାବେ କାର୍ଯ୍ୟ କରୁଥିବା ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍, ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର (ଆର୍‌ଏସସି) ସହଯୋଗରେ ଏହି ପଦକ୍ଷେପ ନେଇଛି । ଆର୍‌ଏସସି ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ନ୍ୟାସନାଲ୍ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିୟମର ଏକ ଅଂଶ । "ସାଇନ୍ସ ଇନ୍ ଏଭ୍ରିଡେ ଲାଇଫ୍' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି



ମୋବାଇଲ୍ ସାଇନ୍ସ ଏକ୍ସିବିସନ୍ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଜଗତସିଂହପୁର ଓ ଯାଜପୁର- ଏହି ୫ଟି ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଆୟୋଜନ କରାଯିବ । ଝାରସୁଗୁଡ଼ା ଜିଲ୍ଲା ପର୍ଯ୍ୟାୟର ମୋବାଇଲ୍ ସାଇନ୍ସ ଏକ୍ସିବିସନ୍ ୧୧ ସେପେଟମ୍ବର ୨୦୨୬ରେ ଝାରସୁଗୁଡ଼ା ବ୍ଲକର ତାଳପଟିଆ ସରକାରୀ ହାଇସ୍କୁଲରେ ଉ"ଟିତ ହୋଇଥିଲା । ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ସମ୍ବଲପୁର ଓ ଝାରସୁଗୁଡ଼ା ମୁଖ୍ୟ ଶ୍ରୀ ବିଶାଳ ରାଜ୍ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନ ସମୟରେ ସ୍କୁଲର ପ୍ରଧାନଶିକ୍ଷକ, ତାଳପଟିଆ କ୍ଲଷ୍ଟରର ସିଆରସିସି, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ମୋବାଇଲ୍ ପ୍ରଦର୍ଶନୀ ମାଧ୍ୟମରେ ସ୍କୁଲଗୁଡ଼ିକୁ ସିଧାସଳଖ ଇଣ୍ଟରାକ୍ଟିଭ୍ ବିଜ୍ଞାନ ପ୍ରଦର୍ଶନୀ ଓ ହ୍ୟାଣ୍ଡସ୍-ଅନ୍ ଲର୍ଣ୍ଣିଂର ସୁଯୋଗ ଦିଆଯାଉଛି । ଫଳରେ ଛାତ୍ରଛାତ୍ରୀ କେବଳ ପାଠ୍ୟପୁସ୍ତକରେ ବିଜ୍ଞାନ ପଢ଼ିବା ପରିବର୍ତ୍ତେ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ବୈଜ୍ଞାନିକ ଧାରଣାକୁ ଅନୁଭବ କରିପାରିବେ । ଏହି ପ୍ରକଳ୍ପକୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲାରେ ପହଞ୍ଚାଇବାର ଯୋଜନା ରହିଛି । ଝାରସୁଗୁଡ଼ା ଜିଲ୍ଲାରେ ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ସ୍କୁଲଗୁଡ଼ିକୁ ଏହାର ଅନ୍ତର୍ଭୁକ୍ତ କରାଯିବ । ଏହି ଦୁଇଟି ବ୍ଲକର ପ୍ରାୟ ୨୨୦ଟି ସ୍କୁଲର ୨୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀରୁ ଉପକୃତ ହେବେ । ଝାରସୁଗୁଡ଼ା ପର୍ଯ୍ୟାୟ ଶେଷ ହେବା ପରେ ମୋବାଇଲ୍ ବିଜ୍ଞାନ ପ୍ରଦର୍ଶନୀ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ ଅଭିମୁଖେ ଯାତ୍ରା କରିବ ।

# ପାର୍ବଣ ପୂର୍ବରୁ ଅପରାଧୀଙ୍କ ଉପରେ ପୋଲିସ ଚଢ଼ାଉ

## ୩ ମାମଲାରେ ୩ ଅଭିଯୁକ୍ତ ଗିରଫ, ଜାମିନ ନାମଞ୍ଜୁର ପରେ ଜେଲ୍ ଗଲେ

ପୁରୀ, (ସବ୍ୟୁ) : ପାର୍ବଣ ପୂର୍ବରୁ ଅପରାଧୀଙ୍କ ବିରୋଧରେ ପୁରୀ ଟାଉନ୍ ଥାନା ପୋଲିସର ଚଢ଼ାଉ ଜାରି ରହିଛି । ତିନିଟି ଭିନ୍ନ ଫୌଜଦାରୀ ମାମଲାରେ ତିନି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି । ତିଆଡ଼ି ସାହି ଆକ୍ରମଣ ମାମଲା: ତିଆଡ଼ି ସାହି ଗୋପାଳ ତୀର୍ଥ ମଠ ନିକଟରେ ଗତ ୧୮ ଡିସେମ୍ବର ୨୦୨୫ରେ ଘଟିଥିବା ଆକ୍ରମଣ ମାମଲାରେ ଫେରାର ଥିବା ଅଭିଯୁକ୍ତ ଚଗଲା ଜେନାକୁ ଟାଉନ୍ ଥାନା ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇ ବୁଧବାର ସକାଳେ ଗିରଫ କରିଛି । ଏହି ମାମଲା ଟାଉନ୍ ଥାନା କେସ୍ ନଂ-୭୧୩/୨୦୨୫ରେ ରୁଜୁ ହୋଇଥିବା ବେଳେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଏକାଧିକ ମାମଲା ଥିବା ପୋଲିସ ପକ୍ଷରୁ କୁହାଯାଇଛି । ଲଜ୍ ମାଲିକଙ୍କୁ ଦାଦାବଟି ମାମଲା: ଗତ ୩ ଅକ୍ଟୋବରରେ ମୋଚିସାହି ଛକସ୍ଥିତ ହରପ୍ରିୟା ଲଜ୍ ମାଲିକଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ରାମଚନ୍ଦ୍ର ଚୌଧୁରୀକୁ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଦୋଳମଣ୍ଡପ ସାହି ଅଞ୍ଚଳରୁ ଗିରଫ କରିଛି । ଏହି ମାମଲା ଟାଉନ୍ ଥାନା କେସ୍ ନଂ-୬୭୯/୨୦୨୬ରେ ରୁଜୁ ହୋଇଛି । ଗିରଫ ଅଭିଯୁକ୍ତକୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ନାବାଳିକା ଅପହରଣ ମାମଲା: ବୁଡ଼ଙ୍ଗ ସାହିର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଗତ ୨୨ ମେ ରେ ଅପହରଣ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାକେଶ ସିଂହକୁ ଗିରଫ କରିଛି । ଏହି ମାମଲା ଟାଉନ୍ ଥାନା କେସ୍ ନଂ-୩୧୭/୨୦୨୬ରେ ରୁଜୁ ହୋଇଥିଲା । ତିନି ଅଭିଯୁକ୍ତଙ୍କୁ ବୁଧବାର ଏସ୍‌ଡିଜେଏମ୍, ପୁରୀଙ୍କ ଅଦାଲତରେ ହାଜର କରାଯାଇଥିଲା । ସମସ୍ତଙ୍କ ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି ।

# ମୋଦୀଙ୍କ ୨୫ ବର୍ଷର ସେବାକୁ ନେଇ ପୁରୀରେ 'ସଂକଳ୍ପ ଜ୍ୟୋତି ଯାତ୍ରା

ପୁରୀ, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ୨୫ ବର୍ଷର ଜନସେବା ଓ ସାମ୍ବିଧାନିକ ପଦରେ ରହିବାର ଅବଦାନକୁ ସ୍ମରଣ କରି ପୁରୀରେ ବୁଧବାର 'ସଂକଳ୍ପ ଜ୍ୟୋତି ଯାତ୍ରାଦ ଅନୁଷ୍ଠିତ ହୋଇଛି । ବଗଲା ଧର୍ମଶାଳା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପୁରୀ ରଙ୍ଗଶାଳା ପରିବାର ପକ୍ଷରୁ ଏକ ମନନ ନାଟକ ପରିବେଷଣ କରାଯାଇଥିଲା । ନାଟକ ମାଧ୍ୟମରେ ମୋଦିଙ୍କ ୨୫ ବର୍ଷର ଜନସେବା, ନେତୃତ୍ୱ ଓ ଦେଶର ବିକାଶ ସହ ଜଡ଼ିତ ବିଭିନ୍ନ ଦିଗକୁ କଳାକାରମାନେ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଂସଦ ସମ୍ବିତ ପାତ୍ର, ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଧାୟିକା ଉପାସନା ମହାପାତ୍ର, ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ବାଇଧର ମଲିକ ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ପ୍ରସାଦ ତରେଇ, ଜିଲ୍ଲା ପ୍ରଭାରୀ ବିଷ୍ଣୁ ଚରଣ ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ସିଂହାରୀ, ବରିଷ୍ଠ ସେବାୟତ ରବି ଦାସ, ଟୁକୁ ସାମନ୍ତରାୟଙ୍କ ସମେତ ବହୁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ପୁରୀ ଜିଲ୍ଲାର ୬ଟି ବିଧାନସଭା କ୍ଷେତ୍ର ଅଧୀନ ୪୦ଟି ମଣ୍ଡଳରୁ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ । ଭିଡିଓ ବାର୍ତ୍ତା ମାଧ୍ୟମରେ ଦଳର ଜାତୀୟ ଅଧ୍ୟକ୍ଷ ନିତିନ ନବୀନ ମୋଦିଙ୍କ ନେତୃତ୍ୱ ଓ ଦୂରଦର୍ଶିତାର ପ୍ରଶଂସା କରି ଭାରତର ବିକାଶ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । ପରେ ବଗଲା ଧର୍ମଶାଳାରୁ 'ସଂକଳ୍ପ ଜ୍ୟୋତି ରଥ ସହ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା । 'ଭାରତ ମାତା କୀ ଜୟ ଧ୍ୱନିରେ ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା ।

# କୃତ୍ରିମ ବୁଦ୍ଧିମତ୍ତା ଶୀର୍ଷକ ଆଲୋଚନା ଚକ୍ର

ସୋର (ସବ୍ୟୁ): ସୋର ବ୍ଲକ ଅନନ୍ତପୁରସ୍ଥ ସାରସ୍ୱତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା ଶୀର୍ଷକ ଏକ ଆଲୋଚନା ଚକ୍ର ବିଭାଗୀୟ ମୁଖ୍ୟ ଅନୂପ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ଜେନା ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ଓକେସିଏଲର ଅଧ୍ୟାପକ ସୁବିର କୁମାର ଦେ, ଜ୍ଞାନେନ୍ଦ୍ର ସ୍ୱାଇଁ, ରାଜଶ୍ରୀ ତରାଇ, ପ୍ରଣବ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃତ୍ରିମ ବୁଦ୍ଧିମତା ଓ ଏହାର ବ୍ୟବହାର ଉପରେ ଆଲୋଚନା କରିଥିଲେ ।

## ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ

# ଇଣ୍ଡିଆ ବ୍ଲକ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା

ଭୁବନେଶ୍ୱର, (ସବ୍ୟୁ) : ଏମ୍‌ଏମ୍‌ଡିଆର ଆଇନ-୨୦୨୬ର ପ୍ରତ୍ୟାହାର, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଆଦି ଦାବି ନେଇ ବୁଧବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଏବଂ ଇଣ୍ଡିଆ ବ୍ଲକର ରାଜନୈତି ଦଳ ମାନଙ୍କ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରତିବାଦ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଡିସିସି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରା ଇନ୍ଦିରା ଗାନ୍ଧୀ ପାର୍କ ଠାରୁ ବାହାରି ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା । ସେଠାରେ ଉପସ୍ଥିତ ନେତୃବୃନ୍ଦ ରାଷ୍ଟ୍ରୀୟ ସଂଗୀତ ଗାନ କରିଥିଲେ । ପରେ ସମ୍ବିଧାନର ୩୨୬ ଧାରା ପାଠ କରାଯାଇଥିଲା ଏବଂ ଭୋଟି ଚୋରି ଘଟଣାରେ କମିଶନର



ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । କାର୍ଯ୍ୟକ୍ରମରେ ଇଣ୍ଡିଆ ବ୍ଲକ ରାଜନୈତିକ ଦଳର ନେତୃବୃନ୍ଦ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ଦାଶ, ମହେନ୍ଦ୍ର ପରିଡ଼ା, ସୁରେଶ ପାଣିଗ୍ରାହୀ, ପ୍ରଦୀପ ପ୍ରଧାନ, ସୁର ଜେନା, ଜୟନ୍ତ ଦାସ, ଜ୍ୟୋତି ରଞ୍ଜନ ମହାପାତ୍ର, ଲକ୍ଷ୍ମୀ ଦୋରା, ବିକ୍ରମ ସ୍ୱାଇଁ, ହେମନ୍ତ କୁମାର, ରମାକାନ୍ତ ହାତୀ, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି, ମିହିର ଆଚାର୍ଯ୍ୟ, ପ୍ରମୁଖ ସାମିଲ ଥିଲେ ।

## ବନ୍ୟା କ୍ଷୟକ୍ଷତି ପାଇଁ ମୋରଡାକୁ ସ୍ୱତନ୍ତ୍ର ପ୍ୟାକେଜ

# ୫ଦଫା ଦାବିରେ ଜେଏମ୍‌ଏମ୍‌ର ଦାବିପତ୍ର



ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ବନ୍ୟା କ୍ଷୟକ୍ଷତିର ତୁରନ୍ତ ଆକଳନ କରି ମୋରଡା ବ୍ଲକ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା ସହ ପାଞ୍ଚ ଦଫା ଦାବି ନେଇ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା (ଝାମୁମୋ) ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ତିନିଦିନିଆ ଜିଲ୍ଲାବ୍ୟାପୀ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମର ଅଂଶ ଭାବେ ବୁଧବାର ବାରିପଦାରେ ଏହି ଦାବିପତ୍ର ଦିଆଯାଇଛି ।

ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ହୋଇ ରାସ୍ତା, ପୋଲ, ବନ୍ଧ, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ଚାଷଜମି ଓ ଘରବାଡ଼ି ସହ ଧନଜୀବନର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦଳ ଦର୍ଶାଇଛି । ଦଳର ପାଞ୍ଚ ଦଫା ଦାବି ମଧ୍ୟରେ ବନ୍ୟା କ୍ଷୟକ୍ଷତିର ସଠିକ ଆକଳନ କରି ମୋରଡା ବ୍ଲକକୁ ସ୍ୱତନ୍ତ୍ର ଆର୍ଥିକ ସହାୟତା, ସମସ୍ତ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ, ଏମ୍‌ଏମ୍‌ଡିଆରବିଲ୍ ପ୍ରତ୍ୟାହାର, ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାୟିତ୍ୱମୁକ୍ତ କରିବା ଏବଂ ମୁଖ୍ୟ ନିର୍ବାଚନ କମିଶନର ଇସ୍ତଫା ଦାବି ରହିଛି। ଦାବିଗୁଡ଼ିକ ତୁରନ୍ତ ପୂରଣ ନହେଲେ ଝାମୁମୋ ଆନ୍ଦୋଳନକୁ ଓହ୍ଲାଇବାକୁ ପଛାଇବ ନାହିଁ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଏହି ଅବସରରେ ଦାବିପତ୍ରର ନକଲ ବାରିପଦା ପୌରପରିଷଦର ନିର୍ବାହୀ ଅଧିକାରୀ ଓ ବାରିପଦା ବିଡିଓଙ୍କ ମାଧ୍ୟମରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ସହର ସଭାପତି ତରେନ ସେନାପତି, ରାଜ୍ୟପରିଷଦ ସଭ୍ୟ ସୁଜିତ୍ ବେହେରା, ବାରିପଦା ବ୍ଲକ ସମ୍ପାଦକ ବବଲୁ ସିଂ, ଅଭିଷେକ ଦଣ୍ଡପାଟ, ବୁଦ୍ଧିଆ ମୁର୍ମୁ, ମେଘରାୟ ସୋରେନ, ରାମେଶ୍ୱର ଲୋହାରୀ, ପ୍ରେମ ସିଂ, ସୌମ୍ୟରଞ୍ଜନ ଅଗସ୍ତି, ବିଷ୍ଣୁ ରାୟ, ଡମାନ ହେମ୍ବ୍ରମ, ପ୍ରଦୀପ ସିଂ ଓ ଶଙ୍କର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଣତ୍ରୀ ଏସଏସଡି ବାଳିକା ହଷ୍ଟେଲରେ ଝାଡ଼ାବାନ୍ତି ଆତଙ୍କ

# ୩୫ରୁ ଊର୍ଦ୍ଧ୍ୱ ଛାତ୍ରୀ ଆକ୍ରାନ୍ତ

ବାରିପଦା, (ସବ୍ୟୁ) : ମାଣତ୍ରୀ ସ୍ଥିତ ଏସଏସଡି ବାଳିକା ହଷ୍ଟେଲରେ ଝାଡ଼ାବାନ୍ତି ଓ ପେଟବ୍ୟଥାରେ ୩୫ରୁ ଉଦ୍ଧର୍ବ ଛାତ୍ରୀ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ବାଳିକା ହାଇସ୍କୁଲ ହଷ୍ଟେଲରେ ଗତକାଲି ରାତିରେ ଭୋଜନ ପରେ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି ।

ରାତିରେ ଭୋଜନ ସାରି ଶୋଇବା ପରେ ବିଳମ୍ବିତ ରାତିରୁ କିଛି ଛାତ୍ରୀଙ୍କର ବାନ୍ତି, ଝାଡ଼ା ଓ ପେଟବ୍ୟଥା ଆରମ୍ଭ ହୋଇଥିଲା । ପରେ ଧୀରେ ଧୀରେ ଅନ୍ୟ ଛାତ୍ରୀମାନେ ମଧ୍ୟ ଅସୁସ୍ଥ ହେବାରୁ ଆକ୍ରାନ୍ତଙ୍କ ସଂଖ୍ୟା ୩୫ରୁ ଊର୍ଦ୍ଧ୍ୱରେ ପହଞ୍ଚିଥିଲା । ବିଦ୍ୟାଳୟ କର୍ତ୍ତୃପକ୍ଷ ଆମ୍ବୁଲାନ୍ସ ଓ ଅନ୍ୟ ଗାଡ଼ି ଯୋଗେ ଛାତ୍ରୀମାନଙ୍କୁ ମାଣତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ସ୍ଥାନାଭାବ ଓ ଅଧିକ ଚିକିତ୍ସା ଆବଶ୍ୟକ ଥିବା କିଛି ଛାତ୍ରୀଙ୍କୁ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ଡାକ୍ତରଖାନାରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଛାତ୍ରୀମାନଙ୍କ ଚିକିତ୍ସା କରୁଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରମାନେ ସୂଚନା ଦେଇଛନ୍ତି । ଖାଦ୍ୟ ବିଷକ୍ରିୟା କିମ୍ବା ଦୂଷିତ ପାନୀୟ ଜଳ ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି । ଘଟଣାର ଖବର ପାଇ ଜିଲ୍ଲାପାଳ ଡାକ୍ତରଖାନାରେ ପହଞ୍ଚି ଅସୁସ୍ଥ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ । ଉତ୍ତମ ଚିକିତ୍ସା ସହ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିବାକୁ ସେ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲ୍ଲାପାଳ ହଷ୍ଟେଲ ପରିଦର୍ଶନ କରି ରୋଷେଇ ଘର, ଡାଇନିଂ ହଲ୍ ଓ ପାନୀୟ ଜଳ ବ୍ୟବସ୍ଥା ଯାଞ୍ଚ କରିଥିଲେ । ଘଟଣାର ତଦନ୍ତ ସହ ହଷ୍ଟେଲର ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । କର୍ତ୍ତବ୍ୟରେ ଅବହେଳା ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ନାବାଳିକା ଅପହରଣ ମାମଲା: ଅଭିଯୁକ୍ତକୁ ଜେଲ୍

ବ୍ରହ୍ମପୁର, (ସବ୍ୟୁ) : ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ ଜଜ ରୋହିତ ଲାଲ ପଣ୍ଡା ଆଜି ଏକ ନାବାଳିକା ଅପହରଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ଉପଯୁକ୍ତ ସାକ୍ଷୀ ପ୍ରମାଣ ଆଧାରରେ ଜଜ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ଭଞ୍ଜନଗର ଡହ ଅଞ୍ଚଳର ଚିତରଞ୍ଜନ ପ୍ରଧାନ(୩୦) । ଜଜ ନିଜ ରାୟରେ ଅଭିଯୁକ୍ତଙ୍କୁ ସାଢେ ତିନିବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ତିନି ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୧୫ ଦିନର ଜେଲଦଣ୍ଡ ନିର୍ଦ୍ଦେଶ ରହିଛି । ପ୍ରକାଶ ଯେ ୨୦୧୯ ଅଗଷ୍ଟ ୧୫ ତାରିଖରେ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ । ପରିବାର ଲୋକ ଖୋଜାଖୋଜା କରି ଝିଅଙ୍କୁ ପାଇ ନଥିଲେ । ପରେ ୨୫ ତାରିଖରେ ଏନେଇ ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୧୨୯/୧୯ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ୨୬ ତାରିଖ ଦିନ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ତା'ପରଦିନ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ପୀଡ଼ିତାଙ୍କ ବୟାନ ଅନୁଯାୟୀ ଅପହରଣକାରୀ ବିବାହର ମିଥ୍ୟା ପପ୍ରତିଶ୍ରୁତି ଦେଇ ତାଙ୍କୁ ଅପହରଣକାରୀ ପ୍ରଥମେ ଜଗନ୍ନାଥପ୍ରସାଦ, ପରେ ଓଡ଼ଗାଁ ପରେ ଭୁବନେଶ୍ୱରେ ରଖିଥିଲା ।

## ବିକଶିତ ଭାରତ ସଂକଳ୍ପ ସଭା ଓ ସେବା ଜ୍ୟୋତି ଯାତ୍ରା

ଛତ୍ରପୁର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଶାସନ ସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ଛତ୍ରପୁର ଷ୍ଟାଡିୟମ୍ ପରିସରରେ ବିକଶିତ ଭାରତ ସଂକଳ୍ପ ସଭା ତଥା ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା ଅନୁଷ୍ଠିତ ହୋଇଛି । ଜିଲ୍ଲାର ବିଭିନ୍ନ ବ୍ଲକ୍ ମୁଖ୍ୟାଳୟରୁ ବାହାରିଥିବା ସେବା ଜ୍ୟୋତି ଏକ ବିରାଟ ରାଲିରେ ଛତ୍ରପୁର ଷ୍ଟାଡିୟମ୍ରେ ପହଞ୍ଚିଥିଲା । ପରେ ଷ୍ଟାଡିୟମ୍ ପରିସରରେ ବିକଶିତ ଭାରତ ସଂକଳ୍ପ ସଭା ଆୟୋଜିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବୋଧନକୁ ଉପସ୍ଥିତ ଜନସାଧାରଣ ଭର୍ଚୁଆଲ୍ ମାଧ୍ୟମରେ ଦେଖିଥିଲେ । ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟରେ ସାମୂହିକ ସଂକଳ୍ପ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସ୍କିା ସାଂସଦ ଅନିତା ଶୁଭଦର୍ଶିନୀ, ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ଶାରଦା ପ୍ରସାଦ ଶତପଥୀ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବିଧାୟକ ଡଃ. ସିଦ୍ଧାନ୍ତ ମହାପାତ୍ର, ବିଧାୟକ କେ. ଅନିଲ କୁମାର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ ସରୋଜ ପାଢ଼ୀ, ବିଧାୟକ ନୀଳମଣି ବିଷୋୟୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ବିଜେପିର ବହୁ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଆଣିବା ସହ ବିଭିନ୍ନ କ୍ଷେତ୍ରରେ ଉତ୍ତମ ସେବା ପ୍ରଦାନ କରିଥିବା କିଛି ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପରେ ଅତିଥିମାନେ ସେବା ଜ୍ୟୋତି ପ୍ରଜ୍ୱଳନ କରିଥିଲେ । ପ୍ରଜ୍ୱଳିତ ସେବା ଜ୍ୟୋତିକୁ ଏକ ବିରାଟ ପଟୁଆରରେ ଛତ୍ରପୁର ଅପର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ନିଆଯାଇଥିଲା । ପରେ ଅପର ବସ୍‌ଷ୍ଟାଣ୍ଡରୁ ଷ୍ଟେସନ ଯିବା ଛକକୁ "ସେବା ଜ୍ୟୋତି ଛକ' ଭାବେ ନାମିତ କରାଯାଇଥିଲା ।

## ଏସଆଇଆରରେ ବାଦ୍ ପଡିଥିବା ଯୋଗ୍ୟ ଭୋଟରଙ୍କୁ ତାଲିକାରେ ସାମିଲ ପାଇଁ ସୁଯୋଗ

# ଅକ୍ଟୋବର ୭, ୮ ଓ ୯ରେ ସ୍ୱତନ୍ତ୍ର ଅଭିଯାନ

ବାରିପଦା, (ସବ୍ୟୁ) : ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ । ଅକେଫାବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା । ଯେଉଁ ଯୁବକ-ଯୁବତୀମାନେ ଅକେଫାବର ୧ତାରିଖ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ ।

ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ । ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ । ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ସିଇଓ ଓଡିଶାଙ୍କ ୱେବ୍‌ସାଇଟରେ ଉପଲବ୍ଧ କରାଯିବ । ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ । ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ । ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଞ୍ଚ କରି ଆବଶ୍ୟକ ଦାବି ଓ ଆପତ୍ତି ଦାଖଲ କରିପାରିବେ । ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଣ୍ଟ୍ରି ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଏଲଓମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଞ୍ଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନାମ ଯୋଡ଼ିବାକୁ ଇଚ୍ଛୁକ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କ ସହ ଯୋଗାଯୋଗ କରି ଆବେଦନ ପ୍ରକ୍ରିୟା ସମ୍ପର୍କରେ ସହାୟତା ନେଇପାରିବେ । ବୁଥସ୍ତରୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ । ତେଣୁ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ରେ ନାମ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ଏବଂ ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତି ଅକେଫାବର ୭, ୮ ଓ ୯ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ, ସମାବେଶୀ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି ।

## ପୃଥକ ସ୍ଥାନରୁ ୧୬୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜେଇ ବ୍ରହ୍ମପୁର ଆସୁଥିବା ଖବର ପାଇଁ ଅବକାରୀ ଗୁଇନ୍ଦା ଡ଼ିଏସପି ଶୃତିକାନ୍ତ ରାଉତଙ୍କ ନେତୃତ୍ୱରେ ଟିମ ଗଠନ ହୋଇଥିଲା । ସଦର ଥାନା ଅନ୍ତର୍ଗତ ରନିପୁର ଛକରେ ଯାନବାହନ ଯାଞ୍ଚ କରୁଥିଲା । ବ୍ରହ୍ମପୁର ଅଭିମୁଖେ ଅଡୁଥିବା ଏକ କାର ନଂ (କେଏଲ-୫୦ଏନ ୦୨୪୮)କୁ ଅଟକାଇ ଯାଞ୍ଚ ବେଳେ ସେଥିରୁ ୯୦ କେଜି ଗଞ୍ଜେଇ ଜବତ କରିଥିଲା । କାର ଚାଳକ କେରଳର ବିନୋଦ ଏଲ(୪୫)ଙ୍କୁ କାବୁ କରି ଜେରା କରିଥିଲା । ତାଙ୍କରି ବୟାନ ଆଧାରରେ ବଡବଜାର ଥାନା ଅନ୍ତର୍ଗତ ଅଟୋ ନଗର ଛକ ଦେଇ ରହ୍ମପୁର ଆସୁଥିବା ଏକ ଅନ୍ୟ ଏକ କାର ନଂ (କେଏଲ ୨୭ବି-୪୯୨୬)କୁ ଅଟକାଇ ଯାଞ୍ଚ ବେଳେ ସେଥିରୁ ୬୦କେଜି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ କେରଳର ଅଖିଳ ଥୋମାସ(୩୧) ଓ ଫେବିନ ବିଜୁ(୨୭) ।

ସେହିପରି ଗୋପାଳପୁର ଛକ ରେ ଛିଡା ହୋଇଥିବା ଏକ ବାଇକ ନଂ (ଓଡ଼ି୧୨- ଏଫ -୬୮୧୪) ଯାଞ୍ଚ ବେକେ ସେଥିରେ ଥିବା ୧୦ କେଜି ଗଞ୍ଜେଇ ଜବତ କରିବା ସହ ବାଇକ ଚାଳକ କନ୍ଧମାଳର ନନ୍ଦନ ନାୟକ(୨୧)ଙ୍କୁ ଗିରଫ କରିଥିଲା । ଅଭିଯୁକ୍ତ ମାନଙ୍କ ନିକଟରୁ ୪ଗୋଟି ମୋବାଇଲ ଫୋନ ଜବତ ହୋଇଛି । ଅବକାରୀ ପୋଲିସ ଏନେଇ ୪୨୨, ୪୨୩, ୪୨୪/୨୬-୨୭ ରେ ତିନୋଟି ମାମଲା ରୁଜୁ କରି ୪ଅଭିଯୁକ୍ତଙ୍କୁ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା କହିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ କେରଳ ରାଜ୍ୟର ହୋଇଥିବା ବେଳେ ଜଣେ କନ୍ଧମାଳ ଜିଲ୍ଲାର ବୋଲି ଜଣାପଡ଼ିଛି । ପଚରାଉଚରା ବେଳେ କେରଳର ଅଭିଯୁକ୍ତମାନେ କନ୍ଧମାଳରୁ ବ୍ରହ୍ମପୁର ଦେଇ କେରଳକୁ ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ସୂଚନା ଦେଇଥିବା ଡ଼ିଏସପି ରାଉତ ସୂଚନା ଦେଇଛନ୍ତି । ଜବତ ଗଞ୍ଜେଇ ଓ ଅନ୍ୟାନ୍ୟ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୩୮ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

## ବିଷ ପାନକରି ଯୁବକ ଗୁରୁତର

ବୁଗୁଡା, (ସବ୍ୟୁ): ବୁଗୁଡ଼ା ନିକଟସ୍ଥ କତକଲା ଗ୍ରାମର ବବୁଲୁ ସ୍ୱାଇଁ ନାମକ ଜନୈକ ଯୁବକ ବିଷ ପାନକରି ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ପ୍ରକାଶ ଯେ, ବୁଧବାର ଅପରାହ୍ନରେ ବବୁଲୁ ମାନସିକ ଅଶାନ୍ତିରୁ ଚାଉଳ ପୋକମରା ବିଷ ଖାଇଦେଲା । ଏକଥା ଜାଣିପାରି ପରିବାର ଲୋକେ ତାକୁ ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ପ୍ରାଥମିକ ଉପଚାର ପରେ ଅବସ୍ଥା ଗୁରୁତର ଥିବାରୁ ତାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।




### ଗୁଣିଗାରେଡ଼ି ଆଳ

## ନବବିବାହିତାଙ୍କୁ ୩ଦିନ ଧରି ଦୁଷ୍କର୍ମ, ଗୁଣିଆ ଗିରଫ

ବାରିପଦା, (ସବ୍ୟୁ) : ପାରିବାରିକ ଅଶାନ୍ତି ଦୂର କରିବା ଓ ସ୍ୱାମୀଙ୍କ ସହ ସମ୍ପର୍କ ସୁଧାରିବା ଆଶାରେ ଗୁଣିଆଙ୍କ ଶରଣାପନ୍ନ ହୋଇଥିବା ଜଣେ ନବବିବାହିତାଙ୍କୁ ଗୁଣିଗାରେଡ଼ି ଆଳରେ ତିନିଦିନ ଧରି ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି । ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ପୋଲିସ ଗୁଣିଆ ଲକ୍ଷ୍ମଣ ଲୋହାରଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

ଅଭିଯୋଗ ଅନୁଯାୟୀ, ୩୦ବର୍ଷୀୟା ମହିଳାଙ୍କ ଘର କେନ୍ଦୁଝର ଜିଲ୍ଲାର ଯୋଡ଼ା ଅଞ୍ଚଳରେ । ବାପା-ମାଆଙ୍କୁ ହରାଇବା ପରେ ସେ ଗୋରୁମହିଷାଣୀରେ ଜଣେ ସାଙ୍ଗଙ୍କ ସହ ରହୁଥିଲେ । ଚଳିତ ବର୍ଷ ସେପେଫମ୍ବର ବିଶୋଇ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ । ବିବାହର କିଛିଦିନ ପରେ ଶାଶୁଘରେ ତାଙ୍କୁ ନିର୍ଯାତନା ଦିଆଯାଉଥିବା ସହ ସ୍ୱାମୀଙ୍କ ସହ ମଧ୍ୟ ତିକ୍ତତା ସୃଷ୍ଟି ହୋଇଥିଲା । ପାରିବାରିକ ସମସ୍ୟା ସହ ଜ୍ୱର ଓ ଅସୁସ୍ଥତା ଲାଗି ରହିବାରୁ ମହିଳା ଜଣକ ମାନସିକ ଭାବେ ଭାଙ୍ଗି ପଡ଼ିଥିଲେ। ଏହି ସମୟରେ ଜଣେ ଗୁଣିଆ ଗୁଣିଗାରେଡ଼ି ମାଧ୍ୟମରେ ସ୍ୱାମୀଙ୍କ ସହ ସମ୍ପର୍କ ସୁଧାରିବା, ସ୍ୱାସ୍ଥ୍ୟ ଠିକ୍ କରିବା ଓ ପାରିବାରିକ ଅଶାନ୍ତି ଦୂର କରିଦେବାକୁ କହିଥିବା ଅଭିଯୋଗ ହୋଇଛି । ଏଥିରେ ବିଶ୍ୱାସ କରି ଗତ ଗୁରୁବାର ମହିଳା ଜଣକ ବିଶୋଇ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ପୁକ୍ରିପୁଟ ଡ୍ୟାମ ଛକସ୍ଥିତ ଲକ୍ଷ୍ମଣ ଲୋହାରଙ୍କ ଘରକୁ ଯାଇଥିଲେ । ସେଠାରେ ଗୁଣିଗାରେଡ଼ି କରିବା ଆଳରେ ତାଙ୍କୁ ତିନିଦିନ ଧରି ଅଟକାଇ ରଖି ଦୁଷ୍କର୍ମ କରାଯାଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି । ଏନେଇ ବିଶୋଇ ଥାନାରେ ଦୁଷ୍କର୍ମ ମାମଲା ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତ ଲକ୍ଷ୍ମଣ ଲୋହାରଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି ।






# ହେଲଥ ଭିଲ୍ଲେ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ବାର ଆସୋସିଏସନ ପରିସରରେ ହେଲଥ୍‌ଭିଲେ ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ୭୫ଜଣ ଓକିଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାର ଜଣାପଡିଛି। ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ହେଲଥ୍ ଭିଲେ ପକ୍ଷରୁ ଢେଙ୍କାନାଳ ବାର ଆସୋସିଏସନ ପ୍ରାଙ୍ଗଣରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ବହୁ ସଂଖ୍ୟକ ଆଇନଜୀବୀ, ବାର ଆସୋସିଏସନର ସଦସ୍ୟ, କର୍ମଚାରୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ବିଭିନ୍ନ ରୋଗ ସମ୍ପର୍କରେ ପରାମର୍ଶ ଗ୍ରହଣ କରିଥିଲେ। ଶିବିରରେ ହେଲଥ୍ ଭିଲାର ମ୍ୟାନେଜର ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ନିୟମିତ ପରୀକ୍ଷା ଏବଂ ସମୟୋପଯୋଗୀ ପରାମର୍ଶର ଗୁରୁତ୍ୱ ସମ୍ପର୍କରେ ସେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଶିବିରର ମୁଖ୍ୟ ଆକର୍ଷଣ ଥିଲେ ଡା. ଶ୍ରିଷ୍ଟି ସିଂହ, ଯିଏ ଉପସ୍ଥିତ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ। ରକ୍ତଚାପ, ଡାଇବେଟିସ, ହାଡ଼ ଓ ମାଂସପେଶୀ ଜନିତ ସମସ୍ୟା, ଜୀବନଶୈଳୀ ଜନିତ ରୋଗ ଏବଂ ଦୈନନ୍ଦିନ ସ୍ୱାସ୍ଥ୍ୟ ଯତ୍ନ ସମ୍ପର୍କରେ ସେ ବିସ୍ତୃତ ଭାବେ ବୁଝାଇଥିଲେ।କାର୍ଯ୍ୟକ୍ରମର ସମନ୍ୱୟ ଦାୟିତ୍ୱ ଶାଦାବ ଆହମଦ ସଫଳତାର ସହିତ ତୁଲାଇଥିଲେ। ଶିବିରରେ ଯୋଗ ଦେଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁବିଧାଜନକ ଭାବେ ସେବା ପ୍ରଦାନ ହେବା ଦିଗରେ ସେ ଗୁରୁତ୍ୱ ଦେଇଥିଲେ।ଏହି ସ୍ୱାସ୍ଥ୍ୟ ଶିବିରରେ ଥେରାପିଷ୍ଟ ଅନନ୍ତା, ତିଲୋତ୍ତମା ଏବଂ ସଙ୍ଗୀତା ସକ୍ରିୟ ଭାବେ ଯୋଗଦେଇଥିଲେ। ସେମାନେ ଶାରୀରିକ ବ୍ୟଥା, ମେରୁଦଣ୍ଡ ଓ ଗଣ୍ଠି ସମସ୍ୟା, ମାଂସପେଶୀ ଜନିତ ଅସୁବିଧା ଏବଂ ଫିଜିଓଥେରାପି ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ଦୀର୍ଘ ସମୟ ଧରି ବସି କାମ କରୁଥିବା ବ୍ୟକ୍ତିଙ୍କ ପାଇଁ ବ୍ୟାୟାମ, ଠିକ୍ ଶରୀର ଭଙ୍ଗୀ ଏବଂ ନିୟମିତ ଥେରାପିର ଉପକାରିତା ସମ୍ପର୍କରେ ମଧ୍ୟ ସେମାନେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ।

## ଚାରି ମାସର ଲଢ଼େଇ ପରେ ଜିତିଲେ ଜମରଡିହବାସୀ

# ଲୋକଙ୍କ ଜିଦ୍ ଆଗରେ ନଇଁଲା ସରକାର, ଯୋଗଦେଲେ ଆୟୁଷ ଡାକ୍ତର



ପାଲଲହଡା, (ସବ୍ୟୁ) : ଦୀର୍ଘ ଚାରି ମାସର ଆନ୍ଦୋଳନ, ଧାରଣା, ରାଲି ଓ ରାଜପଥ ଅବରୋଧ ପରେ ଶେଷରେ ଜମରଡିହବାସୀଙ୍କ ଦାବିରେ ମୋହର ଲାଗିଛି। ଲୋକଙ୍କ ଅଦମ୍ୟ ଜିଦ୍ ଓ ମହିଳାଙ୍କ ଦୀର୍ଘ ଲଢ଼େଇ ଆଗରେ ନଇଁଛି ସ୍ୱାସ୍ଥ୍ୟ ବିଭାଗ। ଜମରଡିହ ସରକାରୀ ଡାକ୍ତରଖାନାରେ ଆଜି ସରକାରୀ ଆୟୁଷ ଡାକ୍ତର ନିଯୁକ୍ତ ହୋଇଛନ୍ତି। ଏଥିସହ ଡାକ୍ତରଖାନାରେ ପୁଣି ଆରମ୍ଭ ହୋଇଛି ସରକାରୀ ସ୍ୱାସ୍ଥ୍ୟସେବା। ଦୀର୍ଘଦିନର ଦାବି ପୂରଣ ହେବା ପରେ ଜମରଡିହ ଓ ଆଖପାଖ ଅଞ୍ଚଳରେ ଖେଳିଯାଇଛି ଖୁସିର ଲହରୀ। ପାଲଲହଡା ବ୍ଲକର ଉପାନ୍ତ ଅଞ୍ଚଳ ଜମରଡିହରେ ଥିବା ଏହି ସରକାରୀ ଡାକ୍ତରଖାନାକୁ ପ୍ରାୟ ୭୦ ବର୍ଷ ପୂରିଛି। ଜମରଡିହ ସମେତ ପାଖାପାଖି ୫ଟି ପଞ୍ଚାୟତର ପ୍ରାୟ ୩୦ ହଜାର ଲୋକଙ୍କ ଚିକିତ୍ସାର ମୁଖ୍ୟ ଭରସା ଥିଲା ଏହି ଡାକ୍ତରଖାନା। କିନ୍ତୁ ଗତ ଜୁନ୍ ୧ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ଡାକ୍ତରଖାନାର ପରିଚାଳନା ଏନଜିଓ 'ପରିବର୍ତ୍ତନ ସଂସ୍ଥା'କୁ ହସ୍ତାନ୍ତର କରିଥିଲା। ଏନଜିଓ ଦ୍ୱାରା ଲୋକଙ୍କୁ ଆଶାନୁରୂପ ସ୍ୱାସ୍ଥ୍ୟସେବା ମିଳୁନଥିବା ଅଭିଯୋଗ ଉଠିବା ପରେ ଉପାନ୍ତ ଅଞ୍ଚଳର ଶତାଧିକ ମହିଳା ଏହାର ତୀବ୍ର ବିରୋଧ କରିଥିଲେ। ଏନଜିଓ ହଟାଅ, ଜୀବନ ବଞ୍ଚାଅ' ନାରା ଦେଇ ମହିଳାମାନେ ଡାକ୍ତରଖାନା ସମ୍ମୁଖରେ ଧାରଣା ଦେବା ସହ ସରକାରୀ ଡାକ୍ତର ନିଯୁକ୍ତି ଓ ସରକାରୀ ବ୍ୟବସ୍ଥାରେ ଡାକ୍ତରଖାନା ପରିଚାଳନା ଦାବି କରିଥିଲେ। ଆନ୍ଦୋଳନ ତୀବ୍ର ହେବାରୁ ଶେଷରେ ଜୁଲାଇ ୧ ତାରିଖରେ ଏନଜିଓ ସଂସ୍ଥା ଡାକ୍ତରଖାନାରୁ ଓହରିଯାଇଥିଲା। ହେଲେ ଏହାପରେ ମଧ୍ୟ ସରକାରୀ ବ୍ୟବସ୍ଥାରେ ଡାକ୍ତର ନିଯୁକ୍ତି ନହେବାରୁ ଆନ୍ଦୋଳନ ଥମିନଥିଲା। ଚାରି ମାସ ଧରି ମହିଳାମାନେ ବିଭିନ୍ନ ସମୟରେ ରାଲି, ବିକ୍ଷୋଭ ଓ ଧାରଣା ଦେବା ସହ ଦାବି ପୂରଣ ପାଇଁ ଗତ ସେପ୍ଟେମ୍ବର ମାସ ୩ ତାରିଖ ଦିନ ୪୯ ନମ୍ବର ଜାତୀୟ ରାଜପଥ ମଧ୍ୟ ଅବରୋଧ କରିଥିଲେ। ଲୋକଙ୍କ ଜୀବନ ସହ ଜଡ଼ିତ ଏହି ପ୍ରସଙ୍ଗରେ ସରକାର ତୁରନ୍ତ ପଦକ୍ଷେପ ନେଇ ସରକାରୀ ଡାକ୍ତର ନିଯୁକ୍ତ କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଆସୁଥିଲେ। ଏହି ଆନ୍ଦୋଳନକୁ ପାଲଲହଡା ବିଜେଡି ପକ୍ଷରୁ ମଧ୍ୟ ସମ୍ପୂର୍ଣ୍ଣ ସମର୍ଥନ ମିଳିଥିଲା। ପୂର୍ବତନ ବିଧାୟକ ମୁକେଶ ପାଳ ଆନ୍ଦୋଳନକାରୀଙ୍କ ସହ ଠିଆ ହୋଇ ସରକାରୀ ଡାକ୍ତର ନିଯୁକ୍ତି ଓ ଡାକ୍ତରଖାନାରେ ସ୍ଥାୟୀ ସରକାରୀ ବ୍ୟବସ୍ଥା ଦାବି କରିଥିଲେ। ଆନ୍ଦୋଳନକାରୀ ମହିଳାମାନେ ମଧ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେଇଥିଲେ। ଶେଷରେ ଆଜି ଆନ୍ଦୋଳନର ବଡ଼ ବିଜୟ ହୋଇଛି। ଜମରଡିହ ଡାକ୍ତରଖାନାରେ ଜଣେ ସରକାରୀ ଆୟୁଷ ଡାକ୍ତର ଯୋଗଦେଇ ସକାଳୁ ରୋଗୀଙ୍କୁ ଚିକିତ୍ସା ଯୋଗାଇଛନ୍ତି। ଡାକ୍ତରଙ୍କ ଯୋଗଦାନ ଖବର ପାଇ ଶତାଧିକ ମହିଳା ଡାକ୍ତରଖାନାରେ ପହଞ୍ଚି ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ ପୂର୍ବତନ ବିଧାୟକ ମୁକେଶ ପାଳଙ୍କୁ ମଧ୍ୟ ମହିଳାମାନେ ଡାକ୍ତରଖାନାକୁ ପାଛୋଟି ନେଇ ସମ୍ବର୍ଦ୍ଧିତ କରିଥିଲେ। ଚାରି ମାସର ଲଢ଼େଇ ପରେ ଡାକ୍ତରଖାନାରେ ସରକାରୀ ଡାକ୍ତର ନିଯୁକ୍ତି ହେବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଓ ଖୁସି ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଚିକିତ୍ସା ସେବା ପାଇଁ ହଇରାଣ ହେଉଥିବା ଉପାନ୍ତ ଅଞ୍ଚଳର ଲୋକେ ଏବେ ନିଜ ଅଞ୍ଚଳରେ ପୁଣି ସରକାରୀ ସ୍ୱାସ୍ଥ୍ୟସେବା ପାଇବାର ଆଶା ରଖିଛନ୍ତି ।

# ଗଞ୍ଜାମରେ ଟିପିଏସ୍‌ଓଡିଏଲର ମେଗା 'ସେବା ସେତୁ' କ୍ୟାମ୍ପ

ବ୍ରହ୍ମପୁର, (ସବ୍ୟୁ) : ରୁଫଟପ୍ ସୋଲାର ସମ୍ପର୍କିତ ସୂଚନା ଓ ସୁବିଧାକୁ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ମାସବ୍ୟାପୀ 'ସେବା ସଙ୍କଳ୍ପ ଅଭିଯାନ'ର ଅଂଶ ଭାବେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଡିଆରଡିଏର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଏକ ବୃହତ୍ତ 'ସେବା ସେତୁ' ଶିବିର ଆୟୋଜନ କରାଯାଇଛି। ପିଏମ୍ ସୂର୍ଯ୍ୟ ଘର : ମୁଫତ ବିଜୁଳି ଯୋଜନା ଏବଂ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲ୍ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସମ୍ପର୍କରେ ସଚେତନତା ବଢ଼ାଇବା, ଉପଭୋକ୍ତାଙ୍କୁ ସହାୟତା ଯୋଗାଇବା ଏବଂ ରୁଫଟପ୍ ସୋଲାର ଗ୍ରହଣକୁ ତ୍ୱରାନ୍ୱିତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶିବିରରେ ଶ୍ରୀକୃଷ୍ଣ ଚନ୍ଦ୍ର ନାୟକ, ବିଧାୟକ, ଛତ୍ରପୁର ଏବଂ କୀର୍ତ୍ତି ଭାସନ୍ ଭି., ଆଇଏଏସ୍, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଗଞ୍ଜାମ ଯୋଗଦେଇଥିଲେ। ଉପଭୋକ୍ତାଙ୍କ ନିକଟରେ ସୂଚନା, ସହାୟତା ଓ ରୁଫ୍ ଟପ୍ ସୋଲାର ସମ୍ପର୍କିତ ସମସ୍ତ ତଥ୍ୟ ପହଞ୍ଚାଇବା ପାଇଁ ଏଭଳି ପଦକ୍ଷେପକୁ ସେମାନେ ପ୍ରଶଂସା କରିଥିଲେ। ଉପଭୋକ୍ତାଙ୍କୁ ଗୋଟିଏ ସ୍ଥାନରେ ସମସ୍ତ ପ୍ରକାର ସୂଚନା ଓ ସହାୟତା ଯୋଗାଇବା ପାଇଁ ଏହି ଶିବିରକୁ ଏକ 'ସିଙ୍ଗଲ୍ ୱିଣ୍ଡୋ' ସୁବିଧା କେନ୍ଦ୍ର ଭାବେ ଆୟୋଜନ କରାଯାଇଥିଲା। ଏଠାରେ ବ୍ୟାଙ୍କ ଅଧିକାରୀ, ଆର୍ଇସିର ପ୍ରତିନିଧି, ତାଲିକାଭୁକ୍ତ ସୋଲାର ଭେଣ୍ଡର ଏବଂ ଟିପିଏସ୍‌ଓଡିଏଲର ଟିମ୍ ଏକାଠି ହୋଇ ଉପଭୋକ୍ତାଙ୍କୁ ରୁଫଟପ୍ ସୋଲାର ସମ୍ପର୍କିତ ବିଭିନ୍ନ ବିଷୟରେ ସହାୟତା ପ୍ରଦାନ କରିଥିଲେ। ଏଥିରେ ଯୋଜନାର ସୁବିଧା, ଯୋଗ୍ୟତା, ସରକାରୀ ସବସିଡି, ଋଣ ଓ ଅର୍ଥ ଯୋଗାଣ ବ୍ୟବସ୍ଥା, ସୋଲାର ଭେଣ୍ଡର ଚୟନ, ଆବଶ୍ୟକ କାଗଜପତ୍ର, ସ୍ଥାପନ ଏବଂ ଆବେଦନ ପ୍ରକ୍ରିୟା ଭଳି ବିଭିନ୍ନ ବିଷୟରେ ଉପଭୋକ୍ତାଙ୍କୁ ଜଣାଯାଇଛି। ଗୋଟିଏ ଦିନରେ ୨୮୦ ଜଣ ଉପଭୋକ୍ତା ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଏବଂ ୟୁଏଲ୍ଏ ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ପାଇଁ ପଞ୍ଜୀକରଣ କରିଥିଲେ। ଜିଲ୍ଲାରେ ଏ ପର୍ଯ୍ୟନ୍ତ ୨୩,୪୪୨ଟି ରୁଫଟପ୍ ସୋଲାର ସ୍ଥାପନ କରାଯାଇଛି। ରୁଫଟପ୍ ସୋଲାରର ଆର୍ଥିକ ଓ ପରିବେଶଗତ ଲାଭ ସମ୍ପର୍କରେ ଉପଭୋକ୍ତାଙ୍କ ଆଗ୍ରହ ବଢ଼ିବା ସହ ନିରନ୍ତର ସଚେତନତା, ସହାୟତା ଓ କାର୍ଯ୍ୟାନ୍ୱୟନ ଉଦ୍ୟମ ଯୋଗୁଁ ଗଞ୍ଜାମରେ ରୁଫଟପ୍ ସୋଲାରର ବ୍ୟବହାର ଦ୍ରୁତ ଗତିରେ ବଢ଼ୁଛି। ଦକ୍ଷିଣ ଓଡ଼ିଶାର ଏହାର ଆଠଟି ଜିଲ୍ଲାରେ ରୁଫଟପ୍ ସୋଲାରକୁ ପ୍ରୋତ୍ସାହନ ଦେବା ପାଇଁ ଟିପିଏସ୍‌ଓଡିଏଲ୍ ବିଭିନ୍ନ ସ୍ତରରେ ପଦକ୍ଷେପ ନେଉଛି। ସେବା ସଙ୍କଳ୍ପ ଅଭିଯାନ'ର ଅଂଶ ଭାବେ ଦକ୍ଷିଣ ଓଡ଼ିଶାର ଆଠଟି ଜିଲ୍ଲାରେ 'ସେବା ସେତୁ' ଶିବିର ଆୟୋଜନ କରାଯାଉଛି।

# ନାବାଳିକା ଅପହରଣ ମାମଲା ଅଭିଯୁକ୍ତକୁ ସାଢେ ତିନିବର୍ଷ ଜେଲ

ବ୍ରହ୍ମପୁର, (ସବ୍ୟୁ) : ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ ଜଜ ରୋହିତ ଲାଲ ପଣ୍ଡା ଆଜି ଏକ ନାବାଳିକା ଅପହରଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ସାକ୍ଷୀ ପ୍ରମାଣ ଆଧାରରେ ଜଜ ଅଭିଯୁକ୍ତଙ୍କୁ ଦୋଷୀ ସାବସ୍ତ୍ୟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଭଞ୍ଜନଗର ଡହ ଅଞ୍ଚଳର ଚିତରଞ୍ଜନ ପ୍ରଧାନ(୩୦)। ଜଜ ନିଜ ରାୟରେ ଅଭିଯୁକ୍ତଙ୍କୁ ସାଢେ ତିନିବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ତିନି ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧୫ ଦିନର ଜେଲଦଣ୍ଡ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ ୨୦୧୯ ଅଗଷ୍ଟ ୧୫ ତାରିଖରେ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ଖୋଜାଖୋଜା କରି ଝିଅଙ୍କୁ ପାଇ ନଥିଲେ। ପରେ ୨୫ ତାରିଖରେ ଏନେଇ ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୨୯/୧୯ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ୨୬ ତାରିଖ ଦିନ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ତା'ପରଦିନ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୀଡ଼ିତାଙ୍କ ବୟାନ ଅନୁଯାୟୀ ଅପହରଣକାରୀ ବିବାହର ମିଥ୍ୟା ପପ୍ରତିଶ୍ରୁତି ଦେଇ ତାଙ୍କୁ ଅପହରଣକାରୀ ପ୍ରଥମେ ଜଗନ୍ନାଥପ୍ରସାଦ, ପରେ ଓଡ଼ଗାଁ ପରେ ଭୁବନେଶ୍ୱରରେ ରଖିଥିଲା। ମାମଲାର ବିଚାରଣା ବେଳେ ୬ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବପ୍ରସାଦ ମିଶ୍ର ମକଦ୍ଦୋମା ପରିଚାଳନା କରିଥିଲେ ।

# ଘୁମୁସରୀ ଗୋପ୍ରଜାତି ବିକାଶ ଓ ସଂରକ୍ଷଣ ସୁରକ୍ଷା

ଭଞ୍ଜନଗର, (ସବ୍ୟୁ): ଭାରତ ବର୍ଷରେ ୫୦ପ୍ରକାର ଗୋବଂଶକୁ ଜାତ୍ୟ ମାନ୍ୟତା ମିଳିଅଛି ଦୁଧିଆଳି ଓ ହଳଲଙ୍ଗଳ ଉପଯୋଗୀ ଭାବେ ଦୁଇପ୍ରକାର ପ୍ରକାର ଭେଦ ହୋଇଅଛି ୧୦ପ୍ରତିଶତ ଦୁଧିଆଳି ଥିବା ବେଳେ ୯୦ ଭାଗ ଗୋବଂଶ ଡ୍ରାଫ୍ଟ ପଶୁଧନ ବୋଲି କୁହନ୍ତି ଓ ଏହି ଶ୍ରେଣୀର ଘୁମୁସରୀ ଗୋବଂଶ ଭାବେ ପରିଚିତ । ରାଜ୍ୟ ଷ୍ଟେଟ ପ୍ଲାନ ଓ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଗୋକୁଳ ମିଶନ ସହାୟତାରେ ନିରନ୍ତର ସଂରକ୍ଷଣ ଯୋଜନାରେ ଉନ୍ନତମାନ ଦାମୁଡା ସୃଷ୍ଟି ହେବ ତହମଧ୍ୟରୁ ସିମନ ବାହର କରାଯାଇ ପ୍ରଜନନ କେନ୍ଦ୍ରକୁ ଯାଇ ଭବିଶ୍ୟାତରେ ଘୁମୁସରୀ ସିମନ ବ୍ୟାଙ୍କ ହେଲେ ଘୁମୁସରୀ ଗୋପ୍ରଜାତୀ ବିକାଶ ଓ ସଂରକ୍ଷଣ ସୁରକ୍ଷା ରହିପାରିବ ବୋଲି ଓଡିଶା ପ୍ରଣିଧାନ ବିକାଶ ସମିତି ସଂରକ୍ଷଣବିତ ସହାୟକ ଡା଼ଃ ଦେବାଶିଷ ସାଧନା କର୍ମୀ ଭାବେ ଭଞ୍ଜଗର ଉପଖଣ୍ଡ ସମସ୍ତ ଭଞ୍ଜନଗର, ବେଲଗୁଣ୍ଠା, ବୁଗୁଡା, ଜଗନ୍ନାଥପ୍ରସାଦ, ଧକୋଟେ ଓ ସୁରଡା ଗୋଷ୍ଠୀ ପ୍ରଣିଧାନ, ଏଲଆଇ ଓ ଗୋପାଳକଙ୍କୁ ତାଲିମ ପ୍ରଧାନ କରିଥିଲେ ସହଯୋଗ କରିଥିଲେ ଡା଼ଃ ସମୀର ଆଚାର୍ଯ୍ୟ । ମୁଖ୍ୟ ଅତିଥି ରୂପେ ଜିଲା ମୁଖ୍ୟ ପ୍ରଣିଧାନ ଅଧିକାରୀ ଅଞ୍ଜନ ଦାସ ଯୋଗଦେଇ ଘୁମୁସରୀ ଗୋପାଳଙ୍କ ସର୍ବାଙ୍ଗୀନ କରାଯିବା ଉପରେ, ସଂରକ୍ଷଣ କାର୍ଯ୍ୟ ଆରମ୍ଭ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଗାଈର ଦୁଗ୍ଧ ଉପରେ ଗୁରୁତ୍ୱ ଦେବା ସହ ଚରିବା ପାଇଁ ଗୋଚର ଚାରଣ, ରହିବା ପାଇଁ ଗୁହାଳ ଓ ଗୋ ପାରମ୍ପରିକ କୃଷି କାର୍ଯ୍ୟରେ ହଳ ଲଙ୍ଗଳ ,ଶଗଡକୁ ସରକାର ସହଯୋଗ କଲେ ଘୁମୁସରୀ ଗୋପଳ ମାନେ ଏହି କାମକୁ ଆଗକୁ ନେବେ ବୋଲି ଅନ୍ୟତମ ଅତିଥି ରୂପେ କରଚୁଲି ବାବା ଶ୍ରୀ ସତ୍ୟନନ୍ଦ ମହାରାଜ, ଘୁମୁସରୀ କ୍ଷୀର ଏ ୨ ଦୁଧ କରିବା ପାଇଁ ସରକାରଙ୍କ ଦୃଷ୍ଟି ଥିବା ଉପଖଣ୍ଡ ପ୍ରାଣୀ ଅଧିକାରୀ ଡା଼ଃ ଗଣେଶ ମାହାନ୍ତି ମତ ଦେଇଥିଲେ । ଆଲୋଚନା ଚକ୍ରରେ ସର୍ଭେ, ନିରୂପଣ, ଟାଗିଙ୍ଗ, ମିଲ୍କ ରେକର୍ଡିଂ,ଗୋପାଳଙ୍କୁ ସହାୟତା ବିସ୍ତୃତ ଆଲୋଚନା ହୋଇଥିଲା । ଘୁମୁସରୀ ଗୋପାଳ ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସଞ୍ଚୟୋଜନା ଓ ସଭାପତି ତ୍ରିନାଥ ଗୌଡ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପଦପୂର୍ଣ୍ଣ ଭାବେ ଖୋଲାମେଲାରେ ପଡ଼ିଛି କୃତ୍ରିମ ଜଳାଶୟ



ତାଳଚେର, (ସବ୍ୟୁ) : ତାଳଚେର ପୌରପରିଷଦ ଶନିବାର ହାଟନିକଟ ଓ ବାଘୁଆବୋଲ ରାସ୍ତାକଡ଼ରେ ଦୀର୍ଘମାସ ହେବ ବିପଦପୂର୍ଣ୍ଣଭାବେ ଖୋଲାମେଲାରେ ପଡ଼ି ରହିଛି କୃତ୍ରିମ ଜଳଶୟ । ଠିକାଦାର ସେହି ସ୍ଥାନରୁ ମାଟି ନେଇଯିବାପରେ ଜଳାଶୟଟି ୧୦ରୁ ୧୫ଫୁଟ ଗଭୀର ସୃଷ୍ଟି ହୋଇଛି । ଏହି ଜଳଶୟରେ ପାଣି ଫୁଲ ରହିଥିବା ବେଳେ ଏହାର ଚର୍ତୁପାର୍ଶ୍ୱରେ କୌଣସି ତାରବାଡ଼ କିମ୍ବା ସୁରକ୍ଷା ଆବରଣ ନଥିବାରୁ କେତେ ବେଳେ କ'ଣ ଘଟିବ ତାହା କହିବା ସମ୍ଭବ ନୁହେଁ । ସେହି ଜଳାଶୟ ପାଖରେ ଘାସ ଓ ଗଛଲଟା ରହିଥିବା ଗାଈଗୋରୁମାନେ ଖୋଲାମେଲାରେ ଚରିବାକୁ ଯାଇଥାନ୍ତି । ଏପରିକି, ଶନିବାର ହାଟକୁ ସେହି ଜଳାଶୟ ନିକଟ ରାସ୍ତା ଦେଇ ହଜାର ହଜାର ଲୋକ ହାଟକୁ ଯାଇଥାନ୍ତି ଓ ଅହରହ ବାଟୋଇ ଦାଣ୍ଡୋଇମାନେ ଯାଇଥାନ୍ତି । ସେହି କୃତ୍ରିମ ଜଳାଶୟକୁ ନା ଅଛି ପାହାଚ ନା ପୋଖରୀ ଭିତରକୁ ପଶିବାକୁ ଅଛି କୌଣସି ବ୍ୟବସ୍ଥା । ଏଠାରୁ ଠିକାଦାର କିପରି ଭାବେ ମାଟି ଉତୋଳନ କରି କେଉଁଆଡ଼େ ନେଲେ ଏବଂ କାହା ସ୍ୱାର୍ଥରେ ନେଲେ ତାହା କେହି ଜାଣନ୍ତି ନାହିଁ । ତେଣୁ ତୁରନ୍ତ ଏହି କୃତ୍ରିମ ଜଳାଶୟକୁ ବନ୍ଦ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

# ବିକଶିତ ଭାରତ ସଂକଳ୍ପ ସଭା ଓ ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା



ଛତ୍ରପୁର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଶାସନ ସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ଛତ୍ରପୁର ଷ୍ଟାଡିୟମ୍ ପରିସରରେ ବିକଶିତ ଭାରତ ସଂକଳ୍ପ ସଭା ତଥା ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା ଅନୁଷ୍ଠିତ ହୋଇଛି।

ଜିଲ୍ଲାର ବିଭିନ୍ନ ବ୍ଲକ୍ ମୁଖ୍ୟାଳୟରୁ ବାହାରିଥିବା ସେବା ଜ୍ୟୋତି ଏକ ବିରାଟ ରାଲିରେ ଛତ୍ରପୁର ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ପରେ ଷ୍ଟାଡିୟମ୍ ପରିସରରେ ବିକଶିତ ଭାରତ ସଂକଳ୍ପ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବୋଧନକୁ ଉପସ୍ଥିତ ଜନସାଧାରଣ ଭର୍ଚୁଆଲ୍ ମାଧ୍ୟମରେ ଦେଖିଥିଲେ। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟରେ ସାମୂହିକ ସଂକଳ୍ପ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଣିଜ୍ୟ, ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ଶାରଦା ପ୍ରସାଦ ଶତପଥୀ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବିଧାୟକ ଡଃ. ସିଦ୍ଧାନ୍ତ ମହାପାତ୍ର, ବିଧାୟକ କେ. ଅନିଲ କୁମାର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ ସରୋଜ ପାଢ଼ୀ, ବିଧାୟକ ନୀଳମଣି ବିଷୋୟୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ବିଜେପିର ବହୁ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଆଣିବା ସହ ବିଭିନ୍ନ କ୍ଷେତ୍ରରେ ଉତ୍ତମ ସେବା ପ୍ରଦାନ କରିଥିବା କିଛି ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ଅତିଥିମାନେ ସେବା ଜ୍ୟୋତି ପ୍ରଜ୍ୱଳନ କରିଥିଲେ। ପ୍ରଜ୍ୱଳିତ ସେବା ଜ୍ୟୋତିକୁ ଏକ ବିରାଟ ପଟୁଆରରେ ଛତ୍ରପୁର ଅପର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ଅପର ବସ୍‌ଷ୍ଟାଣ୍ଡରୁ ଷ୍ଟେସନ ଯିବା ଛକକୁ 'ସେବା ଜ୍ୟୋତି ଛକ' ଭାବେ ନାମିତ କରାଯାଇଥିଲା ।

# ବନ୍ତଳା ଗ୍ରାମରେ ଗୁଳିକାଣ୍ଡ, ଜଣେ ଆହତ

ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ବନ୍ତଳା ଗାଁର ନିମ ଛକରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁଳିମାଡ଼ରେ ଗୁରୁତର ଯୁବକ ଜଣକ ବନ୍ତଳା ଗାଁର ସୁଶାନ୍ତ ପ୍ରଧାନ ବୋଲି ଜଣାପଡ଼ିଛି। ଘଟଣା ପରେ ଅଞ୍ଚଳରେ ହଠାତ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ଗୁଳିକାଣ୍ଡ ଘଟାଇଥିବା ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଘଟଣା ସ୍ଥଳରେ ଏକ ବନ୍ଧୁକ ପଡ଼ିଥିବା ଜଣାପଡ଼ିଛି । ଗୁରୁତର ସୁଶାନ୍ତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି । ଖବର ପାଇ ବନ୍ତଳା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି । କିଏ ଓ କେଉଁ କାରଣରୁ ସୁଶାନ୍ତଙ୍କ ଉପରକୁ ଗୁଳି ଚଳାଇଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ପୁଲିସ ତଦନ୍ତ ପରେ ଗୁଳିକାଣ୍ଡ ପଛର ପ୍ରକୃତ କାରଣ ଜଣାପଡ଼ିବ ।

# ଆଲୁମିନିୟମ ମଜଦୁର ସଂଘର ବିଶାଳ ଗଣଧାରଣା

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ନାଲକୋ ନଗର ଠାରେ ଅବସ୍ଥିତ । ଆଲୁମିନିୟମ ମଜଦୁର ସଂଘ ପକ୍ଷରୁ ଆଜି ଦୁଇ ଦଫା ଦାବି ନେଇ ପ୍ରଶାସନିକ ଭବନ ସମ୍ମୁଖରେ ଏକ ବିଶାଳ ଗଣଧାରଣା ଆୟୋଜିତ ହୋଇଥିଲା। ସ୍ମେଲ୍ଟର ପ୍ଲାଣ୍ଟର ଶତାଧିକ କର୍ମଚାରୀ ଏହି ଗଣଧାରଣାରେ ସାମିଲ ହୋଇ ଦାବିଗୁଡ଼ିକ ପ୍ରତି ନିଜର ଦୃଢ଼ ସମର୍ଥନ ଜଣାଇଥିଲେ। ଆଲୁମିନିୟମ ମଜଦୁର ସଂଘର ପ୍ରମୁଖ ଦାବି ମଧ୍ୟରେ ମଲ୍ଟି-ସ୍ପେଶାଲିଟି ଏମ୍ପାନେଲ୍ଡ ହସ୍ପିଟାଲରେ ସମସ୍ତ ନନ୍-ଏକ୍ସିକ୍ୟୁଟିଭ୍ କର୍ମଚାରୀଙ୍କ ପାଇଁ ସିଙ୍ଗଲ୍-ବେଡ୍ ଏସି କ୍ୟାବିନ ସୁବିଧା ପୁନଃ ଲାଗୁ କରିବା ଏବଂ ସ୍ମେଲ୍ଟର ପ୍ଲାଣ୍ଟ କ୍ୟାଣ୍ଟିନରେ ନନ୍-ଭେଜ୍ ଖାଦ୍ୟ ସହିତ ରାତ୍ରି ଭୋଜନର ବ୍ୟବସ୍ଥା କରିବା ଅନ୍ତର୍ଭୁକ୍ତ। ସଂଘ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘଦିନ ଧରି ନନ୍-ଏକ୍ସିକ୍ୟୁଟିଭ୍ କର୍ମଚାରୀମାନେ ମଲ୍ଟି-ସ୍ପେଶାଲିଟି ଏମ୍ପାନେଲ୍ଡ ହସ୍ପିଟାଲରେ ସିଙ୍ଗଲ୍-ବେଡ୍ ଏସି କ୍ୟାବିନ ସୁବିଧା ପାଇ ଆସୁଥିଲେ। କିନ୍ତୁ ହଠାତ ଏହି ସୁବିଧାରେ କଟକଣା ଲଗାଯିବା ଶ୍ରମିକମାନଙ୍କ ପାଇଁ ଅନ୍ୟାୟ ଏବଂ ଅସ୍ୱୀକାର୍ଯ୍ୟ। ଆଲୁମିନିୟମ ଶିଳ୍ପରେ କାର୍ଯ୍ୟରତ ଶ୍ରମିକମାନେ ଦୀର୍ଘ ସମୟ ଧରି ଧୂଳି, ଧୂଆଁ ଓ ବିଭିନ୍ନ ଶିଳ୍ପଜାତ ଗ୍ୟାସର ସଂସ୍ପର୍ଶରେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ଚାପ ପଡ଼ିଥାଏ। ତେଣୁ ଶ୍ରମିକମାନଙ୍କୁ ଉପଲବ୍ଧ ଥିବା ଚିକିତ୍ସା ସୁବିଧାକୁ ହଠାତ କମାଇ ଦେବା ନ୍ୟାୟସଙ୍ଗତ ନୁହେଁ ବୋଲି ସଂଘ ନେତୃବୃନ୍ଦ ମତ ପ୍ରକାଶ କରିଛନ୍ତି। କର୍ପୋରେଟ୍ ମ୍ୟାନେଜମେଣ୍ଟ ଏବଂ ନାଲକୋର ସମସ୍ତ ସ୍ୱୀକୃତିପ୍ରାପ୍ତ ସଂଗଠନ ସହ ଆଲୋଚନା କରି ଉପରୋକ୍ତ ସମସ୍ତ ଦାବିର ଆଶୁ ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଲିଖିତ ଆଶ୍ୱାସନପତ୍ର ମିଳିବା ପରେ, ଆଲୁମିନିୟମ ମଜଦୁର ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି ବୋଲି ସଂଘର ସଭାପତି ମୁନା ସାମଲ ସୂଚନା ଦେଇଛନ୍ତି ।

# ପଟ୍ଟା ପ୍ରଦାନରେ ଅହେତୁକ ବିଳମ୍ବ, ଗ୍ରାମବାସୀଙ୍କ ଗଣଧାରଣା ଚେତାବନୀ

ଆସିକା, (ସବ୍ୟୁ) : ଗ୍ରାମକଣ୍ଟକ ପରମ୍ପୋକ ଜମିରେ ଶହଶହ ବର୍ଷ ଧରି ପିଢି ପରେ ପିଢି ଧରି ବସବାସ କରି ରହୁଥିବା ଆସିକା ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡନଂ ୧୬ ଲାଲାଶାସନ ଏବଂ ୱାର୍ଡନଂ ୧୭ ଲଛମନପଲ୍ଲୀ ରାଜସ୍ୱ ମୌଜା ବାସିନ୍ଦାଙ୍କୁ ଘରବାରି ପଟ୍ଟା ପ୍ରଦାନରେ ରାଜସ୍ୱ ବିଭାଗର ଅହେତୁକ ବିଳମ୍ବ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ନୈରାଶ୍ୟ ଦେଖାଦେଇଛି। ଉଭୟ ଗ୍ରାମର ଗ୍ରାମ୍ୟ କମିଟି ୱାର୍ଡ କାଉନସିଲରଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଆଜି ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଶୋଭାଯାତ୍ରାରେ ଆସି ସରକାରୀ ନିଷ୍କ୍ରିୟତାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏକ ମାସ ମଧ୍ୟରେ ଯଦି ପଟା ପ୍ରଦାନ ପାଇଁ ବିଭାଗ ପକ୍ଷରୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆସନ୍ତା ତା- ୦୨.୧୧.୨୦୨୬ରିଖ ଦିନଠାରୁ ଉଭୟ ଗ୍ରାମର ଶତାଧିକ ବାସିନ୍ଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣାରେ ବସିବା ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇଛନ୍ତ। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଅତିରକ୍ତ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ସ୍ଥାନୀୟ ଅତିରିକ୍ତ ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଥିବା ବେଳେ ଏହାର ନକଲ ଜିଲ୍ଲାପାଳ, ଡାଇରେକ୍ଟର ଲ୍ୟାଣ୍ଡ ରେକର୍ଡ୍ସ ଏଣ୍ଡ ସର୍ଭେ ଓଡିଶା, ଉପଜିଲ୍ଲାପାଳ, ଭଞ୍ଜନଗର, ଗଞ୍ଜାମ ଆରକ୍ଷୀ ଅଧକ୍ଷକ ପୋଲିସ୍, ଛତ୍ରପୁର,କାର୍ଯ୍ୟନିର୍ବାହୀ ଅଧିକାରୀ, ଆସିକା ମ୍ୟୁନିସ୍ପାଲଟି ଓ ଭାରପ୍ରାପ୍ତ ଥାନା ଅଧିକାରୀ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ, ସେଟେଲ୍ମ୍ୟାଣ୍ଟ ଅଫିସର୍ ବ୍ରହ୍ମପୁର ଗଞ୍ଜାମଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ସକାଶେ ପଠା ଯାଇଥିବା ଲାଲା ଶାସନ ଗ୍ରାମ୍ୟ କମିଟି ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ସ୍ମାରକ ପତ୍ର ରେ ଗତ ୦୨.୦୬.୨୦୨୩ ରିଖରେ ହାଇଟେକ୍ ସର୍ଭେ ମାଧ୍ୟମରେ ବନ୍ଦୋବସ୍ତ କାର୍ଯ୍ୟ ସମାପନ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ତପୃରେ ୨୦୨୫ ମସିହା ଜାନୁଆରି ମାସରେ କ୍ଷମତା ପ୍ରାପ୍ତ ସଂସ୍ଥାଙ୍କ ସହ ରାଜସ୍ୱ ନିରୀକ୍ଷକ ଆସିକା ଏବଂ ଅନ୍ୟାନ୍ୟ ସହକର୍ମୀ ଗ୍ରାମର ସମସ୍ତ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ସମାପନ କରିଥିଲେ । ସମସ୍ତ ସର୍ଭେ ନଥିପତ୍ର ଜିଲ୍ଲାପାଳ ଗଞ୍ଜାମ ଏବଂ ଆସିକା ତହସିଲ କାର୍ଯ୍ୟାଳୟରେ ହସ୍ତଗତ ହୋଇଅଛି । ଉଭୟ ଗ୍ରାମର ଗ୍ରାମ୍ୟ କମିଟି ଏବଂ କାଉନସିଲର ଘରବାରି ପଟା ପ୍ରଦାନ ଉପଲକ୍ଷେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାର , ଉପ-ଜିଲ୍ଲାପାଳ ଭଞ୍ଜନଗର, ଜିଲ୍ଲାପାଳ ଗଞ୍ଜାମଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ଓ ବହୁବାର ପତ୍ରାଳାପ କରିଥିଲେ ମଧ୍ୟ ଏଥିରେ ବିଫଳ ହେବାରୁ ଗଣଧାରଣା ଦେବାକୁ ବାଧ୍ୟ ହୋଇଥିବା କୁହାଯାଇଚି। ଆଜିର ଶୋଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟରେ ପ୍ରସନ୍ନ କୁମାର ତ୍ରିପାଠୀ, ଗଙ୍ଗାଧର ଶତପଥୀ, ଆଇନଜୀବୀ ଲଳିତ ମୋହନ ଦାସ, ଉପେନ୍ଦ୍ର ନାଥ ମିଶ୍ର, ବାବୁ ଶତପଥୀଙ୍କ ସମେତ ସ୍ଥାନୀୟ ବହୁ ଯୁବକ ପରିଚାଳନ କରିଥିଲେ। ସେହି ଭଳି ଆସିକା ପୌରାଞ୍ଚଳର ଅନ୍ୟ ପାଞ୍ଚ ରାଜସ୍ୱ ମୌଜା ଖମ୍ବେଶ୍ୱରୀ ପାଟଣା, ନରସିଂହପୁର, ସୁନାମ୍ବ, ପାକଲା ପଲ୍ଲୀ ବାସିନ୍ଦା ଗ୍ରାମକଣ୍ଟକ ପରମ୍ପୋକ ଜମିରେ ବସବାସ କରି ଆସୁଥିଲେ ମଧ୍ୟ ଭୁ-ବନ୍ଦୋବସ୍ତ କରି ଅଧିବାସୀଙ୍କ ଘରବାରି ପଟ୍ଟା ଯୋଗାଇବା ନେଇ ପ୍ରଶାସନ ବିଳମ୍ବ କରୁଥିବାରୁ ସମ୍ପୃକ୍ତ ଅଞ୍ଚଳରେ ମଧ୍ୟ ଜନସାଧାରଣ ଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି ।

## ଯୋରନ୍ଦା ଆକାଶବାଣୀ କେନ୍ଦ୍ର

# ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅତିରିକ୍ତ ଡିଜିଙ୍କ ପରିଦର୍ଶନ




ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ଆକାଶବାଣୀ କେନ୍ଦ୍ରକୁ କେନ୍ଦ୍ର ସରକାରଙ୍କ ପତ୍ର ଓ ସୂଚନା କାର୍ଯ୍ୟାଳୟର କେନ୍ଦ୍ର ସଂସ୍ଥାର ବ୍ୟୁରୋ ଓଡିଶା ଏବଂ ଝାଡଖଣ୍ଡର ଦାୟିତ୍ୱରେ ଥିବା ଅତିରିକ୍ତ ମହାପ୍ରବନ୍ଧକ ଅଖିଳ କୁମାର ମିଶ୍ର ଦିନିକିଆ ଗସ୍ତରେ ଆସି ସାମ୍ବାଦିକ ମାନଙ୍କ ସହିତ ଭାବ ବିନିମୟ କରିଥିବାର ଜଣାପଡିଛି। ଯୋରନ୍ଦା ଆକାଶବାଣୀ କେନ୍ଦ୍ରକୁ ଆଜି ପୂର୍ବାହ୍ନରେ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ସେ ଯୋରନ୍ଦା ଏବଂ ଢେଙ୍କାନାଳର କିଛି ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହିତ ଭାବ ବିନିମୟ କରିବା ସହିତ ବିଭିନ୍ନ ବିଷୟରେ ଅଲୋଚନା କରିଥିଲେ। ଏହି ଅବସରରେ ଇଣ୍ଟର ମିଡିଆ ପବ୍ଲିସିଟି କୋର୍ଡିନେସନ୍ କମ୍ୟୁନିଟିର ସେକ୍ରେଟାରୀ ପ୍ରଦୀପ କୁମାର ଚୌଧୁରୀ,ଗଣ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ମିଶ୍ର, କାର୍ଯ୍ୟକ୍ରମ ମୁଖ୍ୟ ଶୁଭଙ୍କର ଦେ, ଯୋରନ୍ଦା ଆକାଶବାଣୀ ଷ୍ଟେସନ ମୁଖ୍ୟ ଛବିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ସେ ମହିମାଧର୍ମୀ ଆଦିପୀଠ ମହିମାଗାଦୀ ପରିଦର୍ଶନ କରିଥିବା ସହିତ ସାଧୁସନ୍ଥ ମାନଙ୍କ ଆଶୀର୍ବାଦ ଲାଭ କରିଥିଲେ। ତାଙ୍କ ସହିତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ସାମିଲ ରହିଥିଲେ।

## ସମ୍ପାଦକୀୟ



# ଜନସେବାରେ ପଚିଶ ବର୍ଷର ଅତିକ୍ରମଣ

ଜନସେବା କ୍ଷେତ୍ରରେ ତଥା ରାଜ୍ୟ ଓ ରାଷ୍ଟ୍ରର ବିକାଶ କ୍ଷେତ୍ରରେ ପଚିଶ ବର୍ଷ ଅତିକ୍ରମ କରିବା ଏକ ଗୌରବୋଜ୍ଜ୍ୱଳ ଘଟଣା, ଯାହା ଭାରତର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଇଂରେଜମାନଙ୍କ ଶାସନ କାଳରେ ହୁଏ ତ ଏହାକୁ ସିଲଭର ଜୁବୁଲି ବା ରଜତ ଜୟନ୍ତୀର ଆଖ୍ୟା ଦିଆ ଯାଇଥା'ନ୍ତା । ମାତ୍ର ଇଂରେଜମାନଙ୍କ ଅନୁକରଣ ନ କରି ଏହାକୁ ୨୫ ବର୍ଷରେ ଏକ ମାଇଲଖୁଣ୍ଟ ବୋଲି ମଧ୍ୟ ଆମେମାନେ କହି ପାରିବା । ପୂର୍ବରୁ ରାସ୍ତା ମାପିବା ପାଇଁ ଯଦିଓ ମାଇଲକୁ ମାନଦଣ୍ଡ ଭାବେ ବ୍ୟବହାର କରା ଯାଉଥିଲା, ମାତ୍ର ଏବେ ତାହା କିଲୋମିଟରରେ ପରିଣତ ହୋଇଛି । ସେ ଯାହା ହେଉ, ଜଣେ ପରିବାର ପରିହାର କରି ତ୍ୟାଗପୂତ ଜୀବନଧାରାରେ ଏକାଦିକ୍ରମେ ପଚିଶ ବର୍ଷ ଜନସେବା କ୍ଷେତ୍ରକୁ ଅତିକ୍ରମଣ କରିବା, ପ୍ରକୃତରେ ଏକ ବିସ୍ମୟ । ଏ ଗୌରବର ଅଧିକାରୀ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ।

ପ୍ରତ୍ୟକ୍ଷ ରାଜନୀତିରେ ରହି ମଧ୍ୟ ବ୍ୟକ୍ତିଗତ ବା ପାରିବାରିକ ସ୍ତରକୁ ଓହ୍ଲାଇ ଯାଇ ସେ ନିଜର ରାଜନୀତିକ ଜୀବନକୁ କଳଙ୍କିତ କରି ନାହାନ୍ତି । ତାଙ୍କୁ ଯେତେବେଳେ ଆଠ ବର୍ଷ, ସେ ଗୁଜରାଟର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ୧୯୭୧ରେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଶୃଙ୍ଖଳିତ ଜୀବନଯାପନ ପାଇଁ ପଣ କରି ଦେଶସେବାକୁ ଅଗ୍ରାଧିକାର ଦେଇଛନ୍ତି । ଗାନ୍ଧିଜୀଙ୍କ ଉନ୍ନତ ଚିନ୍ତାଧାରା, ନୀତି ଓ ଆଦର୍ଶକୁ ମଧ୍ୟ ସେ ସମ୍ମାନ ଦେଇ ଆସିଛନ୍ତି । ଦେଶବିଦେଶରେ ତାଙ୍କର ଅହିଂସା ମାର୍ଗକୁ ଆପଣାଇ ନେଇଛନ୍ତି । ଭାରତର ଅନ୍ୟାନ୍ୟ ପ୍ରଧାନମନ୍ତ୍ରୀଙ୍କଠାରୁ ତାଙ୍କର ସ୍ୱାତନ୍ତ୍ର୍ୟ ବାରି ହୋଇ ପଡ଼େ । ଗାନ୍ଧିଜୀଙ୍କ ପରି ରାଜନୀତିକୁ ସେ ଆଧ୍ୟାତ୍ମିକତା ସହିତ ମିଶାଇ ଶୁଦ୍ଧ ମାର୍ଗରେ ଅଗ୍ରଗମନ କରିଛନ୍ତି । ଏପରି ଜଣେ ପ୍ରଧାନମନ୍ତ୍ରୀ ଭାରତ ଆବଶ୍ୟକ କରୁଥିଲା । ଗାନ୍ଧିଜୀଙ୍କ ପ୍ରଦର୍ଶିତ ଅହିଂସାର ମାର୍ଗ, ନେହରୁଙ୍କ ସ୍ୱପ୍ନର ଭାରତ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୃଢତା, ଲାଲ ବାହାଦୁର ଶାସ୍ତ୍ରୀଙ୍କ ସଚ୍ଚୋଟପଣିଆ ଓ ଅଟଳ ବିହାରୀ ବାଜପେୟୀଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ମୋଦିଜୀଙ୍କୁ ଭାରତର ବିକାଶ ଯାତ୍ରା ପଥରେ ଆଗେଇ ଯିବାକୁ ପ୍ରେରଣା ଦେଇଛି । କେବଳ ମାତ୍ର ଭାରତର ବିକାଶ ଚିନ୍ତା ତାଙ୍କୁ ଘାରିଛି । ଚୀନ ନିଜର ଅର୍ଥନୀତି ଓ ବିକାଶ ପାଇଁ ଅକ୍ଳାନ୍ତ ପରିଶ୍ରମ କରି ସଫଳ ହୋଇ ପାରିଛି । ବିକାଶ ମାର୍ଗରେ ପଛରେ ଅଟକି ରହିଥିବା ଭାରତର ସାମଗ୍ରିକ ବିକାଶ ପାଇଁ ମୋଦିଜୀ ତେଣୁ ସଂକଳ୍ପ ନେଇ ଆଗେଇ ଚାଲିଛନ୍ତି– ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନିର୍ଭୀକତାକୁ ପାଥେୟ କରି । ଭାରତର ସ୍ୱାଧୀନତା ହାସଲ ଲାଗି ଗାନ୍ଧିଜୀଙ୍କ ଅହିଂସା ନୀତିର ଅବଦାନ ଥିଲେ ମଧ୍ୟ ନେତାଜୀଙ୍କ 'ଆଜାଦ ହିନ୍ଦ ଫୌଜ'ର ମଧ୍ୟ ଅନେକ ପ୍ରଭାବ ପଡିଥିଲା–ଇଂରେଜ ସରକାରଙ୍କ ଉପରେ । ନେତାଜୀ ବାହାରୁ ଥାଇ ଯୁଦ୍ଧର ଡାକରା ଦେଇ ନଥିଲେ, ହୁଏତ ଚତୁର ଇଂରେଜମାନେ ଆମ ସ୍ୱାଧୀନତାକୁ ଆହୁରି ବିଳମ୍ବିତ କରିଥା'ନ୍ତେ । ତେଣୁ ଗାନ୍ଧିଜୀ ଓ ନେତାଜୀ, ଉଭୟଙ୍କୁ ସମାନ ଦୃଷ୍ଟିରେ ସମ୍ମାନିତ କରି ଆସିଛନ୍ତି ମୋଦିଜୀ, ତାଙ୍କ ନିଜ ରାଷ୍ଟ୍ର ଭାରତର ବିକାଶ ଲକ୍ଷ୍ୟରେ ।

**ମୋଦିଜୀଙ୍କ ସମ୍ପର୍କରେ ଭାରତର ପୂର୍ବତନ ଉପ ରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଉଲ୍ଲେଖ କରିଛନ୍ତି, 'ଯେଉଁମାନେ ତାଙ୍କ ଯାତ୍ରାକୁ ନିକଟରୁ ଦେଖିଛନ୍ତି, ସେମାନଙ୍କ ପାଇଁ ଏହା ସ୍ପଷ୍ଟ ଯେ ଶ୍ରୀ ନରେନ୍ଦ୍ର ଭାଇ ମୋଦି, ପରିସ୍ଥିତି କ'ଣ ଅନୁମତି ଦିଏ ତାହା ପଚାରି ଆରମ୍ଭ କରନ୍ତି ନାହିଁ । ସେ ଦେଶକୁ କ'ଣ ଆବଶ୍ୟକ ତାହା ପଚାରି ଆରମ୍ଭ କରନ୍ତି ଏବଂ ଏହାକୁ ପୂରଣ କରିବା ପାଇଁ ପରିସ୍ଥିତି ସୃଷ୍ଟି କରି କାର୍ଯ୍ୟ କରନ୍ତି । ଏହି ମାନସିକତା ଏ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ୨୦୪୭ ସୁଦ୍ଧା ବିକଶିତ ଭାରତ ହେବାକୁ ଯାଉଛି ।' ('ସମୟ', ପୃଷ୍ଠା–୮, ବୁଧବାର ୭ ଅକ୍ଟୋବର ୨୦୨୬)**

ଅତୀତର ଅନୁଭୂତିରୁ ମୋଦିଜୀ ଅନେକ ଶିକ୍ଷା ଲାଭ କରିଛନ୍ତି । ଦେଶ ସ୍ୱାର୍ଥ ହିଁ ସର୍ବୋପରି । ପ୍ରଥମେ ଭାରତର ପଡୋଶୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଶତ୍ରୁତା ନୁହେଁ, ସହଯୋଗ ହିଁ ଆବଶ୍ୟକ ବୋଲି ପଡୋଶୀ ରାଷ୍ଟ୍ରମାନଙ୍କ ସହିତ ସେ ସମ୍ପର୍କ ସ୍ଥାପନ ବେଳେ କହି ଆସିଛନ୍ତି । ମାତ୍ର ପଡୋଶୀ ପାକିସ୍ତାନ ଭାରତରେ ଆତଙ୍କରାଜ ସୃଷ୍ଟି କରି ଗଣହତ୍ୟା ଜରିଆରେ ଅସ୍ଥିରତା ସୃଷ୍ଟି କରିବାରୁ ତାକୁ 'ଅପରେସନ ସିନ୍ଦୂର' ଜରିଆରେ ମୋଦିଜୀ ଏପରି ଦମନ କରିଛନ୍ତି ଯେ ପାକିସ୍ତାନ ଏବେ ବି ଦୁର୍ଦ୍ଦଶା ମଧ୍ୟରେ ପଡି ରହିଛି । ଭିକ୍ଷା କରି ଏବଂ ଅନ୍ୟ ରାଷ୍ଟ୍ରମାନଙ୍କ ନିକଟରେ ହାତ ପତାଇ କୌଣସିମତେ ବଞ୍ଚି ରହିଛି ପାକିସ୍ତାନ । ଚୀନ ସହିତ ଭାରତର ସୁସମ୍ପର୍କ ପ୍ରାୟ ପ୍ରତିଷ୍ଠା ହୋଇ ପାରି ନଥିଲା ଅତୀତରେ । ଅଥଚ ଚୀନ ସହିତ ସୁସମ୍ପର୍କର ପ୍ରତିଷ୍ଠା ଏବେ ମୋଦିଜୀଙ୍କ ଯୋଗୁଁ ସମ୍ଭବ ହୋଇଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ଗୁଜରାଟର ଭୁଜ୍ ଅଞ୍ଚଳରେ ଯେଉଁ ଭୂକମ୍ପ ୨୦୦୧ରେ ହୋଇଥିଲା, ସେଥିରେ ପ୍ରାୟ ୨୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ୧୬ ଲକ୍ଷରୁ ଅଧିକ ଲୋକ ଆହତ ହୋଇଥିଲେ । କଚ୍ ଜିଲ୍ଲାରେ ସର୍ବାଧିକ କ୍ଷୟକ୍ଷତି ହୋଇଥିଲା । ୨୦୦୧ରେ ମୋଦିଜୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କ ନିକଟରେ ଏ ସମସ୍ୟା ଥିଲା ଅତି ଜଟିଳ । ମାତ୍ର ସେ ଏହି ସମସ୍ୟାର ସଫଳ ମୁକାବିଲା କରି ୨୦୦୩ ସୁଦ୍ଧା ଗୁଜରାଟର କଚ୍ ଅଞ୍ଚଳକୁ ପୁନଃ ଜୀବନ ପ୍ରଦାନ କରି ପାରିଥିଲେ । ଭାରତର ପ୍ରଥମ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୩ରେ ଗୁଜରାଟରେ ମୋଦିଜୀଙ୍କ ନେତୃତ୍ୱରେ ପ୍ରଣୀତ ହୋଇଥିଲା । ୨୦୦୨ରେ ମଧ୍ୟ ଗୁଜରାଟର ଗୋଧ୍ରା ନିକଟରେ ଟ୍ରେନରେ ଯାଉଥିବା ନୀରିହ ପ୍ରାୟ ୬୦ ଜଣ ଯାତ୍ରୀଙ୍କୁ ହତ୍ୟା କରା ଯାଇଥିଲା । ମୁଖ୍ୟମନ୍ତ୍ରୀ ମୋଦିଙ୍କୁ ଅଯଥାରେ ବଦନାମ କରାଗଲା । ମାତ୍ର ଅଦାଲତ ଆଦେଶ ବଳରେ ମୋଦିଜୀ ଦୋଷମୁକ୍ତ ହୋଇଥିଲେ ।

ମୋଦିଜୀଙ୍କ ସମ୍ପର୍କରେ ଭାରତର ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଉଲ୍ଲେଖ କରିଛନ୍ତି, 'ଯେଉଁମାନେ ତାଙ୍କ ଯାତ୍ରାକୁ ନିକଟରୁ ଦେଖିଛନ୍ତି, ସେମାନଙ୍କ ପାଇଁ ଏହା ସ୍ପଷ୍ଟ ଯେ ଶ୍ରୀ ନରେନ୍ଦ୍ର ଭାଇ ମୋଦି, ପରିସ୍ଥିତି କ'ଣ ଅନୁମତି ଦିଏ ତାହା ପଚାରି ଆରମ୍ଭ କରନ୍ତି ନାହିଁ । ସେ ଦେଶକୁ କ'ଣ ଆବଶ୍ୟକ ତାହା ପଚାରି ଆରମ୍ଭ କରନ୍ତି ଏବଂ ଏହାକୁ ପୂରଣ କରିବା ପାଇଁ ପରିସ୍ଥିତି ସୃଷ୍ଟି କରି କାର୍ଯ୍ୟ କରନ୍ତି । ଏହି ମାନସିକତା ଏ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ୨୦୪୭ ସୁଦ୍ଧା ବିକଶିତ ଭାରତ ହେବାକୁ ଯାଉଛି ।' ('ସମୟ', ପୃଷ୍ଠା–୮, ବୁଧବାର ୭ ଅକ୍ଟୋବର ୨୦୨୬)

ବିକଶିତ ଭାରତ ପାଇଁ ମୋଦିଜୀଙ୍କ ସଂକଳ୍ପର ପଥ କୁସୁମିତ ହେଉ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନୂଆ ପ୍ରଜନ୍ମର ନୂଆ ଶବ୍ଦ



ଡ. ମୃଣାଳ ଚାଟାର୍ଜୀ

ପ୍ରତ୍ୟେକ ନୂଆ ପ୍ରଜନ୍ମ କିଛି ନୂଆ ଶବ୍ଦ ସୃଷ୍ଟି କରେ । କାରଣ ସରଳ ପ୍ରତ୍ୟେକ ନୂଆ ପ୍ରଜନ୍ମ ତା' ଚିନ୍ତା ଭାବନାରେ, ବ୍ୟବହାର କରୁଥିବା ପ୍ରଯୁକ୍ତିରେ, ସାମ୍ନା କରୁଥିବା ସାମାଜିକ ଅବସ୍ଥା ଏବଂ ବ୍ୟବସ୍ଥାରେ ତା' ପୂର୍ବ ପିଢିଠୁ କିଛିଟା ଭିନ୍ନ । ତେଣୁ ନୂଆ ପ୍ରଜନ୍ମର ଭିନ୍ନ ସ୍ଥିତି ଆଉ ଅବସ୍ଥା, ନୂଆ ଚିନ୍ତାର ପରିପ୍ରକାଶ ପାଇଁ ନୂଆ ଶବ୍ଦ ଦରକାର ।

ପ୍ରତ୍ୟେକ ପିଢ଼ି ନିଜ ସହିତ କେବଳ ନୂଆ ଚିନ୍ତାଧାରା, ନୂଆ ରୁଚି ଓ ନୂଆ ଜୀବନଶୈଳୀ ଆଣେ ନାହିଁ ସେ ଆଣେ ନୂଆ ଶବ୍ଦ ମଧ୍ୟ । ଗୋଟିଏ ପିଢ଼ି ଯେଉଁ ଶବ୍ଦ ଶୁଣି ବଡ଼ ହୁଏ, ପରବର୍ତ୍ତୀ ପିଢ଼ି ପାଇଁ ସେହି ଶବ୍ଦ କେତେବେଳେ ପୁରୁଣା ଲାଗେ ।

ଆଉ ନୂଆ ପିଢ଼ି ନିଜ ଅନୁଭବ, ପ୍ରଯୁକ୍ତି, ସାମାଜିକ ପରିବର୍ତ୍ତନ ଓ ମନୋଭାବକୁ ବ୍ୟକ୍ତ କରିବା ପାଇଁ ନୂଆ ଶବ୍ଦ ତିଆରି କରେ । ଏହି କାରଣରୁ ଭାଷା କେବେ ସ୍ଥିର ନୁହେଁ, ଏହା ଏକ ଜୀବନ୍ତ ନଦୀ ପରି–ବହୁଥାଏ, ବଦଳୁଥାଏ ।

ବର୍ତ୍ତମାନ ବିଭିନ୍ନ ପ୍ରଜନ୍ମକୁ ଭିନ୍ନ ନାଁରେ ନାମିତ କରାଯାଉଛି । ୧୯୯୭ରୁ ୨୦୧୨ ଭିତରେ ଜନ୍ମ ହୋଇଥବା ପିଲାଙ୍କୁ 'ଜେନ –ଜି' ବୋଲି କୁହାଯାଉଛି । ଜେନ –ଜି ପର ପ୍ରଜନ୍ମ (୨୦୧୦ ରୁ ୨୦୨୪– ୨୦୨୫ ଯାଏଁ ଜନ୍ମ) ପିଲାଙ୍କୁ 'ଜେନ –ଆଲଫା' ବୋଲି କୁହାଯାଉଛି ଜେନ –ଜିର ପୂର୍ବ ପ୍ରଜନ୍ମକୁ (୧୯୮୧–୧୯୯୬) ଜେନ –y ଏକ୍ସ ବା ମିଲେନିଆଲ ବୋଲି କୁହାଯାଉଛି । ତା' ପୂର୍ବ ପ୍ରଜନ୍ମ (୧୯୬୫–୧୯୮୦)କୁ ଜେନ – ଏକ୍ସ ବୋଲି କୁହାଯାଏ । ତା' ପୂର୍ବ ପ୍ରଜନ୍ମ (୧୯୪୬–୧୯୬୪)କୁ ବେବି ବୁମର ବୋଲି କୁହାଯାଏ ।

ଲକ୍ଷ୍ୟ କଲେ ଦେଖିବେ, ପ୍ରତ୍ୟେକ ପିଢ଼ିରେ କିଛି ନୂଆ ଶବ୍ଦ ସୃଷ୍ଟି ହୋଇଛି ।

**ନୂଆ ଶବ୍ଦ କାହିଁକି ଆସେ?**

ଯେତେବେଳେ ଜୀବନରେ ନୂଆ ଅନୁଭବ, ନୂଆ ବସ୍ତୁ, ନୂଆ ପ୍ରଯୁକ୍ତି ବା ନୂଆ ସାମାଜିକ ପରିସ୍ଥିତି ଆସେ, ତାହାକୁ ବର୍ଣ୍ଣନା କରିବା ପାଇଁ ଭାଷାକୁ ମଧ୍ୟ ନୂଆ ଶବ୍ଦ ଦରକାର ହୁଏ ।

କିଛି ଶବ୍ଦ ପ୍ରଯୁକ୍ତି ଆଣିଥାଏ–'ସ୍ମାର୍ଟଫୋନ୍', 'ସେଲ୍ଫି', 'ଇମୋଜି', 'ହ୍ୟାସ୍ଟ୍ୟାଗ୍', 'ଷ୍ଟ୍ରିମିଂ', 'ପଡ୍କାଷ୍ଟ', 'ଭାଇରାଲ୍' ଇତ୍ୟାଦି । କିଛି ଶବ୍ଦ ସାମାଜିକ ଅନୁଭବରୁ ଜନ୍ମ ନିଏ–'ଫ୍ରେଣ୍ଡଜୋନ୍', 'ଫୁଡି', 'ୱର୍କହୋଲିକ୍', 'ଇନ୍‌ଫ୍ଲୁଏନ୍ସର୍' 'ମୁଣ୍ଡ ଟିଣ', ଇତ୍ୟାଦି ଇତ୍ୟାଦି । ଆଉ କିଛି ଶବ୍ଦ ନୂଆ ଆଚରଣକୁ ନାମ ଦିଏ–'ଅନ୍‌ଫୋଲୋ', 'ଅନ୍‌ଫ୍ରେଣ୍ଡ୍', 'ଘୋଷ୍ଟିଂ', 'ସ୍କ୍ରୋଲିଂ' ଭଳି ଶବ୍ଦ ଆଜିର ଡିଜିଟାଲ୍ ଜୀବନର ଅଂଶ ।

**ଶବ୍ଦ ତିଆରି ହୁଏ କିପରି?**

**ଭାରତୀୟ ଭାଷାଗୁଡ଼ିକରେ ମଧ୍ୟ ଏହି ପ୍ରକ୍ରିୟା ଚାଲିଛି । ଇଂରାଜୀ, ହିନ୍ଦୀ, ଓଡ଼ିଆ ଓ ଅନ୍ୟ ଭାଷାର ଶବ୍ଦ ପରସ୍ପର ସହ ମିଶି ଏକ ନୂଆ ଭାଷାଗତ ପରିବେଶ ସୃଷ୍ଟି କରୁଛି । 'ଅପଡେଟ୍ କର', 'ଡାଉନଲୋଡ୍ କର', 'ଫରୱାର୍ଡ କର', 'ସେୟାର୍ କର' ଭଳି ବ୍ୟବହାର ଆଜି ସହରୀ ଓ ଡିଜିଟାଲ୍ କଥାବାର୍ତ୍ତାର ସ୍ୱାଭାବିକ ଅଂଶ ।**

ନୂଆ ଶବ୍ଦ ତିଆରି ହେବାର ଗୋଟିଏ ମାତ୍ର ପଦ୍ଧତି ନାହିଁ । ଦୁଇଟି ଶବ୍ଦ ମିଶି ନୂଆ ଶବ୍ଦ ହୋଇପାରେ, ପୁରୁଣା ଶବ୍ଦ ନୂଆ ଅର୍ଥ ପାଇପାରେ, ଅନ୍ୟ ଭାଷାରୁ ଶବ୍ଦ ଆସିପାରେ, କିମ୍ବା ଯୁବପିଢ଼ି ନିଜେ ମଜାରେ କୌଣସି ଶବ୍ଦ ବା ବା ବାକ୍ୟାଂଶ ତିଆରି କରି ତାହାକୁ ଲୋକପ୍ରିୟ କରିପାରେ ।

ଉଦାହରଣ ସ୍ୱରୂପ 'ସେଲ୍ଫି' ଶବ୍ଦଟି ଦିନ ଆମ ଅଭିଧାନରେ ନଥିଲା । ୨୦୦୨ରେ ଜଣେ ମାତାଲ ଲୋକ ଗୋଟେ ଅଷ୍ଟ୍ରେଲିଆନ ଅନ–ଲାଇନ ଫୋରମରେ ନିଜ ଫଟୋ ପୋଷ୍ଟ କରି ଲେଖିଲେ – sorry about the focus, it was a selfie. ସେଉଠୁଁ ସେଲଫି ଶବ୍ଦଟିକୁ ଅନ୍ୟମାନେ ବ୍ୟବହାର କରିବାକୁ ଲାଗିଲେ । ୨୦୧୩ରେ ଏହାକୁ 'ଅକ୍ସଫୋର୍ଡ ୱାର୍ଡ ଅଫ ଦି ଇଅର' ଭାବେ ଗ୍ରହଣ କରାଗଲା । ଆଜି ଏହା ଭାରତରେ ବିଭିନ୍ନ ଆଞ୍ଚଳିକ ଭାଷାରେ ମଧ୍ୟ ବ୍ୟାପକ ଭାବେ ବ୍ୟବହାର କରାଯାଉଛି ।

'ଗୁଗଲ୍' ଏକ କମ୍ପାନୀର ନାମ ଥିଲା । ଏବେ 'ଗୁଗଲ୍ କରିବା' ଦୈନନ୍ଦିନ କଥାବାର୍ତ୍ତାରେ ଏକ କ୍ରିୟା ପରି ବ୍ୟବହୃତ ହୁଏ । 'ଟ୍ରୋଲ୍' ମଧ୍ୟ ଏକ ସମୟରେ ଅନ୍ୟ ଅର୍ଥର ଶବ୍ଦ ଥିଲା ଇଣ୍ଟରନେଟ୍ ତାହାକୁ ଏକ ନୂଆ ଅର୍ଥ ଦେଇଛି ।

ଭାରତୀୟ ଭାଷାଗୁଡ଼ିକରେ ମଧ୍ୟ ଏହି ପ୍ରକ୍ରିୟା ଚାଲିଛି । ଇଂରାଜୀ, ହିନ୍ଦୀ, ଓଡ଼ିଆ ଓ ଅନ୍ୟ ଭାଷାର ଶବ୍ଦ ପରସ୍ପର ସହ ମିଶି ଏକ ନୂଆ ଭାଷାଗତ ପରିବେଶ ସୃଷ୍ଟି କରୁଛି । 'ଅପଡେଟ୍ କର', 'ଡାଉନଲୋଡ୍ କର', 'ଫରୱାର୍ଡ କର', 'ସେୟାର୍ କର' ଭଳି ବ୍ୟବହାର ଆଜି ସହରୀ ଓ ଡିଜିଟାଲ୍ କଥାବାର୍ତ୍ତାର ସ୍ୱାଭାବିକ ଅଂଶ ।

**ପ୍ରତ୍ୟେକ ପିଢ଼ିର ନିଜସ୍ୱ ଶବ୍ଦ**

ପୁରୁଣା ପିଢ଼ିର ଅନେକ ଶବ୍ଦ ଆଜିର ଯୁବପିଢ଼ି ପାଇଁ ଅପରିଚିତ ହୋଇଯାଇଛି । ପୁଣି ଯୁବପିଢ଼ିର କିଛି ଶବ୍ଦ ଶୁଣି ବୟସ୍କମାନଙ୍କୁ ମଧ୍ୟ ଅର୍ଥ ଖୋଜିବାକୁ ପଡୁଛି । ଏହା କେବଳ ଭାଷାର ପରିବର୍ତ୍ତନ ନୁହେଁ ଏହା ପିଢ଼ିମାନଙ୍କ ମଧ୍ୟରେ ଅନୁଭବର ତଫାତର ଏକ ଚିହ୍ନ ।

ଆଜିର ଯୁବପିଢ଼ି 'ସ୍ଲେ', 'କ୍ରିଞ୍ଜ୍', 'ଭାଇବ୍', 'ଗୋଷ୍ଟିଂ', 'ରିଲ୍', 'ଡିଏମ୍' ଭଳି ଶବ୍ଦ ସହଜରେ ବ୍ୟବହାର କରୁଛିଛ କାଲି ହୁଏତ ଏହି ଶବ୍ଦଗୁଡ଼ିକ ମଧ୍ୟରୁ କେତେକ ପୁରୁଣା ହୋଇଯିବ ଏବଂ ନୂଆ ପିଢ଼ି ଆଉ କିଛି ନୂଆ ଶବ୍ଦ ଆଣିବଛ ଓଡ଼ିଆ ଭାଷାରେ ଝକସ, ବିନ୍ଦାସ, ଧମାଲ – ଏ ସବୁ ଶବ୍ଦ ଯୋଗୁଁ ନୂଆ ପିଢିର ମୁଣ୍ଡ ଖରାପ ହୁଏନି ଟିଣ ହୋଇଯାଏ ।

**ତେବେ ନୂଆ ଶବ୍ଦଗୁଡ଼ିକ ରହିଯାଏ କି?**

ସବୁ ଶବ୍ଦ ରହିଯାଏ ନାହିଁ । ଭାଷା ଏକ ବିଶାଳ ଛାଙ୍କୁଣି ବା ଫିଲ୍ଟର ପରି କାମ କରେ । ଯେଉଁ ଶବ୍ଦ ଲୋକଙ୍କ ଜୀବନରେ ଆବଶ୍ୟକ ହୁଏ ଓ ବହୁଳ ଭାବେ ବ୍ୟବହୃତ ହୁଏ, ସେଗୁଡ଼ିକ ଦୀର୍ଘଜୀବୀ ହୁଅନ୍ତି । ଅନ୍ୟ କିଛି ଶବ୍ଦ ଆସନ୍ତି ଓ ବିସ୍ମୃତି ଗର୍ଭକୁ ଚାଲିଯାଆନ୍ତି ।

'ଟେଲିଗ୍ରାମ୍', 'ଗ୍ରାମୋଫୋନ୍', 'ଭିଡିଓ କ୍ୟାସେଟ୍' ଭଳି ଶବ୍ଦ ଆମକୁ ଏକ ସମୟର ପ୍ରଯୁକ୍ତିର କଥା ମନେ ପକାଇଥାଏ । ବସ୍ତୁଗୁଡ଼ିକ ଅଦୃଶ୍ୟ ହେବା ସହ ଶବ୍ଦଗୁଡ଼ିକ ମଧ୍ୟ ବ୍ୟବହାରରୁ ଦୂରେଇ ଯାଇପାରନ୍ତି । ପୁଣି କିଛି ଶବ୍ଦ ବସ୍ତୁ ହଜିଯାଇଥିଲେ ମଧ୍ୟ ଇତିହାସରେ ରହିଯାଆନ୍ତି ।

କିନ୍ତୁ କେତେକ ନୂଆ ଶବ୍ଦ ଏତେ ସଫଳ ହୁଅନ୍ତି ଯେ ସେମାନେ ନୂଆ ପିଢ଼ିର ଶବ୍ଦ ହୋଇ ରହି ନ ଯାଇ ସମଗ୍ର ଭାଷାର ଶବ୍ଦ ହୋଇଯାଆନ୍ତି । 'ରେଡିଓ', 'ଟେଲିଭିଜନ୍', 'କମ୍ପ୍ୟୁଟର୍', 'ମୋବାଇଲ୍' ଭଳି ଶବ୍ଦ ଏହାର ଉଦାହରଣ ।

ଆସନ୍ତାକାଲିର ଅନେକ 'ନୂଆ' ଶବ୍ଦ ମଧ୍ୟ ଦିନେ ଏତେ ସାଧାରଣ ହୋଇଯିବ ଯେ କେହି ତାହାକୁ ନୂଆ ବୋଲି ଭାବିବେ ନାହିଁ ।

ସବୁ ନୂଆ ଶବ୍ଦକୁ 'ଭାଷାର ବିକୃତି' ବୋଲି ଭାବିବା ଠିକ୍ ନୁହେଁ । ଭାଷା ସବୁବେଳେ ପରିବର୍ତ୍ତନଶୀଳ । ଆଜି ଯାହାକୁ ଆମେ 'ଅଶୁଦ୍ଧ' ବୋଲି ଭାବୁଛୁ, ତାହାର କିଛି ଶବ୍ଦ ହୁଏତ ଆଗାମୀ ଦିନର ଅଭିଧାନରେ ସ୍ଥାନ ପାଇବ । ଭାଷାବିଜ୍ଞାନ ଦୃଷ୍ଟିରୁ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ।

ଏହି ନୂଆ ଶବ୍ଦଗୁଡ଼ିକ ଆମ ସମୟର ଏକ ପ୍ରକାର 'ସାଂସ୍କୃତିକ ଦଲିଲ୍' । ଭବିଷ୍ୟତର କେହି ଯଦି ଆଜିର ସମାଜକୁ ବୁଝିବାକୁ ଚାହିଁବେ, ତେବେ ଆଜି ଆମେ କେଉଁ ଶବ୍ଦ ବ୍ୟବହାର କରୁଥିଲୁ, ସେଥିରୁ ମଧ୍ୟ ଅନେକ କଥା ଜାଣିପାରିବେ ।

ଶବ୍ଦ ବଦଳେ, ଶବ୍ଦ ଜନ୍ମ ନିଏ, କିଛି ଶବ୍ଦ ବିସ୍ମୃତି ଗର୍ଭକୁ ଚାଲିଯାଏ, ଆଉ ବ୍ୟବହାର ହୁଏ ନାହିଁ କିଛି ଶବ୍ଦ ଚିର ସବୁଜ ହୋଇ ଥାଏ । ଏହା ଭିତରେ ଗୋଟିଏ ପିଢ଼ିର ଜୀବନ, ତାହାର ଆଶା, ଭୟ, ଆନନ୍ଦ, ପ୍ରଯୁକ୍ତି ଓ ସଂସ୍କୃତିର କାହାଣୀ ଲୁଚି ରହିଥାଏ । ତେଣୁ ନୂଆ ଶବ୍ଦକୁ ନେଇ ପ୍ରତିକ୍ରିୟାଶୀଳ ହେବା, ବା ତାକୁ ଗ୍ରହଣ ନ କରିବାର କିଛି କାରଣ ନାହିଁ ବରଂ ସେହି ଶବ୍ଦ ଆମ ସମୟକୁ କିପରି ପ୍ରତିଫଳିତ କରୁଛି, ତାହା ବୁଝିବା କଥା ।

**ପ୍ରଫେସର ଅଫ୍ ପ୍ରାକ୍ଟିସ, ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର), ଭୁବନେଶ୍ୱର, ଓଡ଼ିଶା**
ମୋ–୯୪୩୭୦ ୨୬୧୯୪

# ଆଜିର ପରିସ୍ଥିତିରେ ବାପୁଙ୍କ ବିଚାର



ମନୋଜ କୁମାର ଶତପଥି

ଆଜିର ଏହି ଏକବିଂଶ ଶତାବ୍ଦୀରେ ପୃଥିବୀ ଏକ ଅଭୂତପୂର୍ବ ଯୁଦ୍ଧ ସଙ୍କଟ ଓ ଅଶାନ୍ତିର ଜ୍ୱାଳା ଉପରେ ଠିଆ ହୋଇଛି । ଚାରିଆଡ଼େ କ୍ଷମତା, ଅର୍ଥ, ଅହଂକାର ଏବଂ ସାମ୍ରାଜ୍ୟ ବିସ୍ତାରର ଅନ୍ଧ ପ୍ରତିଯୋଗିତା ମାନବ ସଭ୍ୟତାକୁ ଧ୍ୱଂସର ମୁହଁକୁ ଠେଲି ଦେଇଛି । ବିସ୍ଫୋରକ ବୋମାର ଧ୍ୱନି, ନିରୀହ ଶିଶୁଙ୍କର ଆର୍ତ୍ତନାଦ ଏବଂ ରକ୍ତାକ୍ତ ଧରାପୃଷ୍ଠର କ୍ରନ୍ଦନ ଆଜି ମାନବିକତାକୁ ପ୍ରଶ୍ନବାଚୀ ଭିତରେ ଠିଆ କରିଛି ।

ବର୍ତ୍ତମାନ ପୃଥିବୀର ବିଭିନ୍ନ ଅଞ୍ଚଳରେ ଅନେକଗୁଡ଼ିଏ ଛୋଟ ବଡ଼ ଯୁଦ୍ଧ ବା ଗୃହଯୁଦ୍ଧ, ଋଷିଆ, ୟୁକ୍ରେନ, ଇସ୍ରାଏଲ, ଗାଜା / ପାଲେଷ୍ଟାଇନ, ଇରାନ ଓ ଇସ୍ରାଏଲ / ଆମେରିକା, ସୁଡାନର, ମ୍ୟାଁମାର ତଥା ୟେମେନ ଏବଂ ଲୋହିତ ସାଗର ସଙ୍କଟ ଚାଲିଛି । ଏଭଳି ଏକ ସଙ୍କଟଜନକ ଓ ଅସ୍ଥିର ପରିସ୍ଥିତିରେ ବିଶ୍ୱପିତା ମହାତ୍ମା ଗାନ୍ଧିଙ୍କ ଅମୃତ ବିଚାର, ତାଙ୍କର ଅହିଂସା ତତ୍ତ୍ୱ ଏବଂ ସତ୍ୟର ମାର୍ଗ କେବଳ ପ୍ରାସଙ୍ଗିକ ନୁହେଁ, ବରଂ ସମଗ୍ର ମାନବଜାତି ପାଇଁ ଏହା ସଞ୍ଜୀବନୀ ସଦୃଶ । ବାପୁଙ୍କ ଦର୍ଶନ କେବଳ ରାଜନୈତିକ ନୀତି ନଥିଲା, ଏହା ଥିଲା ଏକ ଜୀବନ ଦର୍ଶନ, ଯାହା ମାନବିକତାର ସର୍ବଶ୍ରେଷ୍ଠ ପ୍ରତୀକ ।

ଆଜିର ବିଶ୍ୱରେ ଯୁଦ୍ଧର ବାତାବରଣ ସୃଷ୍ଟି ହେବା ପଛରେ ରହିଛି କିଛି ଗଭୀର ମାନସିକ ଓ ସାମାଜିକ ବିକୃତି: ଅହଂକାର ଓ କ୍ଷମତାଲିପ୍ସା: ରାଷ୍ଟ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେବାର ପ୍ରତିଯୋଗିତା ଏବଂ ଅନ୍ୟର ରାଷ୍ଟ୍ରୀୟ ସାର୍ବଭୌମତ୍ୱକୁ କ୍ଷୁଣ୍ଣ କରିବାର ପ୍ରବୃତ୍ତି ।

ଭୌତିକବାଦର ଅନ୍ଧ ଅନୁସରଣ: ଆଧ୍ୟାତ୍ମିକତା ଓ ନୈତିକତାର ଅଧଃପତନ ଘଟି ମନୁଷ୍ୟ କେବଳ ଭୌତିକ ସୁଖ ଓ ଭୋଗବିଳାସ ପଛରେ ଧାବମାନ ହେଉଛି ।

ସହନଶୀଳତାର ଅଭାବ, ପରସ୍ପରର ମତ, ଧର୍ମ, ସଂସ୍କୃତି ଓ ଚିନ୍ତାଧାରା ପ୍ରତି ସମ୍ମାନ ନ ଦେଖାଇ ଅସହିଷ୍ଣୁତା ପ୍ରକଟ କରିବା ଆମର ଧର୍ମ ହୋଇଛି ।

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିନାଶକାରୀ ବ୍ୟବହାର: ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଜ୍ଞାନକୁ ଆଜି ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ତିଆରିରେ ବ୍ୟବହାର କରାଯାଉଛି ।

ମହାତ୍ମା ଗାନ୍ଧିଙ୍କ ଚିନ୍ତାଧାରା କେବଳ ଭାରତବର୍ଷର ସୀମା ଭିତରେ ଆବଦ୍ଧ ନଥିଲା, ଏହା ଥିଲା ସମଗ୍ର ବିଶ୍ୱର ଜନମାନସ ପାଇଁ ଏକ ଅମୂଲ୍ୟ ଉପହାର । ଏହାର ବିଭିନ୍ନ ମୂଲ୍ୟବୋଧଗୁଡ଼ିକ ଅତ୍ୟନ୍ତ ଚମତ୍କାର ଭାବରେ ପରସ୍ପର ସହିତ ସଂଯୁକ୍ତ । ସେ ବିଶ୍ୱାସ କରୁଥିଲେ ଯେ ସତ୍ୟ ଓ ଅହିଂସା ଗୋଟିଏ ମୁଦ୍ରାର ଦୁଇଟି ପାଖ । ଯୁଦ୍ଧ କେବଳ ଶାରୀରିକ ହିଂସା ନୁହେଁ, ଏହା ମନ ଭିତର ହିଂସାର ବହିଃପ୍ରକାଶ । ଯେତେବେଳେ ମନୁଷ୍ୟ ନିଜ ଭିତରର ଆତ୍ମାକୁ ଚିହ୍ନିପାରେ, ସେତେବେଳେ ବାହାରେ କୌଣସି ଶତ୍ରୁ ରହେ ନାହିଁ ।

ଗାନ୍ଧିଜୀଙ୍କ ମତରେ ସାଧନ ଏବଂ ସାଧ୍ୟ ଉଭୟ ପବିତ୍ର ହେବା ଆବଶ୍ୟକ । ଭୁଲ୍ ବା ଅସତ୍ ଉପାୟରେ ଜିତିଥିବା ଯୁଦ୍ଧ ମଧ୍ୟ ମାନବିକତାର ପରାଜୟ ଘଟାଏ । ନୈତିକ ଶକ୍ତି ବା 'ଆତ୍ମଶକ୍ତି' ଆଗରେ ବଡ଼ ବଡ଼ ଅସ୍ତ୍ରଶସ୍ତ୍ର ମଧ୍ୟ ଫିକା ପଡ଼ିଯାଏ ।

ପ୍ରତ୍ୟେକ ମଣିଷର ଜୀବନ ମୂଲ୍ୟବାନ ଏବଂ ପ୍ରକୃତିର ସମସ୍ତ ଜୀବ ପ୍ରତି ଦୟାଭାବ ପୋଷଣ କରିବା ହେଉଛି ପ୍ରକୃତ ଜୀବନ । ଯୁଦ୍ଧ ଏହି ଜୀବନର ଅଧିକାରକୁ ଛଡ଼ାଇ ନିଏ । ଗାନ୍ଧିଜୀ ଶିଖାଇଥିଲେ ଯେ ସରଳ ଜୀବନଯାପନ ଏବଂ ଉଚ୍ଚ ଚିନ୍ତାଧାରା ହିଁ ମନୁଷ୍ୟକୁ ଆନ୍ତରିକ ଶାନ୍ତି ଦେଇଥାଏ ।

ବସୁଧୈବ କୁଟୁମ୍ବକମ୍ (ସମଗ୍ର ବିଶ୍ୱ ଏକ ପରିବାର)–ଏହି ଭାବନା ଗାନ୍ଧିଜୀଙ୍କ ସାମାଜିକ ଦର୍ଶନରେ ସ୍ପଷ୍ଟ ପ୍ରତିଫଳିତ ହୁଏ । ସେ ଜାତି, ଧର୍ମ, ବର୍ଣ୍ଣ କିମ୍ବା ରାଷ୍ଟ୍ରୀୟ ସୀମାରେ ଭାଗ ହୋଇନଥିବା ଏକ ବିଶ୍ୱ ସମାଜର କଳ୍ପନା କରିଥିଲେ, ଯେଉଁଠାରେ ପ୍ରେମ, କରୁଣା ଓ ବନ୍ଧୁତ୍ୱ ହିଁ ଶାସନ କରିବ ।

ଆଜିର ଯୁଦ୍ଧ ବିଧ୍ୱଂସୀ ବିଶ୍ୱକୁ ରକ୍ଷା କରିବାକୁ ହେଲେ ଆମକୁ ଗାନ୍ଧିଜୀଙ୍କ ଦର୍ଶନକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ ।

ସଂଘର୍ଷର ସମାଧାନ ଆଲୋଚନା ମାଧ୍ୟମରେ: ଯୁଦ୍ଧ କୌଣସି ସମସ୍ୟାର ସମାଧାନ କରିପାରେ ନାହିଁ, ବରଂ ନୂତନ ସମସ୍ୟା ସୃଷ୍ଟି କରେ । ତେଣୁ ସମସ୍ତ ବିବାଦର ସମାଧାନ କୂଟନୈତିକ ଆଲୋଚନା ଏବଂ ପାରସ୍ପରିକ ବୁଝାମଣା ଦ୍ୱାରା ହେବା ଉଚିତ ।

ନିରସ୍ତ୍ରୀକରଣ: ପରମାଣୁ ଓ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ରର ପ୍ରସ୍ତୁତି ବନ୍ଦ କରି ସେହି ଅର୍ଥକୁ ମାନବ କଲ୍ୟାଣ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦାରିଦ୍ର୍ୟ ଦୂରୀକରଣରେ ଲଗାଇବା ।

ଘୃଣାର ପ୍ରତିବାଦ ଘୃଣାରେ କରାଯାଇପାରିବ ନାହିଁ, କେବଳ ପ୍ରେମ ଓ କ୍ଷମା ଦ୍ୱାରା ହିଁ ଶତ୍ରୁକୁ ମିତ୍ରରେ ପରିଣତ କରାଯାଇପାରେ, ଏହାହିଁ ବାପୁଙ୍କ ମୂଳମନ୍ତ୍ର ଥିଲା ।

ଶେଷରେ, ଇତିହାସ ଏହାର ସାକ୍ଷୀ ଯେ ବହୁ ରକ୍ତାକ୍ତ ଯୁଦ୍ଧ ପରେ ମଧ୍ୟ ଶେଷରେ ସନ୍ଧି ଏବଂ ଶାନ୍ତିର ଟେବୁଲ୍‌କୁ ହିଁ ଫେରିବାକୁ ପଡ଼ିଛି । ତେବେ କାହିଁକି ଆମେ ପ୍ରଥମେ ହିଁ ଯୁଦ୍ଧର ଭୟାବହତା ଦେଇ ଗତି କରିବା? ମହାତ୍ମା ଗାନ୍ଧିଙ୍କ ଅମୃତ ବିଚାର ଆଜିର ଅଶାନ୍ତ ବିଶ୍ୱ ପାଇଁ ଏକ ଦିବ୍ୟ ଆଲୋକ ।

ଯଦି ଆମକୁ ଏହି ଧରାପୃଷ୍ଠକୁ ସୁରକ୍ଷିତ ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ବାସୋପଯୋଗୀ ସ୍ଥାନ ରୂପେ ବଞ୍ଚାଇ ରଖିବାକୁ ହେବ, ତେବେ ତରବାରୀ ତ୍ୟାଗ କରି ଶାନ୍ତି, ସତ୍ୟ ଓ ଅହିଂସାର ପତାକା ତଳେ ଏକତ୍ର ହେବାକୁ ପଡ଼ିବ ।

ବାପୁଙ୍କ ଏହି ମାନବୀୟ ବାର୍ତ୍ତା ନିଜେ ବଦଳନ୍ତୁ, ବିଶ୍ୱ ଆପେ ଆପେ ବଦଳିଯିବ ।

**ଭାପୁର, ନୟାଗଡ଼**
ମୋ– ୯୯୩୮୫୫୯୫୬୮

# ବନ୍ଧୁତ୍ୱର ପରିଭାଷା



ରାକେଶ ପଣ୍ଡା

ସମଗ୍ର ଜୀବନ କାଳ ମଧ୍ୟରେ ଜଣେ ମଣିଷ ନିଜର ବ୍ୟକ୍ତିଗତ, ସାମାଜିକ ତଥା ବୃତ୍ତି କ୍ଷେତ୍ରରେ ଅନେକ ବ୍ୟକ୍ତି ବିଶେଷଙ୍କ ସଂସ୍ପର୍ଶରେ ଆସିଥାଏ । ତେବେ ସେ ଯେତେ ବୁଦ୍ଧିମାନ, ସତର୍କ କିମ୍ବା ଚତୁର ହେଲେ ମଧ୍ୟ, କୁ–ସଙ୍ଗ ତାର ଜୀବନ ଏବଂ ସାମାଜିକ ପରିଧିକୁ ଘେରି ରହିବା ସ୍ୱାଭାବିକ ବିଷୟ ଅଟେ ।

ଅପରପକ୍ଷରେ, ଯେଉଁ ମଣିଷର ମନ ସର୍ବଦା ନିମ୍ନଗାମୀ ଏବଂ ଖରାପ ଚିନ୍ତାଧାରା ଓ କାର୍ଯ୍ୟ ଆଡକୁ ଆକର୍ଷିତ ହୋଇ ରହିଥାଏ ଏବଂ ଅତି ସହଜରେ ସେ ଉକ୍ତ କୁସଙ୍ଗ ସହ ନିଜକୁ ସାମିଲ କରିନିଏ । କିନ୍ତୁ, ବେଳେ ବେଳେ ତାର ଜୀବନରେ ସେ ଗୋଟିଏ ସ୍ୱତନ୍ତ୍ର ବ୍ୟକ୍ତି ଅବା ଚରିତ୍ରଙ୍କର ସଂସ୍ପର୍ଶରେ ଆସିଥାଏ ଏବଂ ତାଙ୍କର ଚେହେରା ଓ ବ୍ୟକ୍ତିତ୍ୱ ବାରି ହୋଇପଡେ । ଯେମିତି, ରାତ୍ର ସମୟରେ ଆକାଶରେ ଅନେକ ତାରା ଥାଏ, କିନ୍ତୁ ଗୋଟିଏ ଚନ୍ଦ୍ର ବିନା ରାତିର ସେ ନିସ୍ତବ୍ଧ ସମୟ ଅଧୁରା, ଅସହାୟ ଓ ଏକୁଟିଆ ଅନୁଭବ ହୁଏ ।

ସେହିପରି, ଜଣେ ବ୍ୟକ୍ତିର ବିଚାର ତଥା ସମଗ୍ର ଜୀବନକୁ ଗୋଟିଏ ଠିକ୍ ଦିଗ ଦେବା ନିମନ୍ତେ ଭଲ ଓ ନିଃସ୍ୱାର୍ଥପର ମିତ୍ରଟିଏର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ–ଯିଏକି' ତାର ଜୀବନରେ, ଚନ୍ଦ୍ର ପରି ବିନା ସ୍ୱାର୍ଥ ଓ ସର୍ତ୍ତରେ ଶୀତଳ ଆଲୋକ ରୂପକ ସତ୍ ଜ୍ଞାନ, ସତ୍ ମାର୍ଗ ଓ ସମାଧାନ ପ୍ରଦାନ କରିଥାଏ । ଦ୍ୱାପର ଯୁଗରେ, ଶ୍ରୀକୃଷ୍ଣ ଓ ସୁଦାମାଙ୍କର ବନ୍ଧୁତା ସ୍ୱତନ୍ତ୍ର ଅଟେ ।

**ଦ୍ୱାପର ଯୁଗରେ, ଶ୍ରୀକୃଷ୍ଣ ଓ ସୁଦାମାଙ୍କର ବନ୍ଧୁତା ସ୍ୱତନ୍ତ୍ର ଅଟେ । ସୁଦାମା ତ୍ରିକାଳଦର୍ଶୀ ଥିଲେ । ଦିନେ ତାଙ୍କୁ ଜଣେ ବ୍ୟକ୍ତି କିଛି ଖୁଦ ଭଜା ଆଣି ଦେଲେ । ନିଜର ଅଲୌକିକ ଶକ୍ତି ବଳରେ ସେ ଜାଣିବାକୁ ପାଇଲେ ଯେ, ଉକ୍ତ ଖୁଦ ଭଜା ଅଭିଶାପ ଅଟେ ଏବଂ ତାକୁ ଯିଏ ଭକ୍ଷଣ କରିବ, ସେ ଅତି ଗରିବ ହୋଇଯିବ ।**

ସୁଦାମା ତ୍ରିକାଳଦର୍ଶୀ ଥିଲେ । ଦିନେ ତାଙ୍କୁ ଜଣେ ବ୍ୟକ୍ତି କିଛି ଖୁଦ ଭଜା ଆଣି ଦେଲେ । ନିଜର ଅଲୌକିକ ଶକ୍ତି ବଳରେ ସେ ଜାଣିବାକୁ ପାଇଲେ ଯେ, ଉକ୍ତ ଖୁଦ ଭଜା ଅଭିଶାପ ଅଟେ ଏବଂ ତାକୁ ଯିଏ ଭକ୍ଷଣ କରିବ, ସେ ଅତି ଗରିବ ହୋଇଯିବ । ଶ୍ରୀକୃଷ୍ଣ ଖୁଦ ଭଜା ଖାଇବାକୁ ଭାରି ଭଲ ପାଆନ୍ତି । ତେଣୁ ସୁଦାମାଙ୍କ ହାତରେ ଖୁଦା ଭଜା ଦେଖି ସେ ଦଉଡି ଆସିଲେ ।

ତାହା ଦେଖି ସୁଦାମା ଉକ୍ତ ଖୁଦ ଭଜାସବୁକୁ ସଙ୍ଗେ ସଙ୍ଗେ ନିଜେ ଭକ୍ଷଣ କରିନେଲେ । ଫଳସ୍ୱରୂପ, ପରବର୍ତ୍ତୀ ମୁହୂର୍ତ୍ତରେ ଦାରିଦ୍ର୍ୟପୂର୍ଣ୍ଣ ଜୀବନ ସେ ନିର୍ବାହ କରିଥିଲେ । ଶାସ୍ତ୍ର କହେ:

**ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷେ ଶତ୍ରୁସଂକଟେ । ରାଜଦ୍ୱାରେ ଶ୍ମଶାନେ ଚ ଯସ୍ତିଷ୍ଠତି ସ ବାନ୍ଧବଃ ।**

ତେବେ,ଚନ୍ଦ୍ର ରୂପକ ଉତ୍ତମ ଚରିତ୍ର, ବିଚାର ଏବଂ ନିଃସ୍ୱାର୍ଥପର ଚିନ୍ତାଧାରାସମ୍ପନ୍ନ ବନ୍ଧୁଟିଏ ସହ ଯୋଗାଯୋଗ ଓ ସମ୍ପର୍କ ସ୍ଥାପନ ଦ୍ୱାରା ସଦାଚାର, ଧର୍ମଭାବନା, କର୍ତ୍ତବ୍ୟନିଷ୍ଠା ଏବଂ ସଦଭାବନା ଆଦି ଗୁଣ ଗୁଡିକର ଉଦୟ ହୋଇଥାଏ, ଯାହାଦ୍ୱାରା, ହୃଦୟ ନିର୍ମଳ ଓ ପବିତ୍ର ହୋଇ, ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକଶିତ ହେବାସହ ଉଚିତ ପରାମର୍ଶ, ସକାରାତ୍ମକ ପ୍ରେରଣା ଏବଂ ତା'ର ବିଚାରଧାରାକୁ ଠିକ୍ ମାର୍ଗ ପ୍ରାପ୍ତ ହୁଏ– ଯାହା ମାଧ୍ୟମରେ, ଜଣେ ବ୍ୟକ୍ତି ସନ୍ତୁଷ୍ଟ ହୋଇ ସତ୍ୟ ଏବଂ ଶାନ୍ତିର ଜୀବନ ଅତିବାହିତ ନିମନ୍ତେ ସମର୍ଥ ହୁଏ । ଏଣୁ, ପ୍ରତ୍ୟକ ବ୍ୟକ୍ତି ଜୀବନର ଚଲାବାଟରେ ଚନ୍ଦ୍ର ପରି ଉକ୍ତ ବନ୍ଧୁ ଜଣଙ୍କୁ ବାଛିବା ଏବଂ ତାଙ୍କ ସହ ସଂପୂର୍ଣ୍ଣ ଜୀବନ ଯୋଡି ହୋଇ ରହିବା ନିମନ୍ତେ ଉଦ୍ୟମ କରିବା ଜରୁରୀ ଅଟେ ।

**ବନ୍ଦାଲୋ, ଟାଙ୍ଗୀ, କଟକ– ୭୫୪୦୨୨**
ମୋ–୯୩୩୭୮୯୭୬୫୦

# ପାର୍ବଣ ଋତୁ ଭିଡ଼କୁ ଦୃଷ୍ଟିରେ ରଖି ସିଆଲଦାହ ଏବଂ ଖୋର୍ଦ୍ଧା ରୋଡ୍ ମଧ୍ୟରେ ପୂଜା ସ୍ପେଶାଲ୍ ଟ୍ରେନ

ଭୁବନେଶ୍ୱର, (ସବ୍ୟୁ) : ଆଗାମୀ ଦୁର୍ଗାପୂଜା ଓ ଦୀପାବଳି ପାର୍ବଣ ଋତୁରେ ଯାତ୍ରୀ ଭିଡ଼ ବୃଦ୍ଧି ପାଇବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ସୁନିଶ୍ଚିତ କରିବା ସହ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ଗୁଡ଼ିକରେ ଅତିରିକ୍ତ ପୂଜା ସ୍ପେଶାଲ୍ ଟ୍ରେନ ଚଳାଚଳ କରାଯିବ। ଟ୍ରେନ ନମ୍ବର ୦୩୧୦୧ ସିଆଲଦାହ ଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ପ୍ରତ୍ୟେକ ଶନିବାର ଅକ୍ଟୋବର ୧୭, ୨୪ ଓ ୩୧, ୨୦୨୬ ଏବଂ ନଭେମ୍ବର ୦୭, ୧୪, ୨୧ ଓ ୨୮, ୨୦୨୬ରେ ଚଳାଚଳ କରିବ। ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡର ସିଆଲ ଦାହ ସ୍ପେଶାଲ୍ ପ୍ରତ୍ୟେକ ରବିବାର ଅକ୍ଟୋବର ୧୮ ଓ ୨୫, ୨୦୨୬



ଏବଂ ନଭେମ୍ବର ୦୧, ୦୮, ୧୫, ୨୨ ଓ ୨୯, ୨୦୨୬ରେ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୩୧୦୧ ସିଆଲଦାହର୍ଦ୍ଧଖୋର୍ଦ୍ଧା ରୋଡ୍ ସ୍ପେଶାଲ୍ ସିଆଲଦାହରୁ ରାତି ୧୧:୫୦ ରେ ଛାଡ଼ି ପରଦିନ ସକାଳ ୦୮:୨୦ ରେ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିବ। ଫେରିବା ମାର୍ଗରେ ଟ୍ରେନ୍ ନମ୍ବର ୦୩୧୦୨ ଖୋର୍ଦ୍ଧା ରୋଡର ସିଆଲ ଦାହ ସ୍ପେଶାଲ୍ ଖୋର୍ଦ୍ଧା ରୋଡ୍‌ରୁ ଅପରାହ୍ନ ୦୪:୪୦ ରେ ଛାଡ଼ି ପରଦିନ ରାତି ୦୨:୦୦ ରେ ସିଆଲଦାହରେ ପହଞ୍ଚିବ। ଏହି ସ୍ପେଶାଲ୍ ଟ୍ରେନ୍‌ରେ ମୋଟ ୨୨ଟି କୋଚ୍ ରହିବ। ସେଗୁଡ଼ିକ ଏସି ୩-ଟାୟର ୦୪ଟି କୋଚ୍, ସ୍ଲିପର୍ କ୍ଲାସ୍ ୧୦ଟି କୋଚ୍, ଜେନେରାଲ୍ ୦୬ଟି କୋଚ୍, ଲଗେଜ୍-କମ-ଜେନେରେଟର-କମ-ବ୍ରେକ୍ ଭ୍ୟାନ୍ (ଦିବ୍ୟାଙ୍ଗ ଅନୁକୂଳ): ୦୨ଟି କୋଚ୍ ଏହି ସ୍ପେଶାଲ୍ ଟ୍ରେନ୍‌ର ସିଆଲଦାହ ଓ ଖୋର୍ଦ୍ଧା ରୋଡ୍ ଷ୍ଟେସନ ବ୍ୟତୀତ ଆନ୍ଦୁଲ, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, କଟକ ଓ ଭୁବନେଶ୍ୱର ଷ୍ଟେସନରେ ଉଭୟ ଦିଗରେ ରହଣି କରିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମକୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ।

# ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଡାକ୍ତର ଭବାନୀ ଶଙ୍କର ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, (ସବ୍ୟୁ) : ଡାକ୍ତର ଭବାନୀ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତିର (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ



ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଓସାକ୍ସର ଅଧିକାରୀ ଓ କର୍ମଚାରୀମାନେ ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ଓସାକ୍ସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା। ଏଚ୍‌ଆଇଭି/ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ନେଇ ଡ. ମିଶ୍ର ପରାମର୍ଶ ଦେଇଥିଲେ। ଏହି ସାମୂହିକ ପ୍ରୟାସରେ ସମସ୍ତଙ୍କର ସହଯୋଗ, ସମର୍ଥନ ଓ ସକ୍ରିୟ ଅଂଶଗ୍ରହଣ କାମନା କରିଥିଲେ । ୨୦୩୦ ସୁଦ୍ଧା ଏଡ୍‌ସ ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲ ଦିଗରେ ସକାରାତ୍ମକ ଚିନ୍ତାଧାରା ନେଇ ସମସ୍ତେ ଏକାଠି ହୋଇ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।

# ଟିପିସିଓଡିଏଲ୍‌ର ସ୍ୱତନ୍ତ୍ର "ସେବା ସେତୁ' ଶିବିର

## ୯ ଜିଲ୍ଲାରେ ରୁଫଟପ୍ ସୌର ସଚେତନତା

ଭୁବନେଶ୍ୱର,(ସବ୍ୟୁ): "ପିଏମ୍ ସୂର୍ଯ୍ୟଘର: ମାଗଣା ବିଜୁଳି ଯୋଜନା'ର ପ୍ରଚାର ଓ ରୁଫଟପ୍ ସୋଲାର ବ୍ୟବହାର ବୃଦ୍ଧି ପାଇଁ ଟିପିସିଓଡିଏଲ୍ ପକ୍ଷରୁ ୯ଟି ଜିଲ୍ଲାରେ "ସେବା ସେତୁ' ଶିବିର ଆୟୋଜନ କରାଯାଉଛି । ଅକ୍ଟୋବର ୬ରେ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶିବିର ହୋଇଥିବା ବେଳେ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ସ୍ୱତନ୍ତ୍ର ଶିବିରକୁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଉଦଘାଟନ




କରିଥିଲେ । ଏଥିରେ ଅଭିନେତା ତଥା ରାଜନେତା ଅରିନ୍ଦମ ରାୟ, ବିଡିଓ ଏନ୍. ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ସମେତ ଆରଇସି ଓ ଟିପିସିଓଡିଏଲର ଅଧିକାରୀମାନେ ଯୋଗଦେଇଥିଲେ । ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବ । ଶିବିରରେ ରୁଫଟପ୍ ସୋଲାର ପଞ୍ଜୀକରଣ, ସରକାରୀ ସବସିଡି, ବ୍ୟାଙ୍କ ଋଣ, ଆର୍ଥିକ ସହାୟତା ଓ ଭେଣ୍ଡର ଚୟନ ସମ୍ପର୍କରେ ଉପଭୋକ୍ତାଙ୍କୁ ସହାୟତା ଦିଆଯାଉଛି । ଟିପିସିଓଡିଏଲ୍ ଅଧୀନରେ ଏପର୍ଯ୍ୟନ୍ତ ୭୭ ହଜାରରୁ ଅଧିକ ରୁଫଟପ୍ ସୋଲାର ସଂଯୋଗ ସ୍ଥାପନ ହୋଇଛି ।

# ସିଆଇଆଇ ମେଗା ନିଯୁକ୍ତି ମେଳା

## ଯୁବପିଢ଼ିଙ୍କ ପାଇଁ ୧,୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଶିଳ୍ପ ମହାସଂଘ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଇଗ୍ନୋ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ମିଳିତ ସହଯୋଗରେ ଏକ ମେଗା ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ଏହି ମେଳାରେ ବିଜ୍ଞାନ, ବୈଷୟିକ ତଥା ଅଣ-ବୈଷୟିକ କ୍ଷେତ୍ରର ଯୁବପିଢ଼ିଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଇଗ୍ନୋ ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ମନୋଜ ଦାଶ, ସିଆଇଆଇ ଓଡ଼ିଶାର ନିର୍ଦ୍ଦେଶକ ଅଶୋକ ବାରାଟ ଏବଂ ସିଆଇଆଇ ସ୍କିଲ୍ସର ମୁଖ୍ୟ ଅଜୟ ମିଶ୍ର ଉଦଘାଟନ କରିଥିଲେ। ଏହି ଚାକିରି ମେଳାରେ ୨,୦୦୦ରୁ ଅଧିକ ପ୍ରାର୍ଥୀ ଅନଲାଇନ୍ ପଞ୍ଜୀକରଣ କରିଥିବା ବେଳେ ୫୧୨ ଜଣ ବାୟୋଡାଟା ଦାଖଲ କରିଥିଲେ। ମୋଟ ୨୩୮ ଜଣ ପ୍ରାର୍ଥୀ ସାକ୍ଷାତକାର ଦେଇଥିଲେ ଏବଂ ସେଥିମଧ୍ୟରୁ ୧୯୮ ଜଣ ପ୍ରାର୍ଥୀ ବିଭିନ୍ନ ପଦବୀ ପାଇଁ ମନୋନୀତ ହୋଇଛନ୍ତି। ଏହି ମେଳାରେ ଭାଗ ନେଇଥିବା ୧୫ଟି କମ୍ପାନୀ ବିଭିନ୍ନ ବିଭାଗରେ ୧,୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଇ ଦେଇଛନ୍ତି। ଓଡ଼ିଶାର ଯୁବପିଢ଼ିଙ୍କୁ ଶିକ୍ଷା ସହିତ ରୋଜଗାର ଏବଂ ବ୍ୟବସାୟ ସହ ଯୋଡ଼ିବା ତଥା ଶିଳ୍ପ-ଶିକ୍ଷା ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ।

# ନୂଆ ଦୀପାବଳି କ୍ୟାମ୍ପେନ ସହ ମହିଳାଙ୍କ ପାଇଁ

## 'ଷୋଳ ଶ୍ରୀଙ୍ଗାରଦକୁ ପୁନଃଚିତ୍ରଣ କରୁଛି ତନେଇରା

ଭୁବନେଶ୍ୱର, (ସବ୍ୟୁ) : ଟାଇଟନ କମ୍ପାନି ଲିମିଟେଡର ମହିଳା ଏଥେନିକ୍ ୱେର ବ୍ରାଣ୍ଡ ତନେଇରା ଏହି ଦୀପାବଳିରେ ଆଣିଛି 'ଷୋଳ ଶ୍ରୀଙ୍ଗାରଦ। ଏହା ହସ୍ତତନ୍ତ ଶାଢ଼ିର ଏକ ସ୍ୱତନ୍ତ୍ର ସମ୍ଭାର। ସୁନ୍ଦରତାର ଭାରତୀୟ ଭାଷା ଦ୍ୱାରା ଏହା ଅନୁପ୍ରାଣିତ । ଆଜିର ମହିଳାମାନେ କିପରି ପୋଷାକ ପିନ୍ଧିବାକୁ ପସନ୍ଦ କରୁଛନ୍ତି ତଥା ନିଜକୁ ଉପସ୍ଥାପନ କରିବାକୁ ଚାହାନ୍ତି ତାହାକୁ ଶୋଭା ସହ ଜଡ଼ିତ ଏହି କ୍ୟାମ୍ପେନ 'ଷୋଳ ଶ୍ରୀଙ୍ଗାରଦ ତନେଇରାର ସମସାମୟିକ ବ୍ୟାଖ୍ୟାରେ ଏକ ବିଧି ହେବା ପରିବର୍ତ୍ତେ ଏକ ପ୍ରାରମ୍ଭ ବିନ୍ଦୁ। ଶୋଭାର ସମୃଦ୍ଧତା ଏବଂ ପ୍ରତୀକରୁ ଅଙ୍କନ କରି ପ୍ରସ୍ତୁତ ଏ ସଂଗ୍ରହ ଏହାକୁ ଜଟିଳ ମୋଟିଫ୍, ଭାବନାତ୍ମକ ବର୍ଡର ଏବଂ ଅନନ୍ୟ ଡିଜାଇନ ମାଧ୍ୟମରେ ପରିଭାଷିତ କରେ। ଅର୍ଗାଞ୍ଜା, ଟସର ଏବଂ ଟିସ୍ୟୁ ସମେତ ପାର୍ବଣ



ଏ କଲେକ୍ସନ ପୁନଃଚିତ୍ରଣ କରୁଛି। ଏ ସମ୍ଭାରକୁ ଜୀବନ୍ତ କରି ଆଣିବା ହେଉଛି ବ୍ରାଣ୍ଡ ପୂଜା କ୍ୟାମ୍ପେନ, ଯାହା ଛୋଟ, ବ୍ୟକ୍ତିଗତ ପସନ୍ଦକୁ ପାଳନ କରିବା ପାଇଁ ଉଦ୍ଦିଷ୍ଟ । ଏହା ମାଧ୍ୟମରେ ମହିଳାମାନେ ନିଜକୁ ଟିକିଏ ଅଧିକ ଅନୁଭବ କରିପାରିବେ । ପାରମ୍ପରିକ ଭାବେ ଷୋହଳ ପ୍ରକାର ପସନ୍ଦ ଏହି ଶାଢ଼ିଗୁଡ଼ିକ ଭାରତୀୟ ପରମ୍ପରାକୁ ବର୍ତ୍ତମାନକୁ ଆଣିବା ପାଇଁ ତନେଇରାର ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ମହିଳାମାନେ ଯେଉଁ ଢଙ୍ଗରେ ଶାଢ଼ି ପିନ୍ଧିବାକୁ ଚାହାନ୍ତି ଭକ୍ତ ଅନୁସାରେ ସ୍ୱତନ୍ତ୍ର ଡିଜାଇନ ପ୍ରସ୍ତୁତି ସହ କାରିଗରୀର ଗଭୀରତାକୁ ରକ୍ଷା କରିଛି ତନେଇରା।

# ରାସ୍ତା ଶୋଚନୀୟ, ଧାରଣା ଦେବେ ଗ୍ରାମବାସୀ

ସୋର,(ସବ୍ୟୁ):ସୋର ପୌର ପାଳିକା ଅନ୍ତର୍ଗତ ମୋବାରକପୁର ଠାରୁ କ୍ଷୀରକୁଣା ଭାୟା କେଦାରପୁର ହୋଇ ଯାଇଥିବା ୧୦ କିମି ବିଶିଷ୍ଟ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି । ଏନେଇ ଗତ ୨ବର୍ଷ ଧରି ସ୍ଥାନୀୟ ବାସିନ୍ଦା ମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ ବିଭାଗ ପକ୍ଷରୁ ଉକ୍ତ ରାସ୍ତାକୁ ମରାମତି କରାଯାଇନାହିଁ । ରାସ୍ତାର ଅବସ୍ଥା ଦିନକୁ ଦିନ ଅତ୍ୟନ୍ତ ଶୋଚନୀୟ ହେଉଥିବାରୁ ରାସ୍ତା ମରାମତି ନହେବା ଯାଏଁ ସୋର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀମାନେ ଆସନ୍ତା ୯ତାରିଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଏକ ଲିଖିତ ଦାବୀ ପତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ କାଯ୍ୟାଳୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

# ୨୪ ଦିବ୍ୟ ବେଶ ସମ୍ଭାର ପ୍ରଦର୍ଶନ, ଭଜନ ଓ ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଆସନ୍ତା ୨୧ ରୁ ୨୩ ପର୍ଯ୍ୟନ୍ତ ତିନି ଦିନ ଧରି ଗୌରୀ ଶଙ୍କର ମନ୍ଦିର, ବରଗଡ଼ ଠାରେ ୨୪ ଦିବ୍ୟ ବେଶ ସମ୍ଭାର ପ୍ରଦର୍ଶନ, ଭଜନ ସନ୍ଧ୍ୟା ଓ ସ୍କନ୍ଦ ପୁରାଣ ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ କଥାମୃତ ଅନୁଷ୍ଠିତ ହେବ। ଏହି ଅବସରରେ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ପ୍ରେମୀ ସତ୍ୟ ନାରାୟଣ ପଣ୍ଡା ଘୋଷଣା କରିଛନ୍ତି ଯେ ବରଗଡ଼ରେ ପ୍ରଥମ ଥର ପାଇଁ ଏହି ୨୪ ବେଶ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ୧୨ ମାଳମାଧବ ବେଶ ଓ ୧୨ ଶ୍ରୀ ଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତି



ବେଶ ପ୍ରଦର୍ଶିତ ହେବ। ଏହି ଅବସରରେ ଭୁବନେଶ୍ୱରରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ ର ସଭାପତି ଡ଼. ନାରାୟଣ ମହାପାତ୍ର, ସମ୍ପାଦକ ଉମାନାଥ ମିଶ୍ର, କୃଷ୍ଣ ଚନ୍ଦ୍ର ପଣ୍ଡା, ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ପ୍ରବକ୍ତା ପଣ୍ଡିତ ରମେଶ ଚନ୍ଦ୍ର ଦାଶ, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ସମ୍ପାଦକ ଉମାନାଥ ମିଶ୍ର ବରଗଡ଼ ବାସିନ୍ଦା ମାନଙ୍କୁ ଜଗନ୍ନାଥଙ୍କର ଏହି ଦୁର୍ଲଭ ବେଶ ଗୁଡ଼ିକର ଦର୍ଶନ କରି ପ୍ରଭୁ କୃପା ଲାଭ କରିବାକୁ ଅନୁରୋଧ କରିଛନ୍ତି।

# ଆଇସିଆଇସିଆଇ ଲାଇଫ୍ ଇନସ୍ୟୁରାନ୍ସ ନୂତନ ବ୍ରାଣ୍ଡ ପରିଚୟ ଉନ୍ମୋଚନ କରିଛି

ଭୁବନେଶ୍ୱର, (ସବ୍ୟୁ) : ଆଇସିଆଇସିଆଇ ଲାଇଫ୍ ଇନସୁରାନ୍ସ ଲିମିଟେଡ୍, ଯାହା ପୂର୍ବରୁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ ଭାବରେ ଜଣାଶୁଣା ଥିଲା। ଏବେ ଏହାର ନୂତନ ବ୍ରାଣ୍ଡ ପରିଚୟ ଏବଂ ଟ୍ୟାଗ୍ ଲାଇନ୍ 'ହର କଲ୍ ଆସାନ ଘୋଷଣା କରିଛି। ନୂତନ ବ୍ରାଣ୍ଡ ପରିଚୟ ଏବଂ ଟ୍ୟାଗ୍ ଲାଇନ୍ ଉପରେ ମତ ରଖି ଆଇସିଆଇସିଆଇ ଲାଇଫ୍ ଇନସୁରାନ୍ସ ଲିମିଟେଡର ମାର୍କେଟିଂ, ଡିଜିଟାଲ୍ ଏବଂ ବ୍ୟାଙ୍କାସ୍ୟୁରାନ୍ସ ମୁଖ୍ୟ ଶ୍ରୀନିବାସ ବାଲାସୁବ୍ରମଣ୍ୟନ କହିଛନ୍ତି, "ଆଇସିଆଇସିଆଇ ନାମଟି କୋଟି କୋଟି ଭାରତୀୟଙ୍କ ଜୀବନରେ ଏକ ସ୍ଥାୟୀ ସ୍ଥାନ ଅଧିକାର କରିଛି। ଗତ ୨୫ ବର୍ଷ ମଧ୍ୟରେ, ଆମେ ୨୦ କୋଟିରୁ ଅଧିକ ଭାରତୀୟଙ୍କ ସ୍ୱପ୍ନ ଏବଂ ଭବିଷ୍ୟତକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିବାର ସୌଭାଗ୍ୟ ଲାଭ କରିଛୁ। ଆଇସିଆଇସିଆଇ ଲାଇଫ୍ ଇନସୁରାନ୍ସରେ, ଆମେ ଦୃଢ଼ ଭାବରେ ବିଶ୍ୱାସ କରୁ ଯେ ଆଗାମୀ କାଲି ପାଇଁ ପ୍ରସ୍ତୁତି ଜୀବନରେ ଜଟିଳତା ବଢ଼ାଇବା ପରିବର୍ତ୍ତେ ସ୍ୱଚ୍ଛତା, ଆତ୍ମବିଶ୍ୱାସ ଏବଂ ମାନସିକ ଶାନ୍ତି ଆଣିବା ଉଚିତ୍। ନୂତନ ବ୍ରାଣ୍ଡ ପ୍ରତିଶ୍ରୁତି ସହିତ, କମ୍ପାନୀ ଜୀବନ ବୀମା ସମ୍ବନ୍ଧୀୟ ଆଲୋଚନାକୁ କେବଳ ଭବିଷ୍ୟତର ଅସୁବିଧାରୁ ସୁରକ୍ଷା ଦେବାଠାରୁ ଆଗକୁ ନେବାକୁ ଲକ୍ଷ୍ୟ ରଖିଛି। ଏହିପରି ଭାବରେ, ଏହା ନିଜର ହିତାଧିକାରୀମାନଙ୍କ ପାଇଁ 'ହର କଲ୍ ଆସାନ୍' କୁ ସାକାର କରୁଛି।

# ଆଇଟିଇଆର୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରାଜୁଏସନ୍ ଦିବସ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ବିଭିନ୍ନ ବିଭାଗରେ ୨୦୨୬ରେ ଶିକ୍ଷା ସମାପ୍ତ କରିଥିବା ବି.ଟେକ୍, ଏମ୍.ଟେକ୍, ବିସିଏ, ଏମ୍‌ସିଏ ଏବଂ ଏମ୍‌ଏସ୍‌ସି ପାଠ୍ୟକ୍ରମର ଛାତ୍ରଛାତ୍ରୀ ମାନଙ୍କୁ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଗ୍ରାଜୁଏସନ୍ ଦିବସ ୨୦୨୬ ଅବସରରେ ଡିଗ୍ରୀ ପ୍ରଦାନ କରାଯାଇଛି। ସୋମବାର ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନ ଆଇଟିଇଆରର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସିଏସ୍‌ଇ) ବିଭାଗର ୨୦୨୨-୨୬ ଶିକ୍ଷା ବର୍ଷର ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ସିଭିଲ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇନ୍‌ଫର୍ମେସନ୍ ଟେକ୍ନୋଲଜି, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ,




କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଡାଟା ସାଇନ୍ସ), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସାଇବର ସିକ୍ୟୁରିଟି), କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଆଣ୍ଡ ମେସିନ୍ ଲର୍ଣ୍ଣିଂ) ଓ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ଇନ୍‌ଟରନେଟ ଅଫ୍ ଥିଙ୍ଗସ) । ସେହିପରି ସ୍ନାତକତୋର ପାଠ୍ୟକ୍ରମରେ ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ଷ୍ଟ୍ରକ୍‌ଚରାଲ ଇଞ୍ଜିନିୟରିଂ, ପାୱାର ସିଷ୍ଟମ୍ସ ଆଣ୍ଡ ପାୱାର ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ (କମ୍ୟୁନିକେସନ୍ ସିଷ୍ଟମ୍ ଇଞ୍ଜିନିୟରିଂ) ଏବଂ ହିଟ୍ ପାୱାର ଆଣ୍ଡ ଥର୍ମାଲ ଇଞ୍ଜିନିୟରିଂ ଅଧ୍ୟୟନ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନର ପ୍ରଥମ ପର୍ଯ୍ୟାୟରେ ବୋଷ୍ଟନ୍ କନ୍‌ସଲ୍‌ଟିଂ ଗ୍ରୁପ୍ (ବିସିଜି)ର ପ୍ରୋଗ୍ରାମ୍ ଡାଇରେକ୍ଟର ଅମିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ କହିଥିଲେ ଯେ ଶିକ୍ଷା ଜୀବନ ଶେଷ କରି ବୃତିଗତ ଜୀବନରେ ପ୍ରବେଶ କରୁଥିବା ଛାତ୍ରଛାତ୍ରୀମାନେ ନିରନ୍ତର ଶିକ୍ଷା, ଦାୟିତ୍ୱବୋଧ, ସମୟାନୁବର୍ତିତା, ମାନବିକତା, ନମ୍ରତା ଓ ଆଶାବାଦୀ ମନୋଭାବ ଆପଣାଇବା ଆବଶ୍ୟକ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତା କରିବା ସହିତ ଶପଥ ପାଠ କରାଇଥିଲେ। ଏହି ଅବସରରେ ଆଇଟିଇଆର୍‌ର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ।

# ରିଟେଲ ବ୍ୟବସାୟକୁ କୋଟକ୍ ନିଓ ଭାବରେ ପୁନଃ ବ୍ରାଣ୍ଡିଂ କଲା କୋଟକ୍ ସିକ୍ୟୁରିଟିଜ୍

ଭୁବନେଶ୍ୱର, (ସବ୍ୟୁ) : କୋଟକ ସିକ୍ୟୁରିଟିଜ୍ ଲିମିଟେଡ ତାହାର ଗ୍ରାହକ-ସମ୍ମୁଖ ପରିଚୟକୁ କୋଟକ୍ ନିଓ ଭାବରେ ପୁନଃ ବ୍ରାଣ୍ଡିଂ କରି ଏକ ଏକୀକୃତ ଭବିଷ୍ୟ-ପ୍ରସ୍ତୁତ ନିବେଶ ପରିବ୍ୟବସ୍ଥା ସୃଷ୍ଟି କରିଥିବା ସମ୍ପର୍କରେ ଘୋଷଣା କରିଛି। ସମ୍ପ୍ରତି ଗ୍ରାହକମାନେ କିଭଳି ଆର୍ଥିକ ବଜାରଗୁଡ଼ିକ ସହିତ ନିୟୋଜିତ ରହୁଛନ୍ତି ସେଥିରେ ଘଟୁଥିବା ମୌଳିକ ସ୍ଥାନାନ୍ତରଣର ପ୍ରତିଫଳନ ହେଉଛି କୋଟକ ନିଓ, ଯେଉଁଥିରେ ଗ୍ରାହକମାନେ ଗୋଟିଏ ସ୍ଥାନରେ ବୃହତ୍ତର ପସନ୍ଦ, ସହଜ ଡିଜିଟାଲ ଅନୁଭୂତି ଏବଂ ବିଶେଷଜ୍ଞମାନଙ୍କର ସୁଯୋଗ ଲାଭ କରିବାକୁ ଚାହୁଁଛନ୍ତି। କୋଟକ ସିକ୍ୟୁରିଟିଜ୍ ପକ୍ଷରୁ ଭାରତୀୟ ନିବେଶକ ଏବଂ ଟ୍ରେଡରମାନଙ୍କର ପରିବର୍ତ୍ତନଶୀଳ ଆବଶ୍ୟକତା ପୂରଣ କରିବାକୁ ନୂତନ ପ୍ରଯୁକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ପୁଞ୍ଜିନିବେଶ, ଉତ୍ପାଦରେ ନବସୃଜନ, ଗବେଷଣା ଏବଂ ଗ୍ରାହକ ଅନୁଭୂତି ସହିତ ଦୀର୍ଘବର୍ଷର ରୂପାନ୍ତରଣ ପରେ ଏହି ପରିବର୍ତ୍ତନ ଘଟିଛି। ଏହି ପଦକ୍ଷେପ ବ୍ୟବସାୟକୁ ଏକକ ଗ୍ରାହକ-ସମ୍ମୁଖ ପରିଚୟ ଅଧୀନକୁ ଆଣିଛି, ଯେଉଁଥିରେ ଡିଜିଟାଲ ସାମର୍ଥ୍ୟକୁ ଗବେଷଣାଗତ ଦକ୍ଷତା ଏବଂ ରିଲେସନ୍‌ସିପ୍-ନେତୃତ୍ୱ ନିୟୋଜନତା ସହିତ ସମ୍ମିଶ୍ରଣ କରାଯାଇଛି।

## ବେଦକ୍ଷତା : ଗ୍ରାମାଞ୍ଚଳର ଯୁବକମାନଙ୍କ ପାଇଁ ଜୀବିକା ନିର୍ବାହର ମାର୍ଗ ସୃଷ୍ଟି କରୁଛି

# ଓଡ଼ିଶା ଏବଂ ଛତିଶଗଡ଼ରେ ଯୁବକମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବାରେ ସାହାଯ୍ୟ କରୁଛି

ଭୁବନେଶ୍ୱର,(ସବ୍ୟୁ) : ଗ୍ରାମାଞ୍ଚଳର ଯୁବକମାନଙ୍କର ଏକ ଉତ୍ତମ ଭବିଷ୍ୟତ ସଠିକ୍ ସୁଯୋଗ ପାଇବା ଉପରେ ନିର୍ଭର କରେ । ଉଚ୍ଚାକାଂକ୍ଷା ଏବଂ ଦୃଢ଼ ସଂକଳ୍ପ ପ୍ରଚୁର ଥିବାବେଳେ, ଅର୍ଥପୂର୍ଣ୍ଣ ନିଯୁକ୍ତି ପାଇଁ ମାର୍ଗ ବେଳେବେଳେ ଅପହଞ୍ଚ ହୋଇଥାଏ । ବେଦାନ୍ତ ଆଲୁମିନିୟମ ଏହାର ଦକ୍ଷତା ବିକାଶ ପଦକ୍ଷେପ 'ବେଦକ୍ଷତା ଜରିଆରେ ଏହି ଆବଶ୍ୟକତାକୁ ସମ୍ବୋଧିତ କରିବା ଲକ୍ଷ୍ୟରେ ଏହାର ଆଖପାଖ ସମ୍ପ୍ରଦାୟର ଯୁବକ ଏବଂ ଯୁବତୀମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ ଦକ୍ଷତା, ପରିଦର୍ଶନ ଏବଂ ସୁଯୋଗ ସହିତ ସଜ୍ଜିତ କରିବାରେ ସାହାଯ୍ୟ କରୁଛି, ଯାହା ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ କରିପାରିବ। ସୋସିଓ-ଇକୋନୋମିକ୍ ଆଣ୍ଡ ଏଜୁକେସନାଲ୍ ଡେଭେଲପମେଣ୍ଟ ସୋସାଇଟିର ସହଭାଗିତାରେ କାର୍ଯ୍ୟକାରୀ ହୋଇଥିବା, ବେଦକ୍ଷତା ଅଂଶଗ୍ରହଣକାରୀମାନଙ୍କୁ ମୋବାଇଲ୍ ମରାମତି, ସିଲେଇ ମେସିନ୍ ଅପରେସନ୍, ଖାଦ୍ୟ ଏବଂ ପାନୀୟ ସେବା, ବୈଦ୍ୟୁତିକ ମରାମତି ପରି ବ୍ୟବସାୟରେ ତାଲିମ ସହିତ ସଜ୍ଜିତ କରେ । ବ୍ୟବସାୟଭିତ୍ତିକ ତାଲିମ ବ୍ୟତୀତ, ଭେଦକ୍ଷତା ଅଂଶଗ୍ରହଣକାରୀମାନଙ୍କୁ ଆତ୍ମବିଶ୍ୱାସ, ଯୋଗାଯୋଗ ଦକ୍ଷତା ଏବଂ କାର୍ଯ୍ୟସ୍ଥଳୀ ପ୍ରସ୍ତୁତି ବିକଶିତ କରିବାରେ ସାହାଯ୍ୟ କରିଥାଏ, ଯାହା ସେମାନଙ୍କୁ ବୃତ୍ତିଗତ ପରିବେଶରେ ଗତି କରିବାକୁ ଏବଂ ଦୀର୍ଘକାଳୀନ ଜୀବିକା ସୁଯୋଗ ଖୋଜିବାରେ ସକ୍ଷମ କରିଥାଏ। ନିଜର ଅଭିଜ୍ଞତା ଦର୍ଶାଇ, ସୁଶ୍ରୀ ଗୋମତୀ ମହାକୁଲ,



ଯିଏକି ବେଦକ୍ଷତା ଅଧୀନରେ ସିଲାଇ ମେସିନ୍ ଅପରେଟର ତାଲିମ ସମାପ୍ତ କରିଛନ୍ତି ଏବଂ ବର୍ତ୍ତମାନ ଶାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରରେ କାର୍ଯ୍ୟରତ ଅଛନ୍ତି, କୁହନ୍ତି: "ବେଦକ୍ଷତା ମୋତେ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସ ରଖିବା ଏବଂ ନିଯୁକ୍ତି ପାଇବା ପାଇଁ ଆତ୍ମବିଶ୍ୱାସ ଦେଇଥିଲା। ମୋର ପ୍ରଥମ ଚାକିରି ପାଇବା ମୋ ପାଇଁ ଏବଂ ମୋ ପରିବାର ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା, ଏବଂ ଏହା ମୋତେ ମୋର ଭବିଷ୍ୟତ ବିଷୟରେ ଅଧିକ ସ୍ୱାଧୀନ ଏବଂ ଆଶାବାଦୀ ହେବାରେ ସାହାଯ୍ୟ କରିଛି । ବେଦକ୍ଷତାର ଏକ ପ୍ରମୁଖ ସ୍ତମ୍ଭ ହେଉଛି ଏହାର ପ୍ରଶିକ୍ଷକ ଏବଂ ପରାମର୍ଶଦାତାଙ୍କ ନେଟୱାର୍କ, ଯେଉଁମାନେ ଅଂଶଗ୍ରହଣକାରୀଙ୍କ ସହିତ ସେମାନଙ୍କର ଶିକ୍ଷା ସମୟରେ ଘନିଷ୍ଠ ଭାବରେ କାର୍ଯ୍ୟ କରନ୍ତି । ବେଦାନ୍ତ ଆଲୁମିନିୟମ ସମଗ୍ର ଓଡ଼ିଶା ଏବଂ ଛତିଶଗଡ଼ରେ ଦକ୍ଷତା ବିକାଶ ମାଧ୍ୟମରେ ୧୬,୦୦୦ରୁ ଅଧିକ ଯୁବକ ଯୁବତୀଙ୍କୁ ସଶକ୍ତ କରିଛି, ଯାହା ସେମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ ତାଲିମ ହାସଲ କରିବାରେ ଏବଂ ସ୍ଥାୟୀ ଜୀବିକା ପାଇଁ ମାର୍ଗ ସୃଷ୍ଟି କରିବାରେ ସାହାଯ୍ୟ କରିଛି।

# ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ ପୋଷଣ ମାସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ଆର୍ସେଲରମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଏହାର ପ୍ରମୁଖ ସିଏସ୍‌ଆର ପ୍ରକଳ୍ପ 'ଆରୋଗ୍ୟ' ଅନ୍ତର୍ଗତ ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଏକ ଅଂଶସ୍ୱରୂପ ଓଡ଼ିଶାରେ ଏହାର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଜାତୀୟ ପୋଷଣ ମାସ ପାଳିତ ହୋଇଯାଇଛି। ପାରାଦ୍ୱୀପରେ, ବିଶେଷ ଭାବେ ମହିଳା ଓ କିଶୋରୀମାନଙ୍କ ମଧ୍ୟରେ ପୋଷଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ନୂଆଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଚକ୍ରଧରପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶାର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରାଜେଶ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଡାକ୍ତର ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ସାମଗ୍ରିକ ସ୍ୱାସ୍ଥ୍ୟ, ଶାରୀରିକ ବିକାଶ ଏବଂ କଲ୍ୟାଣ ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱରେ ଭରପୂର ଏକ ସନ୍ତୁଳିତ ଆହାର ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।



ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଏଏନ୍‌ଏମ୍ କର୍ମଚାରୀ, କିଶୋରୀ ଏବଂ ନିକଟବର୍ତ୍ତୀ ଗ୍ରାମର ମହିଳାମାନଙ୍କୁ ମିଶାଇ ୨୦୦ ରୁ ଅଧିକ ଜଣ ଅଂଶଗ୍ରହଣ କରିଥିଲେ। ସେହିଭଳି ଏକ ସଚେତନତା ଅଧିବେଶନ କଳମାଙ୍ଗ ଏବଂ ସାଗାସାହି ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ୧୦୦ ରୁ ଅଧିକ ସ୍ଥାନୀୟ ମହିଳା, ଶିଶୁ, ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ତୃଣମୂଳ ସ୍ତରର ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଏଠାରେ ଏ ଏ ମ୍ / ଏ ନ୍ ଏ ସ୍ ଇଣ୍ଡିଆ, କଳମାଙ୍ଗର ସି ଏ ସ ଆ ର ଡି ସ ପେ ନ ସା ରି ର ଚିକିତ୍ସା ଅଧିକାରୀ ଡାକ୍ତର ଅନିଲ ମାହତୋ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମୋବାଇଲ୍ ମେଡିକାଲ୍ ୟୁନିଟ୍ ଡାକ୍ତର ଶ୍ରୀକାନ୍ତ ରଥ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧିତ କରି ସନ୍ତୁଳିତ ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସର ସୁଫଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ଲୋକମାନେ କୁପୋଷଣ ଚକ୍ରକୁ ଭାଙ୍ଗିବା ଏବଂ ଏକ ସୁସ୍ଥ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଠାକୁରାଣୀ ଖଣି ଅଞ୍ଚଳର ଡାଲକି ଗ୍ରାମସ୍ଥିତ ମୁଣ୍ଡା ସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଗୋଷ୍ଠୀ କଲ୍ୟାଣ ପାଇଁ ପୋଷଣ ଖାଦ୍ୟର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଜାତୀୟ ପୋଷଣ ମାସ ପାଳନ କରାଯାଇଥିଲା। ଏଏମ୍/ ଏନ୍‌ଏସ୍ ଇଣ୍ଡିଆ, ଡାଲକିର ସିଏସଆର ଡିସପେନସାରିର ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ ଧଳ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧିତ କରି ଏକ ସନ୍ତୁଳିତ ଆହାର ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

# ଓଡ଼ିଆ ଶିଳ୍ପୀଙ୍କୁ ରାଷ୍ଟ୍ରୀୟ ଯୁବ କଳାରତ୍ନ ସମ୍ମାନ

ଭୁବନେଶ୍ୱର,(ସବ୍ୟୁ) : ଶିଳ୍ପୀ ଅଶୋକ ମହାକୁଡଙ୍କୁ ରାଜସ୍ଥାନ ଲଳିତ କଳା ଏକାଡେମୀ ଏବଂ ଅନ୍ତରଙ୍ଗ କଳା ଓ ଶିକ୍ଷା ସଂସ୍ଥାନ ଦ୍ୱାରା ରାଷ୍ଟ୍ରୀୟ ଯୁବ କଳାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି ।ରାଜସ୍ଥାନର ଟୋଙ୍କଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଶୋକଙ୍କୁ ସମ୍ମାନିତ କରାଯାଇଥିଲା ।ଏହି ଅବସରରେ ଆୟୋଜିତ ୩ ଦିନିଆ ଏକ ଚିତ୍ର ଶିବିରରେ ଅଶୋକଙ୍କ ସୃଜନଶୀଳ ଚିତ୍ର ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।ଶିବିରରେ



ରୁଷିଆ, ନେପାଳ ଓ ଭାରତର ବିଭିନ୍ନ ରାଜ୍ୟରୁ ୨୫୦ ଚିତ୍ରକର ଯୋଗ ଦେଇଥିଲେ। ଅଶୋକ ଧଉଳି ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଛାତ୍ର। ଏହି ସମ୍ମାନ ପାଇଁ ଧଉଳି ଚାରୁକଳା ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ, ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ,ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା, ଚନ୍ଦନ କୁମାର ସାମଲ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଶୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଶୋକ ମହାକୁଡ଼ ଏବେ ନୂଆ ଦିଲ୍ଲୀରେ ରହି ନିଜ କଳା ଅଭ୍ୟାସ ଜାରି ରଖିଛନ୍ତି।

# ନୀଳଗିରି ସହରରେ ଭାଲୁ ଆତଙ୍କ

ନୀଳଗିରି, (ସବ୍ୟୁ) ବୁଧବାର ସକାଳ ସାଢେ ୫ଟା ସମୟରେ ଏକ ବିରାଟକାୟ ଭାଲୁ ନୀଳଗିରି ଏନ.ଏ.ସି ୨ ନମ୍ବର ୱାର୍ଡ ଘାଟଘରସାହି ଅଞ୍ଚଳର ମୁଖ୍ୟ ରାସ୍ତାରେ ଦୌଡି ବୁଲୁଥିଲା । ଭାଲୁଟି ଖାଦ୍ୟ ଅନ୍ୱେଷଣରେ ଆସି ଦିନ ହୋଇଯିବାରୁ ଜଙ୍ଗଲକୁ ଫେରି ପାରିନଥିଲା ବେଳେ ଭାଲୁଟି ରାସ୍ତାରେ ବୁଲୁଥିଲା । ସେହି ରାସ୍ତା ଦେଇ ଏକ ସାଇକେଲ ଆରୋହୀ ଯାଉଥିବା ବେଳେ ଭାଲୁଟି ସାଇକେଲ ଉପରକୁ ଡେଇଁ ପଡିଥିଲା । ସାଇକେଲ ଆରୋହୀ ଜଣକ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ । ଏଭଳି ଘଟଣା ସିସି ଟିଭି ରେ କଏଦ ହୋଇଛି ।

# ରୁଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଭାରତର ଶାନ୍ତି ପ୍ରସ୍ତାବ

## ପ୍ରଶଂସା କଲେ ଦୁଇ ରାଷ୍ଟ୍ର



**ନୂଆଦିଲ୍ଲୀ/କିଭ୍:** ଦୀର୍ଘ ପାଞ୍ଚ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଭାରତ ପକ୍ଷରୁ ଏକ ତିନୋଟି ପ୍ରମୁଖ ଦିଗବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଏବଂ ଯୁଦ୍ଧବିରତି ପ୍ରସ୍ତାବ ଆଗତ କରାଯାଇଛି। ଗତମାସରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ କିଭ୍ ଗସ୍ତ ସମୟରେ ହସ୍ତାନ୍ତର କରାଯାଇଥିବା ଏହି ପ୍ରସ୍ତାବରେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ, କୃଷ୍ଣସାଗର ମାଧ୍ୟମରେ ଖାଦ୍ୟଶସ୍ୟ ଓ ଶକ୍ତି ପରିବହନ ସୁରକ୍ଷିତ ରଖିବା ଏବଂ ବାଣିଜ୍ୟିକ ଜାହାଜ ଚଳାଚଳ ଉପରେ କଟକଣା ହଟାଇବା ଭଳି ଦିଗ ସାମିଲ ରହିଛି, ଯାହାକୁ ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା ସବୁଠାରୁ ବ୍ୟାପକ ଏବଂ ଗ୍ରହଣଯୋଗ୍ୟ ପ୍ରସ୍ତାବ ବୋଲି କହିଛନ୍ତି।

ତୁର୍କୀ, ମିଶର ଓ ଆମେରିକା ପକ୍ଷରୁ ଆସିଥିବା ଯୁଦ୍ଧବିରତି ପ୍ରସ୍ତାବ ତୁଳନାରେ ଭାରତର ପ୍ରସ୍ତାବ ଅଧିକ ବାସ୍ତବବାଦୀ ହୋଇଥିବା ବେଳେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରପେକ୍ଷ ଆଭିମୁଖ୍ୟ ଓ ଶାନ୍ତି ପ୍ରଚେଷ୍ଟାର ଉଚ୍ଚ ପ୍ରଶଂସା କରିଛନ୍ତି। ବୈଦେଶିକ ମନ୍ତ୍ରୀ ଜୟଶଙ୍କର ମଧ୍ୟ ଦିଲ୍ଲୀରେ ଅନୁଷ୍ଠିତ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ ଭାରତ କେବଳ ପରାମର୍ଶ ମଧ୍ୟରେ ସୀମିତ ନରହି ଦୁଇ ଦେଶ ସହ ସୀମାନ୍ତ ବିବାଦ ଓ ଶତ୍ରୁତା ହ୍ରାସ ପାଇଁ ବ୍ୟାବହାରିକ ଆଲୋଚନା ଜାରି ରଖିଛି। ରୁଷ ସହ ନିବିଡ଼ ସାମରିକ ଓ ଦ୍ୱିପାକ୍ଷିକ ସମ୍ପର୍କ ହେତୁ ଭାରତ ଏହି ଯୁଦ୍ଧରେ ନିଜକୁ ନିରପେକ୍ଷ ରଖି ଆସିଥିଲେ ମଧ୍ୟ କୂଟନୈତିକ ସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ ଏବେ ପ୍ରମୁଖ ମଧ୍ୟସ୍ଥ ଭୂମିକା ଗ୍ରହଣ କରିଛି।

# ଦିଲ୍ଲୀରେ ପୁଣି ଭୁଶୁଡ଼ିଲା ବହୁତଳ କୋଠା

## ଅନେକ ମୃତାହତ ଆଶଙ୍କା



**ନୂଆଦିଲ୍ଲୀ:** ଦିଲ୍ଲୀର ସତ୍ୟ ନିକେତନରେ ମରାମତି କାମ ଚାଲିଥିବା ବେଳେ ବାଳକ ପିଜି କୋଠା ଭୁଶୁଡ଼ି ୭ ଜଣଙ୍କର ମୃତ୍ୟୁ ଘଟିବାର ମାସକ ପରେ ବୁଧବାର ଅପରାହ୍ନ ପ୍ରାୟ ୩:୩୦ ମିନିଟରେ ଉତ୍ତର-ପୂର୍ବ ଦିଲ୍ଲୀର ସୀମାପୁରୀ ଅଞ୍ଚଳରେ ଆଉ ଏକ କୋଠାର ସମ୍ମୁଖ ଭାଗ ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ଘଟଣାର ସୂଚନା ପାଇବା କ୍ଷଣି ଦିଲ୍ଲୀ ଅଗ୍ନିଶମ ସେବାର ଗାଡ଼ି ଓ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।ପ୍ରତ୍ୟକ୍ଷଦର୍ଶୀ ଓ ପୁଲିସ ସୂଚନାନୁସାରେ, ସୀମାପୁରୀରେ କୋଠାଟି ହଠାତ୍ ଭୁଶୁଡ଼ି ପଡ଼ିବାରୁ ସ୍ଥାନୀୟ ଅଞ୍ଚଳରେ ଭୟଙ୍କର ଆତଙ୍କ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରୁ ମାଟି ଓ କୋଠାର ଭଗ୍ନାବଶେଷ ହଟାଇ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ବାହାର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଛି। ସେପ୍ଟେମ୍ବର ୬ ତାରିଖରେ ଘଟିଥିବା ପୂର୍ବ ଦୁର୍ଘଟଣାରେ ୭ ଜଣଙ୍କ ପ୍ରାଣହାନି ସହ ଏକାଧିକ ଲୋକ ଆହତ ହୋଇଥିବା ବେଳେ ବାରମ୍ବାର ଏପରି କୋଠା ଭୁଶୁଡ଼ିବା ଘଟଣା ଦିଲ୍ଲୀରେ ସୁରକ୍ଷା ଓ ନିର୍ମାଣ ମାନଦଣ୍ଡ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭାରତର ଜିଡିପି ୭.୧% ବଢ଼ିବ: ବିଶ୍ୱବ୍ୟାଙ୍କ

**ନୂଆଦିଲ୍ଲୀ:** ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ନେଇ ବିଶ୍ୱ ବ୍ୟାଙ୍କ ଆକଳନ ବଢ଼ାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୧% ହାରରେ ବଢ଼ିବ ବୋଲି ବିଶ୍ୱ ବ୍ୟାଙ୍କ ଏହାର ନୂଆ 'ଇଣ୍ଡିଆ ଡେଭଲପମେଣ୍ଟ ଅପଡେଟ୍'ରେ କହିଛି। ପୂର୍ବରୁ ଏପ୍ରିଲରେ ଏହା ୬.୬% ଅଭିବୃଦ୍ଧି ଆକଳନ କରିଥିଲା। ଅର୍ଥାତ୍ ଆକଳନକୁ ୦.୫ ପ୍ରତିଶତ ବଢ଼ାଯାଇଛି। ଶେରେ ଦୃଢ଼ ଘରୋଇ ଚାହିଦା ଓ ରପ୍ତାନିରେ ଭଲ ପ୍ରଦର୍ଶନ ଯୋଗୁ ଅର୍ଥନୀତିର ଅଭିବୃଦ୍ଧି ଗତିଶୀଳ ରହିଛି।



ଶିଳ୍ପ ଓ ସେବା କ୍ଷେତ୍ରରେ ମଧ୍ୟ କାର୍ଯ୍ୟକଳାପ ଭଲ ରହିବା ଆଶା କରାଯାଉଛି। ବିଶ୍ୱବ୍ୟାଙ୍କ ଭାରତକୁ ବିଶ୍ୱର ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରେ ରଖିଛି। ୨୦୨୫-୨୬ରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୭.୮% ରହିଥିଲା। ଦୃଢ଼ ନିବେଶ ଓ ଘରୋଇ ଉପଭୋଗ ଏହି ଅଭିବୃଦ୍ଧିକୁ ସମର୍ଥନ କରିଥିଲା। ଏବେ ମଧ୍ୟ ଘରୋଇ ଚାହିଦା ଅର୍ଥନୀତିର ମୁଖ୍ୟ ଚାଳକ ଭାବେ ରହିବ ବୋଲି ଆକଳନ କରାଯାଇଛି। 'ଇଣ୍ଡିଆ ଡେଭଲପମେଣ୍ଟ ଅପଡେଟ୍' ତେବେ ଅର୍ଥନୀତି ପାଇଁ କିଛି ଆହ୍ୱାନ ମଧ୍ୟ ରହିଛି। ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ଦୀର୍ଘ ସମୟ ଉଚ୍ଚ ରହିଲେ ଭାରତ ଉପରେ ଚାପ ବଢ଼ିପାରେ। ଏହା ସହିତ ଏଲ୍ ନିନୋ ଯୋଗୁ ପାଣିପାଗରେ ପରିବର୍ତ୍ତନ ଓ କୃଷି ଉତ୍ପାଦନ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେୟାର ବଜାରରେ ବଡ଼ ଧରଣର ସୁଧାର ହେଲେ ପୁଞ୍ଜି ପ୍ରବାହ ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ।ବିଶ୍ୱବ୍ୟାଙ୍କ ରିପୋର୍ଟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ଭାରତର ଭବିଷ୍ୟତ ଅଭିବୃଦ୍ଧି ଓ ନୂଆ ରୋଜଗାର ସୃଷ୍ଟିର ଏକ ବଡ଼ ସୁଯୋଗ ବୋଲି ଦର୍ଶାଯାଇଛି। ଭାରତର ବଡ଼ ପ୍ରଯୁକ୍ତିଭିତ୍ତିକ କର୍ମଶକ୍ତି, ଆଇଟି କ୍ଷେତ୍ର ଓ ଡିଜିଟାଲ୍ ଭିତ୍ତିଭୂମି ଏଆଇର ବ୍ୟବହାର ବଢ଼ାଇବାରେ ସହାୟକ ହେବ। ଦକ୍ଷିଣ ଏସିଆର ଅଭିବୃଦ୍ଧି ଆକଳନ ମଧ୍ୟ ବଢ଼ାଇ ୨୦୨୬ରେ ୬.୯% କରାଯାଇଛି। ଏହି ଅଭିବୃଦ୍ଧିରେ ଭାରତର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ।

# ରୁଷ କ୍ଷେପଣାସ୍ତ୍ର ମାଡ଼ରେ ଗଲା ୧୧ ଜୀବନ

**ମସ୍କୋ:** ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହାର ସେନା କିଭ୍ ଏବଂ ୟୁକ୍ରେନର ଅନ୍ୟାନ୍ୟ ଅଞ୍ଚଳରେ ସାମରିକ ଶିଳ୍ପ ଲକ୍ଷ୍ୟସ୍ଥଳ ଉପରେ ଅସ୍ତ୍ର ଏବଂ ଡ୍ରୋନ୍ ବ୍ୟବହାର କରି ଏକ ବଡ଼ ଆକ୍ରମଣ କରିଛି। ମନ୍ତ୍ରଣାଳୟ କହିଛି, ଆକ୍ରମଣରେ ସ୍ଥଳ, ସମୁଦ୍ର ଏବଂ ଆକାଶ ମାର୍ଗରୁ ନିକ୍ଷେପ କରାଯାଉଥିବା ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ସାମିଲ ଥିଲା। ମନ୍ତ୍ରଣାଳୟ ଅନୁଯାୟୀ, କିଭରେ ଫାୟାର ପଏଣ୍ଟ ଦ୍ୱାରା ପରିଚାଳିତ ସୁବିଧାଗୁଡ଼ିକୁ ମଧ୍ୟ ଆକ୍ରମଣ କରାଯାଇଛି। ସେଠାରେ ଫ୍ଲେମିଙ୍ଗୋ କ୍ରୁଜ୍ ମିସାଇଲ ଏବଂ ମଧ୍ୟମ ତଥା ଦୂରଗାମୀ ଡ୍ରୋନ୍ ନିର୍ମାଣ ଓ ସଂରକ୍ଷଣ କରାଯାଉଥିବା ଜଣାପଡ଼ିଛି। ରଏଟର୍ସ ରିପୋର୍ଟ କରିଛି ଯେ କିଭ୍, ଚେର୍ନିହିଭ୍, କିରୋଭୋହ୍ରାଦ୍, ଡ୍ନିପ୍ରୋପେଟ୍ରୋଭସ୍କ, ପୋଲ୍ଟାଭା ଏବଂ ଖାରକିଭ୍ ଅଞ୍ଚଳରେ ସାମରିକ-ଶିଳ୍ପ ଲକ୍ଷ୍ୟସ୍ଥଳ ଉପର ଆକ୍ରମଣ କରାଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନସ୍କି କହିଛନ୍ତି ଯେ, ଦେଶର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରି ପ୍ରାୟ ୭୦ଟି କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରାଯାଇଛି। ହୋଇଥିବା ଆକ୍ରମଣରେ ୧୧ ଜଣ ପ୍ରାଣ ହରାଇଛନ୍ତି।

# କେମିଷ୍ଟ୍ରିରେ ହେନେରି, କେନସୋଙ୍କୁ ନୋବେଲ



**ଷ୍ଟକହୋମ୍:** ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ହେନରି ବି. କାଗାନ୍ ଏବଂ କେନସୋ ସୋଆଇଙ୍କୁ ରସାୟନ ବିଜ୍ଞାନରେ ୨୦୨୬ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଷ୍ଟକହୋମରେ ହେନରି କାଗାନ୍ ଏବଂ କେନସୋ ସୋଆଇଙ୍କୁ ଅସମମିତ ଜୈବ ସଂଶ୍ଳେଷଣରେ ଅଣ-ରୈଖିକ ପ୍ରଭାବ ଏବଂ ସ୍ୱୟଂ-ଉତ୍ପ୍ରେରଣର ଆବିଷ୍କାର ପାଇଁ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ପ୍ରଦାନ ମିଳିଛି। କାଗାନ ଫ୍ରାନ୍ସର ଓରସେସ୍ଥିତ ପ୍ୟାରିସ-ସୁଡ ବିଶ୍ୱବିଦ୍ୟାଳୟ ସହିତ ଜଡିତ ଥିବାବେଳେ ୯୫ ବର୍ଷୀୟ ସୋଆଇ ଜାପାନର ଟୋକିଓ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସହିତ ଜଡିତ ଅଛନ୍ତି।ଯେତେବେଳେ କୌଣସି ରାସାୟନିକ ପ୍ରତିକ୍ରିୟାରେ ଉତ୍ପନ୍ନ ହେଉଥିବା ପଦାର୍ଥ ନିଜେ ସେହି ପ୍ରତିକ୍ରିୟା ପାଇଁ ଉତ୍ପ୍ରେରକ ବା କାଟାଲିଷ୍ଟ ଭାବରେ କାମ କରେ, ସେହି ପ୍ରକ୍ରିୟାକୁ ସ୍ୱୟଂଉତ୍ପ୍ରେରଣ କୁହାଯାଇଥାଏ। ସରଳ ଶବ୍ଦରେ ସାଧାରଣତଃ ଏକ ପ୍ରତିକ୍ରିୟାକୁ ଦ୍ରୁତ କରିବା ପାଇଁ ବାହାରୁ ଏକ କାଟାଲିଷ୍ଟ ବା ଉତ୍ପ୍ରେରକ ମିଶାଇବାକୁ ପଡ଼ିଥାଏ। କିନ୍ତୁ ସ୍ୱୟଂଉତ୍ପ୍ରେରଣ କ୍ଷେତ୍ରରେ ବାହାରୁ କୌଣସି ପଦାର୍ଥର ଆବଶ୍ୟକତା ପଡ଼େ ନାହିଁ। ପ୍ରତିକ୍ରିୟା ଆରମ୍ଭ ହେବା ପରେ ଯେଉଁ ନୂଆ ପଦାର୍ଥ ସୃଷ୍ଟି ହୁଏ ତାହା ନିଜେ ହିଁ ସେହି ପ୍ରତିକ୍ରିୟାର ଗତିକୁ ବଢ଼ାଇ ଦେଇଥାଏ।

### ସ୍ମାର୍ଟଫୋନ ବର୍ଗରେ ମିଭି ୱାନ ୫ଜି

**ମୁମ୍ବାଇ:** ନୂଆ ମିଭି ୱାନ ୫ଜିର ଲଞ୍ଚ ସହିତ ସ୍ମାର୍ଟଫୋନ ବର୍ଗରେ ପ୍ରବେଶ କରିଛି । ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା, ଦୀର୍ଘ ବ୍ୟାଟେରୀ ଲାଇଫ ଓ ଏକ ସହଜ ଦୈନନ୍ଦିନ ଅନୁଭୂତି ଚାହୁଁଥିବା ଉପଭୋକ୍ତାଙ୍କ ପାଇଁ ନିର୍ମିତ ମିଭି ୱାନ ୫ଜିରେ ଅନେକ ଫିଚର ରହିଛି। ମିଭି ଓ୍ୱାନ ୫ଜି ୪ଏନଏମ ସ୍ନାପଡ୍ରାଗନ ୪ ଜେନ ୨ ମୋବାଇଲ ପ୍ଲାଟଫର୍ମ ଦ୍ୱାରା ପରିଚାଳିତ । ଏହାର ପ୍ରଥମ ସେଲ୍ ଅକ୍ଟୋବର ୮ ତାରିଖ ମଧ୍ୟରାତ୍ରିରୁ ଫ୍ଲିପକାର୍ଟରେ ଆରମ୍ଭ ହେବ ।

# ମୋଦୀଙ୍କ ୨୫ ବର୍ଷର ରାଜନୈତିକ ଯାତ୍ରାକୁ ବିଶ୍ୱନେତାଙ୍କ ପ୍ରଶଂସା



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷ ପୂରଣ କରିବା ଅବସରରେ ବିଭିନ୍ନ ଦେଶର ନେତାମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ୨୦୦୧ରେ ଆରମ୍ଭ ହୋଇଥିବା ତାଙ୍କ ରାଜନୈତିକ ଯାତ୍ରା ୨୦୧୪ରେ ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ଜାରି ରହିଛି। ଅକ୍ଟୋବର ୭ରେ ଏହି ୨୫ ବର୍ଷର ମାଇଲଖୁଣ୍ଟ ପୂରଣ ହୋଇଛି। ଏହି ଅବସରରେ ଜାପାନ, ଭୁଟାନ, ନାଇଜେରିଆ, ବେଲଜିୟମ ଓ ଡୋମିନିକା ସମେତ ବିଭିନ୍ନ ଦେଶର ନେତା ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଭୁଟାନ ପ୍ରଧାନମନ୍ତ୍ରୀ ଶେରିଂ ତୋବଗେ ମୋଦୀଙ୍କ ନେତୃତ୍ୱକୁ ବିଶେଷ ଭାବେ ପ୍ରଶଂସା କରିଛନ୍ତି। ସେ ମୋଦୀଙ୍କୁ 'ବିଷ୍ଣୁଙ୍କ କଳ୍କି ଅବତାର' ବୋଲି କହିଥିଲେ। ୨୦୧୯ ଜୁଲାଇ ୨୭ରେ ନୂଆଦିଲ୍ଲୀରେ ମୋଦୀଙ୍କ ସହ ତାଙ୍କ ପ୍ରଥମ ସାକ୍ଷାତକୁ ମନେ ପକାଇ ତୋବଗେ ତାଙ୍କୁ ବଡ଼ ଭାଇ ଭାବେ ଦେଖୁଥିବା କହିଛନ୍ତି। ମୋଦୀଙ୍କ ନେତୃତ୍ୱରେ ଭାରତର ବିକାଶର ପ୍ରଭାବ ଭୁଟାନ ସମେତ ପଡ଼ୋଶୀ ଦେଶ ଓ ଦକ୍ଷିଣ ବିଶ୍ୱ ଉପରେ ମଧ୍ୟ ପଡୁଥିବା ସେ କହିଛନ୍ତି। ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମଦ ଟିନୁବୁ ମୋଦୀଙ୍କ ୨୫ ବର୍ଷର ନେତୃତ୍ୱକୁ 'ବିରଳ ସଫଳତା' ବୋଲି ବର୍ଣ୍ଣନା କରିଛନ୍ତି। ମୋଦୀଙ୍କ ବିକାଶମୂଳକ ଦୃଷ୍ଟିକୋଣ ସହ ଭାରତର ଅର୍ଥନୈତିକ ବିକାଶ, ଭିତ୍ତିଭୂମି, ଡିଜିଟାଲ୍ ବ୍ୟବସ୍ଥା ଓ ନବସୃଜନକୁ ସେ ପ୍ରଶଂସା କରିଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ମୋଦୀଙ୍କ ଦୀର୍ଘ ରାଜନୈତିକ ନେତୃତ୍ୱକୁ ପ୍ରଶଂସା କରି ଭାରତର ବିକାଶ ଓ ବିଶ୍ୱସ୍ତରରେ ଦେଶର ସ୍ଥିତି ମଜବୁତ କରିବାରେ ତାଙ୍କ ଅବଦାନକୁ ଉଲ୍ଲେଖ କରିଛନ୍ତି। ଭାରତ-ଜାପାନ 'ସ୍ପେସାଲ୍ ଷ୍ଟ୍ରାଟେଜିକ୍ ଆଣ୍ଡ ଗ୍ଲୋବାଲ୍ ପାର୍ଟନରସିପ୍'କୁ ଆହୁରି ମଜବୁତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ବେଲଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡି ୱେଭର ମଧ୍ୟ ମୋଦୀଙ୍କୁ ୨୫ ବର୍ଷର ନିରନ୍ତର ସରକାରୀ ନେତୃତ୍ୱ ପାଇଁ ଅଭିନନ୍ଦନ ଜଣାଇ ଭାରତ-ବେଲଜିୟମ ସମ୍ପର୍କକୁ ଆହୁରି ମଜବୁତ କରିବା ନେଇ ଆଶା ପ୍ରକାଶ କରିଛନ୍ତି। ଡୋମିନିକା ପ୍ରଧାନମନ୍ତ୍ରୀ ରୁଜଭେଲ୍ଟ ସ୍କେରିଟ୍ ମୋଦୀଙ୍କୁ 'ପ୍ରିୟ ବନ୍ଧୁ' ବୋଲି ସମ୍ବୋଧନ କରି ତାଙ୍କ ଦୀର୍ଘ ସେବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ସୁଧ ହାର ୫.୫%କୁ ବୃଦ୍ଧି କଲା ଆରବିଆଇ

**ନୂଆଦିଲ୍ଲୀ:** ଦେଶରେ ମହଙ୍ଗା ମାଡ଼ ପୁଣି ଉତ୍କଟ ହୋଇଛି। ମୁଦ୍ରାସ୍ଫୀତି ଘାଇଁଘାଇଁ ବଢୁଥିବା ବେଳେ ଏବେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ବା ଆରବିଆଇ ସୁଧହାର ବୃଦ୍ଧି କରିଛି। ଅର୍ଥାତ ଋଣ ଉପରେ ନିଆଯାଉଥିବା ସୁଧ ଏଣିକି ଆହୁରି ମହଙ୍ଗା ହେବ।୨୦୨୩ ଫେବୃଆରୀ ମାସ ପରେ ପ୍ରଥମଥର ପାଇଁ ଆରବିଆଇର ମନିଟାରୀ ପଲିସି କମିଟି ବା ଏମପିସି ବୁଧବାର ରେପୋ ରେଟ୍ ୨୫ ବେସିସ ପଏଣ୍ଟ ବୃଦ୍ଧି କରିଛି। ଏବେ ରେପୋ ରେଟ୍ ୫.୫୦%ରେ ପହଞ୍ଚି ଯାଇଛି। ଅକ୍ଟୋବର ୫ରୁ ୭ ଯାଏ ଏମପିସିର ବୈଠକ ବସିଥିଲା। ଏଥିରେ ସର୍ବସମ୍ମତିକ୍ରମେ ସୁଧ ହାର ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଆରବିଆଇ ଏହାର ନୀତିଗତ ମନୋଭାବକୁ ପରିବର୍ତ୍ତନ କରିଛି। ଆରବିଆଇ ଦେଇଥିବା ସଙ୍କେତରୁ ସ୍ପଷ୍ଟ ହୋଇଛି ଯେ ଆଗାମୀ ଭବିଷ୍ୟତରେ ସୁଧ ହାର ହ୍ରାସ ପାଇବାର କୌଣସି ସମ୍ଭାବନା ନାହିଁ। ଅର୍ଥାତ ଲୋକଙ୍କୁ ଏବେ ମହଙ୍ଗା ମାଡ଼କୁ ସହ୍ୟ କରିବାକୁ ପଡ଼ିବ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ କହିବା କଥା ଯେ ଦେଶର ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଏପରି ପରିବର୍ତ୍ତିତ ନିଷ୍ପତ୍ତି ନିଆଯାଇଛି। ତଥାପି ଭାରତର ଅର୍ଥନୀତି ସ୍ଥିର ରହିଥିବା ସେ ଦମ୍ଭୋକ୍ତି କରିଛନ୍ତି।ଶ୍ରୀ ମାଲହୋତ୍ରା କହିଛନ୍ତି, "ମୁଦ୍ରାସ୍ଫୀତି ଓ ଏହାର ସ୍ଥିତି ଆଦୌ ଗତବର୍ଷ ଭଳି ନାହିଁ। ଆଗାମୀ ୩ ତ୍ରୈମାସିକରେ ଗ୍ରାହକ ସୂଚକାଙ୍କ ପରିସଂଖ୍ୟାନ ମୁଦ୍ରାସ୍ଫୀତି ହାରାହାରି ୫.୮% ରହିବାର ଆଶଙ୍କା ରହିଛି। ସେହିପରି ପୂର୍ଣ୍ଣ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୪.୪% ରହିପାରେ।" ବିଶ୍ୱ ସ୍ତରରେ ଖାଦ୍ୟ, ଶକ୍ତିର ବଢୁଥିବା ଦର, ଆର୍ଥିକ ବଜାରରେ ଦେଖାଯାଉଥିବା ଅସ୍ଥିରତା ଓ ବିଶ୍ୱ ଅର୍ଥନୀତିକ ପରିସ୍ଥିତିରେ ଦେଖାଯାଇଥିବା ଅଚଳାବସ୍ଥା ମଧ୍ୟରେ ଆରବିଆଇ ଏପରି ନିଷ୍ପତ୍ତି ନେଇଛି।ମାଲହୋତ୍ରା କହିଛନ୍ତି, ବିଶ୍ୱ ଅଭିବୃଦ୍ଧି ସ୍ଥିର ରହିଛି। କିନ୍ତୁ ଚଳିତ ବର୍ଷ ଏହା ଧିମା ହେବାର ସମ୍ଭାବନା ରହିଛି। ଶକ୍ତି ଓ ଖାଦ୍ୟ ଦର ବୃଦ୍ଧି ଯୋଗୁ ବିଶ୍ୱ ମୁଦ୍ରାସ୍ଫୀତି ବଢୁଛି। ଏଥିପାଇଁ ମନିଟାରୀ ନୀତିକୁ ଆରବିଆଇ ଶକ୍ତ କରିବାକୁ ବାଧ ହୋଇଛି।

## ଆଇଏମଏଫର ଚେତାବନୀ

# ବିଶ୍ୱ ପ୍ରତି ବିପଦ ଏଆଇ-ତେଲ-ଋଣ



**ସିଙ୍ଗାପୁର:** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ବିକାଶ, ଦୀର୍ଘ ସମୟ ଧରି ଉଚ୍ଚ ତେଲ ଓ ଇନ୍ଧନ ମୂଲ୍ୟ ଓ ବଢୁଥିବା ସରକାରୀ ଋଣ ବିଶ୍ୱ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ହୋଇଛି। ଏହି ତିନିଟି ବିପଦକୁ ନେଇ ଦେଶଗୁଡ଼ିକୁ ତୁରନ୍ତ ପଦକ୍ଷେପ ନେବାକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା ଚେତାବନୀ ଦେଇଛନ୍ତି। ଆସନ୍ତା ସପ୍ତାହରେ ବ୍ୟାଙ୍କକରେ ହେବାକୁ ଥିବା ଆଇଏମଏଫ-ବିଶ୍ୱବ୍ୟାଙ୍କ ବାର୍ଷିକ ବୈଠକ ପୂର୍ବରୁ ସିଙ୍ଗାପୁରରେ ଏକ ଭାଷଣରେ ଜର୍ଜିଭା ଏହି ଆଶଙ୍କା ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏଆଇ ନିବେଶରୁ ଆର୍ଥିକ ଅଭିବୃଦ୍ଧି ବଢୁଥିଲେ ମଧ୍ୟ ଏହାର ଲାଭ ଏବେ କେବଳ କିଛି ଦେଶ ମଧ୍ୟରେ ସୀମିତ ରହିଛି। ମଧ୍ୟପ୍ରାଚ୍ୟ ଓ ୟୁକ୍ରେନରେ ଚାଲିଥିବା ସଂଘର୍ଷ ଯୋଗୁ ତେଲ ଓ ଅନ୍ୟାନ୍ୟ ମୁଖ୍ୟ ସାମଗ୍ରୀର ଯୋଗାଣ ଉପରେ ଚାପ ରହିଛି। ଏହି ଶକ୍ତି ସଙ୍କଟ ୨୦୨୭ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ସେ କହିଛନ୍ତି। ଶକ୍ତି ଓ ଖାଦ୍ୟ ମୂଲ୍ୟ ବଢ଼ିବା ଫଳରେ ବିଶ୍ୱରେ ମୁଦ୍ରାସ୍ଫୀତି ଚାପ ଆହୁରି ବଢ଼ିବା ଆଶଙ୍କା ରହିଛି।ଅନ୍ୟପଟେ ବିଶ୍ୱର ମୋଟ ଋଣ ୩୬୫ ଟ୍ରିଲିଅନ ଡଲାରରୁ ଅଧିକ ହୋଇସାରିଛି। ଉଚ୍ଚ ସୁଧହାର ଯୋଗୁ ଅଧିକ ଋଣ କରିଥିବା ଦେଶଗୁଡ଼ିକ ଉପରେ ବଜେଟ୍ ଚାପ ବଢୁଛି। ବିଶେଷକରି ବିକଶିତ ଦେଶଗୁଡ଼ିକରେ ଏହି ସମସ୍ୟା ଗମ୍ଭୀର ବୋଲି ଜର୍ଜିଭା କହିଛନ୍ତି। ଏଆଇର ବ୍ୟାପକ ବିକାଶ ମଧ୍ୟ ନୂଆ ଚାପ ସୃଷ୍ଟି କରୁଛି। ଏଆଇ ଡାଟା ସେଣ୍ଟର ଓ ଅନ୍ୟାନ୍ୟ ଭିତ୍ତିଭୂମିର ବୃଦ୍ଧି ଫଳରେ ବିଦ୍ୟୁତ ଚାହିଦା ବଢୁଛି। ଏହା ସହିତ ଏଆଇ ଆଧାରିତ ଅର୍ଥନୈତିକ ଲାଭ କେବଳ କିଛି ଦେଶରେ କେନ୍ଦ୍ରୀଭୂତ ହେବାରୁ ବିଶ୍ୱରେ ଆର୍ଥିକ ଅସମାନତା ଆହୁରି ବଢ଼ିପାରେ ବୋଲି ଆଇଏମ୍ଏଫ୍ ମୁଖ୍ୟ ଚେତାଇଛନ୍ତି।ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକୁ ସତର୍କ ମୁଦ୍ରାନୀତି ଆପଣାଇବାକୁ ଜର୍ଜିଭା ପରାମର୍ଶ ଦେଇଛନ୍ତି।

# ବାଂଲାଦେଶୀ ପତ୍ନୀଙ୍କୁ ଭାରତରେ ପ୍ରବେଶ ମନା

## ଇମିଗ୍ରେସନ୍ ନିଷ୍ପତ୍ତି କାଏମ ରଖିଲେ କଲିକତା ହାଇକୋର୍ଟ



**କୋଲକାତା:** ଜାଲିଆତି ଉପାୟରେ ଭାରତୀୟ ପରିଚୟପତ୍ର ହାସଲ କରିଥିବାରୁ ଜଣେ ଭାରତୀୟ ନାଗରିକଙ୍କ ବାଂଲାଦେଶୀ ପତ୍ନୀଙ୍କୁ ଭାରତ ପ୍ରବେଶ ଅନୁମତି ନ ଦେବା ନିଷ୍ପତ୍ତିକୁ କଲିକତା ହାଇକୋର୍ଟ ବୁଧବାର କାଏମ ରଖିଛନ୍ତି। ଜଷ୍ଟିସ୍ କୃଷ୍ଣ ରାଓ ଭାରତୀୟ ନାଗରିକ ପ୍ରଦୀପ ବୋଷଙ୍କ ଆବେଦନକୁ ଖାରଜ କରିଛନ୍ତି। ତାଙ୍କ ବାଂଲାଦେଶୀ ପତ୍ନୀ ଶ୍ରାବନ୍ତୀ ଚୌଧୁରୀ ଓ ନାବାଳକ ପୁଅଙ୍କୁ ଭାରତ ପ୍ରବେଶ ଅନୁମତି ଦେବାକୁ ସେ ଆବେଦନ କରିଥିଲେ। ପ୍ରଦୀପ ସେପ୍ଟେମ୍ବର ୫ରେ ଇମିଗ୍ରେସନ୍ କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଆବେଦନ କରିଥିଲେ। ତାଙ୍କ ଓକିଲ କୋର୍ଟରେ ଯୁକ୍ତି ଦେଇଥିଲେ ଯେ ଶ୍ରାବନ୍ତୀଙ୍କୁ ଭାରତ ପ୍ରବେଶରୁ ରୋକାଯାଇଥିଲେ ମଧ୍ୟ ଏହାର କାରଣ ତାଙ୍କୁ ଜଣାଯାଇନଥିଲା। ଏହାସହ ପ୍ରବେଶ ଅନୁମତି ପାଇଁ ଦିଆଯାଇଥିବା ଆବେଦନ ଉପରେ ମଧ୍ୟ ବିଚାର କରାଯାଇ ନଥିବା ସେ ଦର୍ଶାଇଥିଲେ। କୋର୍ଟରେ ଦାଖଲ ହୋଇଥିବା ବିଦେଶୀ ପଞ୍ଜୀକରଣ କାର୍ଯ୍ୟାଳୟ (ଏଫ୍ଆରଓ) ରିପୋର୍ଟ ଅନୁସାରେ, ଶ୍ରାବନ୍ତୀ ଜଣେ ବାଂଲାଦେଶୀ ନାଗରିକ। ତାଙ୍କ ପାସ୍ପୋର୍ଟର ବୈଧତା ୭ ସେପ୍ଟେମ୍ବର ୨୦୨୭ ପର୍ଯ୍ୟନ୍ତ ରହିଛି। ତେବେ ବାଂଲାଦେଶୀ ନାଗରିକ ହୋଇଥିଲେ ମଧ୍ୟ ସେ ଜାଲିଆତି ଉପାୟରେ ଭାରତୀୟ ଭୋଟର କାର୍ଡ ଓ ପାନ୍ କାର୍ଡ ହାସଲ କରିଥିବା କର୍ତ୍ତୃପକ୍ଷ କୋର୍ଟଙ୍କୁ ଜଣାଇଥିଲେ। ଏହି କାରଣରୁ ତାଙ୍କୁ ଭାରତ ପ୍ରବେଶ ଅନୁମତି ଦିଆଯାଇ ନଥିଲା। ବିବାହ ପରେ ଶ୍ରାବନ୍ତୀ ଭାରତୀୟ ନାଗରିକଙ୍କ ପତ୍ନୀ ଭାବେ ମଲ୍ଟିପଲ୍-ଏଣ୍ଟ୍ରି ଏକ୍ସ-୧ ଭିସାରେ ଭାରତ ଆସୁଥିଲେ। ତାଙ୍କ ଶେଷ ଭିସା ୨୫ ସେପ୍ଟେମ୍ବର ୨୦୨୫ରେ ଜାରି ହୋଇଥିଲା ଏବଂ ଏହା ୨୪ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ବୈଧ ଥିଲା। ଏପ୍ରିଲ ୨୦୨୬ରେ ସେ ବାଂଲାଦେଶ ଯାଇଥିଲେ। ଅଗଷ୍ଟ ୨୩ରେ ଭାରତ ଫେରିବା ବେଳେ ତାଙ୍କୁ ପ୍ରବେଶ ଅନୁମତି ମିଳିନଥିଲା। ସରକାରୀ ପକ୍ଷର ଓକିଲ କହିଥିଲେ ଯେ ୨୦୨୫ର ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ଆଇନର ବ୍ୟବସ୍ଥା ଅନୁସାରେ ଜଣେ ବିଦେଶୀ ନାଗରିକଙ୍କ ଭାରତ ପ୍ରବେଶକୁ ସୀମିତ କରାଯାଇପାରେ। ସମସ୍ତ ପକ୍ଷର ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ କୃଷ୍ଣ ରାଓ ଇମିଗ୍ରେସନ୍ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଠିକ୍ ଥିବା ଦର୍ଶାଇ ପ୍ରଦୀପଙ୍କ ଆବେଦନ ଖାରଜ କରିଦେଇଛନ୍ତି।

ସମୟ

# ଏସୀୟ ପାରା କ୍ରୀଡ଼ାରେ ପ୍ରମୋଦ, ଭାବିନା ଧ୍ୱଜାବାହକ

## ଅକ୍ଟୋବର ୧୮ ରେ ଉଦ୍‌ଘାଟନୀ

ନୂଆଦିଲ୍ଲୀ,୭।୧୦(ଏଜେନ୍ସି): ଭାରତୀୟ ପାରା କ୍ରୀଡ଼ାର ଦୁଇ ତାରକା ପ୍ରମୋଦ ଭଗତ ଓ ଭାବିନା ପଟେଲଙ୍କୁ ମିଳିଛି ବଡ଼ ସମ୍ମାନ। ଜାପାନର ଆଇଚି-ନାଗୋୟାରେ ଅକ୍ଟୋବର ୧୮ରୁ ୨୪ ପର୍ଯ୍ୟନ୍ତ ହେବାକୁ ଥିବା ଏସୀୟ ପାରା କ୍ରୀଡ଼ାର ଉଦ୍ଘାଟନୀ ସମାରୋହରେ ଏହି ଦୁଇ ପାରାଲିମ୍ପିକ୍ ଚାମ୍ପିଅନ୍ ଭାରତୀୟ ଦଳର ଧ୍ୱଜବାହକ ହେବେ। ପାରା ବ୍ୟାଡମିଣ୍ଟନର ଅନ୍ୟତମ ଶ୍ରେଷ୍ଠ ଖେଳାଳି ପ୍ରମୋଦ ଭଗତ ଏସୀୟ ପାରା କ୍ରୀଡ଼ାରେ ଭାରତ ପାଇଁ ଅନେକ ସଫଳତା ଆଣିଛନ୍ତି। ୨୦୧୪ରୁ ୨୦୨୩ ମଧ୍ୟରେ ସେ ମୋଟ ୬ଟି ପଦକ ଜିତିଛନ୍ତି। ଏଥିରେ ୨ଟି ସ୍ୱର୍ଣ୍ଣ ଓ ୪ଟି କାଂସ୍ୟ ପଦକ ରହିଛି। ତାଙ୍କ ଅଭିଜ୍ଞତା ଓ ଅନ୍ତର୍ଜାତୀୟ ସଫଳତା ଭାରତୀୟ ଦଳ ପାଇଁ ପ୍ରେରଣାର ଉତ୍ସ ହେବ। ସେହିପରି ପାରା ଟେବୁଲ୍ ଟେନିସ୍ ଖେଳାଳି ଭାବିନା ପଟେଲ ମଧ୍ୟ ଭାରତୀୟ ପାରା କ୍ରୀଡ଼ାରେ ଏକ ପରିଚିତ ନାମ। ୨୦୧୮ରୁ ୨୦୨୩ ମଧ୍ୟରେ ସେ ଏସୀୟ ପାରା କ୍ରୀଡ଼ାରେ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ ୨ଟି ପଦକ ଜିତିଛନ୍ତି। ଉଭୟଙ୍କ ଏସୀୟ ପାରା କ୍ରୀଡ଼ା ପଦକ ସଂଖ୍ୟା ୮। ଏବେ ଉଦ୍‌ଘାଟନୀ ସମାରୋହରେ ତ୍ରିରଙ୍ଗା ଧରି ଭାରତୀୟ ଦଳକୁ ନେତୃତ୍ୱ ଦେବାର ଗୌରବ ସେମାନଙ୍କୁ ମିଳିଛି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଦେବେନ୍ଦ୍ର ଝାଝରିଆ ଏହି ଚୟନକୁ ସ୍ୱାଗତ କରିବା ସହ ଦୁଇ ଖେଳାଳିଙ୍କ ସଫଳତା, ସଂଘର୍ଷ ଓ ଦୃଢ଼ତା ସେମାନଙ୍କୁ ଏହି ସମ୍ମାନ ପାଇଁ ଉପଯୁକ୍ତ କରିଛି ବୋଲି କହିଛନ୍ତି। ଅକ୍ଟୋବର ୮ରେ ଭାରତୀୟ ପାରାଲିମ୍ପିକ୍ କମିଟି ପକ୍ଷରୁ ଭାରତୀୟ ଦଳର ବିଦାୟ ସମାରୋହ ଆୟୋଜିତ ହେବ। ଏଥିରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭାରତୀୟ ପାରା ଖେଳାଳିମାନେ ଏଥର ପୂର୍ବ ସଫଳତାକୁ ଆହୁରି ଆଗକୁ ନେବା ଲକ୍ଷ୍ୟରେ ନାଗୋୟା ଅଭିଯାନ ଆରମ୍ଭ କରିବେ।





## ଏସୀୟ ପାରା କ୍ରୀଡ଼ାରେ ଓଡ଼ିଶାର ୪ ଖେଳାଳି

## ଭାରତୀୟ ଦଳରେ ପାୟଲ, ସୁଚିତ୍ରା, ଜୟନ୍ତୀ ଓ ପ୍ରମୋଦ

ଜାପାନରେ ଅକ୍ଟୋବର ୧୮ ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏଚି-ନାଗୋୟା ୨୦୨୬ ଏସୀୟ ପାରା କ୍ରୀଡ଼ାରେ ଓଡ଼ିଶାର ୪ ଜଣ ପାରା ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହା ରାଜ୍ୟର ପାରା କ୍ରୀଡ଼ା କ୍ଷେତ୍ର ପାଇଁ ଏକ ଗୌରବର ମୁହୂର୍ତ୍ତ। ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ଖେଳାଳିମାନେ ହେଲେ ପାରା ତୀରନ୍ଦାଜିର କମ୍ପାଉଣ୍ଡ ବର୍ଗର ପାୟଲ ନାୟକ, ପାରା ଆଥଲେଟିକ୍ସର ଏଫ୍-୫୫ ଜାଭେଲିନ୍ ଥ୍ରୋ'ର ସୁଚିତ୍ରା ପରିଡ଼ା, ଟି-୪୭ ବର୍ଗର ଜୟନ୍ତୀ ବେହେରା ଏବଂ ପାରା ବ୍ୟାଡମିଣ୍ଟନ୍ର ଏସ୍ଏଲ୍-୩ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ବର୍ଗର ପ୍ରମୋଦ ଭଗତ। ଏଫ୍-୫୫ ଜାଭେଲିନ୍ ଥ୍ରୋ'ରେ ସୁଚିତ୍ରା ପରିଡ଼ା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିୟମିତ ଭାବେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ତ । ଙ୍କ ପ୍ରଦର୍ଶନରେ ନିରନ୍ତର ଉନ୍ନତି ପରିଲକ୍ଷିତ ହୋଇଛି। ସେହିପରି ଟି-୪୭ ବର୍ଗର ଜୟନ୍ତୀ ବେହେରା ମଧ୍ୟ ରାଜ୍ୟର ଅନ୍ୟତମ ପ୍ରମୁଖ ପାରା ଆଥଲେଟ୍ ଭାବେ ନିଜ ସ୍ଥାନ ସୁଦୃଢ଼ କରିଛନ୍ତି। ପାରା ତୀରନ୍ଦାଜିରେ ପାୟଲ ନାୟକଙ୍କ ଚୟନ ଓଡ଼ିଶାର ପାରା ତୀରନ୍ଦାଜି ପାଇଁ ଆଉ ଏକ ଉଲ୍ଲେଖନୀୟ ସଫଳତା। ଏସୀୟ ପାରା କ୍ରୀଡ଼ାରେ ସେ ଭାରତ ପାଇଁ ପଦକ ଜିତିବା ଲକ୍ଷ୍ୟରେ ମଇଦାନକୁ ଓହ୍ଲାଇବେ। ପାରା ବ୍ୟାଡମିଣ୍ଟନ୍ରେ ପ୍ରମୋଦ ଭଗତଙ୍କ ଚୟନ ଭାରତୀୟ ଦଳକୁ ଆହୁରି ଶକ୍ତିଶାଳୀ କରିଛି। ପାରାଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା, ଦୁଇଥର ଏସୀୟ ପାରା କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଏବଂ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ପ୍ରମୋଦ ଏଥର ଭାରତ ପାଇଁ ପ୍ରତିଯୋଗିତା କରିବେ। ଏଥିସହ ଉଦ୍ଘାଟନୀ ସମାରୋହରେ ଭାରତର ପତାକାବାହକ ଭାବେ ମଧ୍ୟ ସେ ଦାୟିତ୍ୱ ତୁଲାଇବେ। ତାଙ୍କ ସହ ଭାରତର ଅନ୍ୟତମ ପତାକାବାହକ ହେବେ ଭାବିନା ପଟେଲ। ଏସୀୟ ପାରା କ୍ରୀଡ଼ାରେ ଓଡ଼ିଶାର ୪ ଜଣ ଖେଳାଳିଙ୍କ ଅଂଶଗ୍ରହଣ ରାଜ୍ୟର ପାରା କ୍ରୀଡ଼ା ଆନ୍ଦୋଳନ ପାଇଁ ଏକ ବଡ଼ ମାଇଲଖୁଣ୍ଟ। ଏହା ରାଜ୍ୟର ନୂଆ ପିଢ଼ିର ପାରା ଖେଳାଳିଙ୍କୁ ମଧ୍ୟ ଉତ୍ସାହିତ କରିବ।

# ଲୁହରେ ଅନ୍ତ ମେସିଙ୍କ ୨୧ ବର୍ଷର ଅନ୍ତର୍ଜାତୀୟ ଯାତ୍ରା



ବୁଏନସ୍ ଆୟର୍ସ,୭।୧୦(ଏଜେନ୍ସି): ଲୁହଭିଜା ବିଦାୟ। ଆର୍ଜେଣ୍ଟିନା ଜର୍ସିରେ ଲିଓନେଲ୍ ମେସିଙ୍କ ୨୧ ବର୍ଷର ଗୌରବମୟ ଯାତ୍ରାର ଅନ୍ତ ଘଟିଛି। ବେନିନ୍ ବିପକ୍ଷରେ ୩-୦ ଗୋଲର ବିଜୟ ସହ ମେସି ଆନ୍ତର୍ଜାତୀୟ ଫୁଟବଲକୁ ବିଦାୟ ଦେଇଛନ୍ତି। ନିଜର ଶେଷ ମ୍ୟାଚରେ ସେ ଗୋଟିଏ ଗୋଲ୍ କରିବା ସହ ଦୁଇଟି ଗୋଲରେ ସହାୟତା କରିଥିଲେ।

ବୁଏନସ୍ ଆୟର୍ସର ମୋନୁମେଣ୍ଟାଲ୍ ଷ୍ଟାଡିୟମରେ ୮୫ ହଜାରରୁ ଅଧିକ ଦର୍ଶକଙ୍କ ସାମ୍ନାରେ ମେସିଙ୍କ ଏହି ବିଦାୟ ମ୍ୟାଚ୍ ଏକ ଭାବବିହ୍ୱଳ ମୁହୂର୍ତ୍ତରେ ପରିଣତ ହୋଇଥିଲା। ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମ୍ ଅଭିମୁଖେ ଯାଉଥିବା ଦଳୀୟ ବସରେ ମଧ୍ୟ ମେସିଙ୍କ ଆଖିରୁ ଲୁହ ଝରୁଥିବା ଦେଖାଯାଇଥିଲା। ହଜାର ହଜାର ପ୍ରଶଂସକ ରାସ୍ତା କଡ଼ରେ ଠିଆ ହୋଇ ନିଜ ପ୍ରିୟ ଅଧିନାୟକଙ୍କୁ ଶେଷଥର ପାଇଁ ଶୁଭେଚ୍ଛା ଜଣାଇଥିଲେ।

ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ମେସି ନିଜର ଯାଦୁ ଦେଖାଇଥିଲେ। ୪୮ତମ ମିନିଟ୍ରେ ତାଙ୍କ ପାସ୍ରୁ ନିକୋଲାସ୍ ଓଟାମେଣ୍ଡି ଆର୍ଜେଣ୍ଟିନାକୁ ଆଗୁଆ କରିଥିଲେ। ପରେ ନିକୋ ପାଜକୁ ଗୋଲ୍ ପାଇଁ ସୁଯୋଗ ଦେଇ ମେସି ନିଜର ଦ୍ୱିତୀୟ ଆସିଷ୍ଟ୍ ହାସଲ କରିଥିଲେ। ଶେଷରେ ପେନାଲ୍ଟିରୁ ନିଜେ ଗୋଲ୍ କରି ୩-୦ ବିଜୟକୁ ସୁନିଶ୍ଚିତ କରିଥିଲେ। ଏହା ଥିଲା ମେସିଙ୍କ ୧୨୬ତମ ଆନ୍ତର୍ଜାତୀୟ ଗୋଲ୍।

ମ୍ୟାଚ୍ ପରେ ମେସି ଦର୍ଶକଙ୍କୁ ସମ୍ବୋଧିତ କରିବା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ। ସେ କହିଥିଲେ, ଆର୍ଜେଣ୍ଟିନା ଜର୍ସି ପିନ୍ଧିବା ତାଙ୍କ ପାଇଁ ୨୦ ବର୍ଷରୁ ଅଧିକ ସମୟ ଧରି ଅତ୍ୟନ୍ତ ଗର୍ବର ବିଷୟ ଥିଲା। ଏବେ ଆଉ ଜାତୀୟ ଦଳ ସହ ରହିପାରିବେ ନାହିଁ ବୋଲି ଭାବିବା ତାଙ୍କୁ ଗଭୀର ଭାବେ କଷ୍ଟ ଦେଉଛି। ଆର୍ଜେଣ୍ଟିନା ପାଇଁ ଖେଳିବା ତାଙ୍କ ଜୀବନର ସବୁଠାରୁ ସୁନ୍ଦର ଅନୁଭୂତି ବୋଲି ମେସି କହିଥିଲେ। ନିଜ ପିତାଙ୍କୁ ମନେ ପକାଇ ମଧ୍ୟ ମେସି ଭାବପ୍ରବଣ ହୋଇଥିଲେ। ସେ କହିଥିଲେ, ଏହି ମୁହୂର୍ତ୍ତରେ ତାଙ୍କ ମନରେ ଅନେକ କଥା ଘୁରି ବୁଲୁଛି ଏବଂ ପ୍ରଥମେ ତାଙ୍କ ପିତାଙ୍କ କଥା ମନେ ପଡୁଛି।

ମେସିଙ୍କ ଆନ୍ତର୍ଜାତୀୟ କ୍ୟାରିୟର ୨୦୮ଟି ମ୍ୟାଚରେ ୧୨୬ ଗୋଲ୍ ସହ ଶେଷ ହୋଇଛି। ସେ ଆର୍ଜେଣ୍ଟିନାର ସର୍ବାଧିକ ମ୍ୟାଚ୍ ଖେଳିଥିବା ଏବଂ ସର୍ବାଧିକ ଗୋଲ୍ କରିଥିବା ଖେଳାଳି। ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୨୦୨୧ ଓ ୨୦୨୪ କୋପା ଆମେରିକା ସହ ୨୦୨୨ ବିଶ୍ୱକପ୍ ଜିତିଥିଲା। ମୋନୁମେଣ୍ଟାଲରେ ଶେଷ ହ୍ୱିସିଲ୍ ବାଜିବା ପରେ ସାଥୀ ଖେଳାଳି, ପ୍ରତିପକ୍ଷ ଦଳର ସଦସ୍ୟ ଓ ରେଫରୀ ମେସିଙ୍କୁ ଘେରି ନେଇଥିଲେ। ଆକାଶରେ ଡ୍ରୋନ୍ ଶୋ' ଏବଂ ଷ୍ଟାଡିୟମରେ ପ୍ରଶଂସକଙ୍କ ଭାବବିହ୍ୱଳ ଉତ୍ସବ ମଧ୍ୟରେ ଫୁଟବଲର ଏକ ମହାନ ଅଧ୍ୟାୟର ପରିସମାପ୍ତି ଘଟିଥିଲା।

## ବୈଭବଙ୍କ ପାଇଁ ଏବେ ଅପେକ୍ଷାର ସମୟ



ନୂଆଦିଲ୍ଲୀ,୭।୧୦(ଏଜେନ୍ସି): ବୟସ ମାତ୍ର ୧୫। କିନ୍ତୁ କମ୍ ବୟସରେ ଭାରତୀୟ କ୍ରିକେଟରେ ନିଜ ପାଇଁ ଏକ ବଡ଼ ପରିଚୟ ସୃଷ୍ଟି କରିସାରିଛନ୍ତି ବୈଭବ ସୂର୍ଯ୍ୟବଂଶୀ। ଆଇପିଏଲରେ ବିସ୍ଫୋରକ ବ୍ୟାଟିଂଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ କ୍ରିକେଟରେ ରେକର୍ଡ—ସଫଳତା ତାଙ୍କୁ କ୍ରିକେଟ୍ ଦୁନିଆର ଚର୍ଚ୍ଚିତ ଚେହେରା କରିଛି। ହେଲେ ଏବେ ତାଙ୍କ କ୍ୟାରିୟରରେ ଆସିଛି ଏକ ଭିନ୍ନ ପରୀକ୍ଷା—ଅପେକ୍ଷା।

୨୦୨୬ରେ ଇଂଲଣ୍ଡ ବିପକ୍ଷରେ ଟି-୨୦ ଅନ୍ତର୍ଜାତୀୟ ପଦାର୍ପଣ କରି ବୈଭବ ଇତିହାସ ରଚିଥିଲେ। ୧୫ ବର୍ଷ ୯ ୯ ଦିନ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ସେ ସଚିନ ତେନ୍ଦୁଲକରଙ୍କ ଦୀର୍ଘଦିନର ରେକର୍ଡ ଭାଙ୍ଗିଥିଲେ। ପରେ ଜିମ୍ବାୱେ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ରେ ସବୁଠାରୁ କମ୍ ବୟସରେ ଅର୍ଦ୍ଧଶତକ ହାସଲକାରୀ ହୋଇଥିଲେ। ଏହାପରେ ଏସିଆନ୍ ଗେମ୍ସରେ ମଧ୍ୟ ତାଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଥିଲା। ଶ୍ରୀଲଙ୍କା ବିପକ୍ଷରେ ୨୧ ବଲ୍ରୁ ୩୮ ରନ୍ କରି ସେ ନିଜ କ୍ଷମତାର ପରିଚୟ ଦେଇଥିଲେ। ଅନ୍ୟପକ୍ଷରେ ଆଫଗାନିସ୍ତାନ ଓ ଜାପାନ ବିପକ୍ଷ ମ୍ୟାଚ୍ରେ ସେ ଖେଳିବାର ସୁଯୋଗ ପାଇନଥିଲେ।

ପଶ୍ଚିମ ଇଣ୍ଡିଜ୍ ବିପକ୍ଷ ପାଞ୍ଚ ମ୍ୟାଚର ଟି-୨୦ ସିରିଜ୍ରେ ମଧ୍ୟ ତାଙ୍କୁ ପ୍ରଥମ ମ୍ୟାଚରେ ପ୍ଲେୟିଂ ଇଲେଭେନରେ ସ୍ଥାନ ମିଳିନଥିଲା। ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ମ୍ୟାଚ୍ ଦେଖିବାକୁ ପ୍ରାୟ ୪୫ ହଜାର ଦର୍ଶକ ପହଞ୍ଚିଥିଲେ ଏବଂ ବୈଭବଙ୍କୁ ମଇଦାନରେ ଦେଖିବା ପାଇଁ ଦର୍ଶକଙ୍କ ଉତ୍ସାହ ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଥିଲା। ତେବେ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ସ୍ପଷ୍ଟ କରିଛନ୍ତି ଯେ, ଭଲ ଫର୍ମରେ ଥିଲେ ମଧ୍ୟ ପ୍ରତ୍ୟେକ ଖେଳାଳିଙ୍କୁ ତୁରନ୍ତ ସୁଯୋଗ ଦେବା ସମ୍ଭବ ନୁହେଁ। ଦଳରେ ଦୀର୍ଘଦିନ ଧରି ଭଲ ପ୍ରଦର୍ଶନ କରୁଥିବା ଖେଳାଳି ଥିବାରୁ ନୂଆ ଖେଳାଳିଙ୍କୁ ନିଜ ସୁଯୋଗ ପାଇଁ ଅପେକ୍ଷା କରିବାକୁ ପଡ଼ିବ। ବୈଭବଙ୍କ ସହ ଏ ନେଇ ଆଲୋଚନା କରି ଗମ୍ଭୀର ତାଙ୍କୁ ପରିସ୍ଥିତି ବୁଝାଇଥିବା କହିଛନ୍ତି।

ଭାରତୀୟ ବୋଲିଂ ପ୍ରଶିକ୍ଷକ ମୋର୍ନେ ମର୍କେଲ୍ ମଧ୍ୟ ବୈଭବଙ୍କ ଏହି ଅପେକ୍ଷା ସମୟକୁ ତାଙ୍କ ବିକାଶର ଅଂଶ ବୋଲି ଦେଖୁଛନ୍ତି। ପ୍ଲେୟିଂ ଇଲେଭେନରେ ନଥିଲେ ମଧ୍ୟ ଡ୍ରେସିଂ ରୁମ୍, ଡଗ୍ଆଉଟ୍ ଓ ଦଳର ଅଭିଜ୍ଞ ଖେଳାଳିଙ୍କ ସହ ରହିବା ତାଙ୍କ ପାଇଁ ଶିକ୍ଷଣୀୟ ବୋଲି ମର୍କେଲ୍ କହିଛନ୍ତି। ସେ ବୈଭବଙ୍କୁ ପ୍ରତିଦିନ ପଚାରୁଛନ୍ତି—ଟ୍ରେନିଂ କିମ୍ବା ମ୍ୟାଚ୍ରୁ ସେ ନୂଆ କ'ଣ ଶିଖିଲେ। ଏହା ତାଙ୍କୁ ଖେଳକୁ ଆହୁରି ଗଭୀର ଭାବେ ବୁଝିବାରେ ସହାୟକ ହେବ ବୋଲି ମର୍କେଲଙ୍କ ମତ। ବୈଭବଙ୍କ ଆଗରେ ଏବେ ଏକ ଦୀର୍ଘ କ୍ୟାରିୟର୍। ଆଇପିଏଲ୍ ଓ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭରୁ ମିଳିଥିବା ଚର୍ଚ୍ଚା ତାଙ୍କ ପାଇଁ ଯେତିକି ବଡ଼ ସୁଯୋଗ, ସେତିକି ବଡ଼ ଦାୟିତ୍ୱ ମଧ୍ୟ। ଏବେ ତାଙ୍କୁ ନିଜ ପ୍ରତିଭା ସହ ଧୈର୍ଯ୍ୟ, ଶୃଙ୍ଖଳା ଓ ମାନସିକ ଦୃଢ଼ତାର ପରୀକ୍ଷା ଦେବାକୁ ହେବ। ଚର୍ଚ୍ଚାକୁ ପଛରେ ପକାଇ ଠିକ୍ ସୁଯୋଗକୁ ଅପେକ୍ଷା କରିବା—ଏହା ହିଁ ଏବେ ବୈଭବଙ୍କ ପରବର୍ତ୍ତୀ ବଡ଼ ଚ୍ୟାଲେଞ୍ଜ।

## ଭୁଲ୍ ସ୍ୱୀକାର କର, ଦଣ୍ଡ ମାନ: ମାଞ୍ଚେଷ୍ଟର ସିଟିକୁ ଲିନେକରଙ୍କ ପରାମର୍ଶ

ଲଣ୍ଡନ,୭।୧୦(ଏଜେନ୍ସି): ପ୍ରିମିୟର ଲିଗର ଆର୍ଥିକ ନିୟମ ଉଲ୍ଲଂଘନ ମାମଲାରେ ମାଞ୍ଚେଷ୍ଟର ସିଟି ନିଜ ଭୁଲ୍ ସ୍ୱୀକାର କରି ଯେଉଁ ଦଣ୍ଡ ଆସିବ, ତାହା ଗ୍ରହଣ କରିବା ଉଚିତ। ଇଂଲଣ୍ଡର ପୂର୍ବତନ ଅଧିନାୟକ ଗ୍ୟାରି ଲିନେକର ଏଭଳି ମତ ଦେଇଛନ୍ତି। ତାଙ୍କ ମତରେ, ଏହା କଲେ ମାମଲାରେ ଏକ ଅନ୍ତ ଟାଣିବା ସହ ମାଞ୍ଚେଷ୍ଟର ସିଟି ଏବଂ ସମଗ୍ର ଇଂଲିଶ୍ ଫୁଟବଲର କ୍ଷତିଗ୍ରସ୍ତ ଭାବମୂର୍ତ୍ତିକୁ କିଛି ମାତ୍ରାରେ ସୁଧାରିହେବ।

ପ୍ରିମିୟର ଲିଗର ସ୍ୱାଧୀନ କମିସନ ଗତ ସେପ୍ଟେମ୍ବର ୨୯ରେ ୨୦୦୯-୧୦ରୁ ୨୦୧୭-୧୮ ପର୍ଯ୍ୟନ୍ତ ୯ଟି ସିଜନରେ ମାଞ୍ଚେଷ୍ଟର ସିଟି ଆର୍ଥିକ ନିୟମର ଗୁରୁତର ଉଲ୍ଲଂଘନ କରିଥିବା ନେଇ ରାୟ ଦେଇଥିଲେ। କ୍ଲବ୍ ପକ୍ଷରୁ କେତେକ 'ଶାମ୍' ବା ଭୁଲ୍ ବାଣିଜ୍ୟିକ ଚୁକ୍ତି ମାଧ୍ୟମରେ ଆୟକୁ କୃତ୍ରିମ ଭାବେ ବଢ଼ାଇବା ଏବଂ ଖର୍ଚ୍ଚକୁ କମ୍ ଦେଖାଯାଇଥିବା ତଦନ୍ତରେ ସାମ୍ନାକୁ ଆସିଥିଲା। ପ୍ରିମିୟର ଲିଗର ଅଭିଯୋଗ ଅନୁସାରେ, ଏହି ବ୍ୟବସ୍ଥାର ପ୍ରଭାବ ୯୦୦ ନିୟୁତ ପାଉଣ୍ଡରୁ ଅଧିକ ଥିଲା। ଏଥିସହ ତଦନ୍ତରେ ସହଯୋଗ ନକରିବା ନେଇ ମଧ୍ୟ କ୍ଲବ୍ ବିରୋଧରେ ଅଧିକାଂଶ ଅଭିଯୋଗ ପ୍ରମାଣିତ ହୋଇଥିଲା।

ତେବେ ମାଞ୍ଚେଷ୍ଟର ସିଟି ଏହି ରାୟକୁ ଗ୍ରହଣ କରିନାହିଁ। କ୍ଲବ୍ ପକ୍ଷରୁ ଆପିଲ୍ କରାଯାଇଥିବା ବେଳେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରାଯାଇଛି। ଆପିଲର ଶୁଣାଣି ବନ୍ଦ ଦ୍ୱାର ପଛରେ ହେବ ଏବଂ ଦଣ୍ଡ କେବେ ଘୋଷଣା ହେବ କିମ୍ବା ତାହା ତୁରନ୍ତ ଲାଗୁ ହେବ କି ନାହିଁ, ସେନେଇ ଏବେ ମଧ୍ୟ ସ୍ପଷ୍ଟତା ନାହିଁ। ଲଣ୍ଡନର ଲିଡର୍ସ ୱିକ୍ ସ୍ପୋର୍ଟ୍ସ ଇଣ୍ଡଷ୍ଟ୍ରି ସମ୍ମିଳନୀରେ ଲିନେକର କହିଛନ୍ତି, "ମାଞ୍ଚେଷ୍ଟର ସିଟି ପାଇଁ ଏହା ନିଶ୍ଚିତ ଭାବେ ଖରାପ ଦେଖାଯାଉଛି, ଏବଂ ଖେଳ ପାଇଁ ମଧ୍ୟ ଏହା କ୍ଷତିକାରକ। ମୁଁ ଚାହେଁ ସିଟି ଏହାକୁ ସ୍ୱୀକାର କରୁ ଏବଂ କହୁ—ଆମେ ଭୁଲ୍ କରିଛୁ। ଖେଳର ସ୍ୱାର୍ଥ ପାଇଁ ଯେଉଁ ଦଣ୍ଡ ଆସିବ, ତାହାକୁ ଗ୍ରହଣ କରି ଆଗକୁ ବଢ଼ିବୁ।" ସିଟିର ଏହି ମାମଲାର ପ୍ରଭାବରେ ଦଳର ପୂର୍ବତନ ସଫଳତା ମଧ୍ୟ ପ୍ରଶ୍ନଘେରକୁ ଆସିପାରେ। ବିବାଦୀୟ ସମୟସୀମାରେ କ୍ଲବ୍ ତିନିଥର ପ୍ରିମିୟର ଲିଗ୍ ଚାମ୍ପିଅନ୍ ହୋଇଥିଲା। ଏହି ଟାଇଟଲ୍ଗୁଡ଼ିକ ଛଡ଼ାଇ ନିଆଯାଇପାରେ କି ବୋଲି ପଚରାଯିବାରେ ଲିନେକର କହିଛନ୍ତି, ଏଭଳି ପରିଣାମ ଆସିଲେ ସେ ଆଶ୍ଚର୍ଯ୍ୟ ହେବେ ନାହିଁ। ତେବେ ଏଭଳି ଦଣ୍ଡର ସବୁଠାରୁ ବଡ଼ ପ୍ରଭାବ ଖେଳାଳି ଓ ପ୍ରଶଂସକଙ୍କ ଉପରେ ପଡ଼ିବ ବୋଲି ଲିନେକର ମତ ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ମାମଲା ଯେତେ ଗୁରୁତର ହେଉନା କାହିଁକି, ଏହାର ଅନ୍ତିମ ପରିଣାମରେ କ୍ଲବ୍ର ଖେଳାଳି ଓ ସମର୍ଥକମାନେ ହିଁ ଅଧିକ କ୍ଷତିଗ୍ରସ୍ତ ହେବେ। ମାଞ୍ଚେଷ୍ଟର ସିଟି ବର୍ତ୍ତମାନ ରାୟ ବିରୋଧରେ ଆଇନଗତ ଲଢ଼େଇ ଜାରି ରଖିଛି। ତେଣୁ ଆଗାମୀ ଦିନରେ ଏହି ମାମଲାର ରାୟ ଓ ସମ୍ଭାବ୍ୟ ଦଣ୍ଡ ଇଂଲିଶ୍ ଫୁଟବଲରେ ବଡ଼ ପ୍ରଭାବ ପକାଇବା ନିଶ୍ଚିତ।

## ସର୍ବଭାରତୀୟ ବେସାମରିକ ଫୁଟବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ଖେଳାଳି ଚୟନ

ଭୁବନେଶ୍ୱର,୭।୧୦(ସବ୍ୟୁ): ଗୋଆର ବାମ୍ବୋଲିମ ସ୍ଥିତ ଅଟଳ ଷ୍ଟାଡିୟମ ଓ ଫଟୋର୍ଦା ସ୍ଥିତ ପଣ୍ଡିତ ଜବାହରଲାଲ ନେହରୁ ଷ୍ଟାଡିୟମରେ ସର୍ବଭାରତୀୟ ବେସାମରିକ ଫୁଟବଲ ପ୍ରତିଯୋଗିତା ନଭେମ୍ବର ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା ଆଗାମୀ ରବିବାର ୟୁନିଟ୍-୬ ଫୁଟବଲ ଗ୍ରାଉଣ୍ଡରେ ହେବାକୁଯାଉଛି। ଏହି ପ୍ରତିଯୋଗିତାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଏହି ଖେଳରେ ଯେଉଁମାନେ ଭାଗ ନେବାକୁ ଚାହାଁନ୍ତି, ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ / ଅଫିସ ପରିଚୟ ପତ୍ର ସହ ଏକ ପାସଫୋଟ ଏବଂ ନିଜ ବିଭାଗ ଓ ଅଫିସରେ ଏନଓସି ସାର୍ଟିଫିକେଟ ସାଙ୍ଗରେ ଆଣି ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରି ଚୟନ ପ୍ରକିୟାରେ ଭାଗ ନେଇପାରିବେ। ଅଧିକ ସୂଚନା ପାଇଁ ହରପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭), ନୃସିଂହ ଚରଣ ପୃଷ୍ଟି (୯୯୩୭୯୩୬୧୭୫)ଙ୍କୁ ଯୋଗାଯୋଗ କରିପାରିବେ।

# ରାଇଜିଂ ଟୁଗେଦର' ଭିଜନରେ ଭାରତର ୨୦୩୬ ଅଲିମ୍ପିକ୍ ଲକ୍ଷ୍ୟ

'ନୂଆଦିଲ୍ଲୀ: ୨୦୩୬ ଅଲିମ୍ପିକ୍ ଓ ପାରାଲିମ୍ପିକ୍ ଆୟୋଜନ କରିବା ଲାଗି ଭାରତ ନିଜ ଦାବିକୁ ଆହୁରି ମଜଭୁତ କରିଛି। ଏହି ଲକ୍ଷ୍ୟ ପାଇଁ ଭାରତ ନିଜର ଭିଜନ୍ 'ରାଇଜିଂ ଟୁଗେଦର' ଘୋଷଣା କରିଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ଓ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଅଧ୍ୟକ୍ଷା ପି.ଟି. ଉଷା ଏହି ଭିଜନ୍ ଘୋଷଣା କରିଛନ୍ତି। ଭାରତର ପ୍ରସ୍ତାବିତ ଆୟୋଜକ ସହର ହେଉଛି ଅହମଦାବାଦ। ଭାରତ ପ୍ରଥମଥର ପାଇଁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ ଆୟୋଜନ କରିବାକୁ ଆଗ୍ରହ ପ୍ରକାଶ କରିଛି। ୦୨୪ରେ ଭାରତ ଆୟୋଜନ ଅଧିକାର ପାଇଁ ନିଜର 'ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ' ଦାଖଲ କରିଥିଲା। ଏବେ ଭାରତ ସମେତ ଜର୍ମାନୀ, ହଙ୍ଗେରୀ, କାତାର, ଦକ୍ଷିଣ କୋରିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କିଏ ୨୦୩୬ ଅଲିମ୍ପିକ୍ ଆୟୋଜନ ଦୌଡ଼ରେ ରହିଛନ୍ତି। ଭାରତର 'ରାଇଜିଂ ଟୁଗେଦର' ଭିଜନର ମୂଳ ଲକ୍ଷ୍ୟ ହେଉଛି କ୍ରୀଡ଼ାକୁ ଦେଶର ସାମାଜିକ ଓ ଆର୍ଥିକ ବିକାଶର ଏକ ପ୍ରମୁଖ ମାଧ୍ୟମରେ ପରିଣତ କରିବା। ଅଲିମ୍ପିକ୍ ଆୟୋଜନ ମାଧ୍ୟମରେ ଦେଶର ଲକ୍ଷ ଲକ୍ଷ ଯୁବକଯୁବତୀଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା, ସୁସ୍ଥ ଓ ସକ୍ରିୟ ସମାଜ ଗଠନ କରିବା ସହ ଶିକ୍ଷା, ରୋଜଗାର ଓ ଯୁବ ସଶକ୍ତୀକରଣରେ ନୂଆ ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ରହିଛି। ଭାରତର ପ୍ରସ୍ତାବକୁ ନେଇ ଆଇଓଏ ଅଧ୍ୟକ୍ଷା ପି.ଟି. ଉଷା କହିଛନ୍ତି, 'ରାଇଜିଂ ଟୁଗେଦର' କେବଳ ଏକ ସ୍ଲୋଗାନ୍ ନୁହେଁ; ଏହା ଦେଶର ଶକ୍ତି, ଆକାଂକ୍ଷା ଓ ବିବିଧତାକୁ ଏକାଠି କରିବାର ପ୍ରତିବଦ୍ଧତା। ଯୁବ ଓ ଉଦୀୟମାନ ଭାରତର ଆତ୍ମବିଶ୍ୱାସକୁ ଅଲିମ୍ପିକ୍ ମଞ୍ଚରେ ପ୍ରଦର୍ଶନ କରିବା ଏହାର ଉଦ୍ଦେଶ୍ୟ। ନଭେମ୍ବରରେ ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର 'ଫ୍ୟୁଚର ହୋଷ୍ଟ କମିସନ୍' ସମ୍ମୁଖରେ ଭାରତ ସମେତ ଆଗ୍ରହୀ ଦେଶଗୁଡ଼ିକ ନିଜ ଗେମ୍ସ ପ୍ରକଳ୍ପ ଉପସ୍ଥାପନ କରିବେ। ଭେନ୍ୟୁ ମାଷ୍ଟର ପ୍ଲାନ୍, ଖେଳାଳିଙ୍କ ଅଭିଜ୍ଞତା, ଆର୍ଥିକ ଯୋଜନା, ଜନସମର୍ଥନ, ଆୟୋଜନ କ୍ଷମତା ଓ ଦୀର୍ଘମିଆଦୀ ଐତିହ୍ୟ ଆଦି ଆଧାରରେ ଆଇଓସି ପ୍ରସ୍ତାବଗୁଡ଼ିକର ମୂଲ୍ୟାୟନ କରିବ। ୨୦୨୭ରେ ସମ୍ଭାବ୍ୟ ଆୟୋଜକଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ ହେବ ଏବଂ ୨୦୨୮ରେ ପରବର୍ତ୍ତୀ ପର୍ଯ୍ୟାୟର ଆଲୋଚନା ହେବ। ୨୦୩୬ ଅଲିମ୍ପିକ୍ସ ଆୟୋଜକ ଦେଶ ଚୟନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ୨୦୨୯ରେ ହେବ।

## ଦକ୍ଷ, ଉନ୍ନତ କ୍ରିକେଟ୍ ଖେଳାଳିଙ୍କ ପ୍ରଶିକ୍ଷଣ ପାଇଁ ନୂଆ ପଦକ୍ଷେପ




ଭୁବନେଶ୍ୱର,୭।୧୦(ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ପରିସରରେ ପ୍ରତିଷ୍ଠା ହୋଇଥିବା ହାଇଟେକ୍ କ୍ରିକେଟ୍ ଏକାଡେମୀ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଦକ୍ଷ ତଥା ଉନ୍ନତମାନର କ୍ରିକେଟ୍ ଖେଳାଳି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି। ହାଇଟେକ୍ ଗ୍ରୁପ୍ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ଉଦ୍ୟମରେ ଏହି ଏକାଡେମୀ ଆରମ୍ଭ ହୋଇଛି। ଦେଶରେ କ୍ରିକେଟ୍ର ଲୋକପ୍ରିୟତା ବୃଦ୍ଧି ପାଉଥିବାବେଳେ ଓଡ଼ିଶାର ଯୁବ ପ୍ରତିଭାଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ଆବଶ୍ୟକ ସୁଯୋଗ ଦେବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଏକାଡେମୀର ନିର୍ଦ୍ଦେଶକ ଲଲିତେନ୍ଦୁ ମହାନ୍ତିଙ୍କ କହିବାନୁସାରେ, ରାଜ୍ୟରେ କ୍ରିକେଟ୍ ଖେଳାଳିଙ୍କ ପାଇଁ ଭଲ ପଡ଼ିଆ ମିଳୁଥିବା ବେଳେ ହାଇଟେକ୍ କ୍ରିକେଟ୍ ଏକାଡେମୀ ଉନ୍ନତମାନର ପ୍ରଶିକ୍ଷଣ ସହ ଦକ୍ଷ କୋଚିଂ ବ୍ୟବସ୍ଥା କରିଛି। ଗତ ୭ ବର୍ଷ ମଧ୍ୟରେ ଏହି ଏକାଡେମୀରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ଉଦୀୟମାନ ଯୁବ କ୍ରିକେଟର୍ମାନେ ଆସି କୋଚିଂ ନେଇଛନ୍ତି। ଏଠାରୁ ପ୍ରଶିକ୍ଷଣ ନେଇଥିବା ଅନେକ ଖେଳାଳି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଏକାଡେମୀରେ ଅଭିଜ୍ଞ କୋଚ୍, ଟ୍ରେନର ଓ ଫିଜିଓଙ୍କ ତତ୍ତ୍ୱାବଧାନରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହାସହ ସ୍ପୋର୍ଟ୍ସ ହଷ୍ଟେଲ ବ୍ୟବସ୍ଥା ସହ ୧୦ ଦିନିଆ ପ୍ରସ୍ତୁତି ଶିବିର, ସ୍କିଲ୍ ବୋଲିଂ ଓ ବ୍ୟାଟିଂ କୋଚିଂ ଆଦିର ସୁବିଧା ରହିଛି। ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଥିବା ଯୁବ କ୍ରିକେଟର୍ମାନେ ଏଠାରେ ପ୍ରଶିକ୍ଷଣ ନେଇ ନିଜ ପ୍ରତିଭା ବିକାଶ କରିପାରିବେ। ଅଧିକ ଜାଣିବା ପାଇଁ ୯୦୦୩୦୪୪୯୯୩ ଓ ୮୪୬୯୭୭୯୭୯୪ ନମ୍ବରରେ ଯୋଗାଯୋଗ କରାଯାଇପାରିବ। ସବୁଠାରୁ ବଡ଼କଥା ହେଲା, ଯୁବତୀ ଓ ୧୫ ବର୍ଷରୁ କମ୍ ବୟସର କ୍ରିକେଟ୍ ପ୍ରତିଭାଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ଉନ୍ନତ କ୍ରିକେଟ୍ ତାଲିମ ଶିବିର ଆୟୋଜନ କରାଯିବ। କ୍ରିକେଟ୍ରେ ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଯୁବ ପ୍ରତିଭାଙ୍କ ପାଇଁ ହାଇଟେକ୍ କ୍ରିକେଟ୍ ଏକାଡେମୀ ଏକ ନୂଆ ମଞ୍ଚ ହେବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି